# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ♦VOLUME- 43 ♦ISSUE-106 ♦SUNDAY ♦12 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୬ ♦ରବିବାର ♦୧୨ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)







## ଆର୍‌ଜି କର ଡାକ୍ତରଖାନା ଘଟଣାର ପୁନରାବୃତ୍ତି

# ପଶ୍ଚିମବଙ୍ଗରେ ପୁଣି ଲଜ୍ଜା ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୧।୧୦ (ସମିସ):** ପଶ୍ଚିମବଙ୍ଗରେ ପୁଣି ଲଜ୍ଜା। ଆର୍‌ଜି କର ଡାକ୍ତରଖାନା ଛାତ୍ରୀ ଦୁଷ୍କର୍ମ ଘଟଣା ଭଳି ଆଉ ଏକ ଲୋମହର୍ଷକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୋଲକାତାଠାରୁ ପ୍ରାୟ ୧୭୦କି.ମି. ଦୂର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁରର ଶୋଭାପୁର ନିକଟରେ ଅବସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିବା ଓଡ଼ିଶାର ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ। ଶୁକ୍ରବାର ରାତିରେ ଛାତ୍ରୀଜଣଙ୍କ ନିଜର କିଛି ସାଙ୍ଗଙ୍କ ସହ କଲେଜ କ୍ୟାମ୍ପସ ବାହାରକୁ ରାତ୍ରିଭୋଜନ ପାଇଁ ଯାଇଥିବା ବେଳେ ତାଙ୍କ ସହ ଏହି ବର୍ବରୋଚିତ ଘଟଣା ଘଟିଛି। ରାତି ପ୍ରାୟ ୧୦ଟାରେ ୩ ଜଣ ଅଭିଯୁକ୍ତ ଏହି ଛାତ୍ରୀଙ୍କୁ କଲେଜ ନିକଟ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ମେଡିକାଲ କଲେଜର କର୍ମଚାରୀ, ଛାତ୍ରୀଙ୍କ ସାଙ୍ଗ ଓ ଅନ୍ୟ କିଛି ବ୍ୟକ୍ତିଙ୍କୁ ପଚରାଉଚରା କରି ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ▶ପୃଷ୍ଠା-୭



**ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ; ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମମତାଙ୍କୁ କଲେ ଅନୁରୋଧ**

**ପଶ୍ଚିମବଙ୍ଗ ଯିବ ଓଡ଼ିଶା ପୁଲିସର ସ୍ୱତନ୍ତ୍ର ମହିଳା ଟିମ୍**



# ନବୀନ ନିବାସରେ ପିଏସି ବୈଠକ

**ଖୁବଶୀଘ୍ର ଘୋଷଣା ହେବେ ନୂଆପଡ଼ା ପ୍ରାର୍ଥୀ**


**ନବୀନଙ୍କ ଉପରେ ଆସ୍ଥା ଅତୁଟ, ଦଳୀୟ ପ୍ରାର୍ଥୀ ବହୁ ଭୋଟରେ ଜିତିବା ନେଇ ପ୍ରମିଳାଙ୍କ ଦୃଢ଼ୋକ୍ତି**

■ **ଭୁବନେଶ୍ୱର, ୧୧।୧୦ (ସମିସ):** ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବିଭିନ୍ନ ସମସ୍ୟା, ରାଜ୍ୟ ସରକାରଙ୍କ ବିଫଳତା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ମୁଖ୍ୟ ସଚେତିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ସହ ନୂଆପଡ଼ା ଉପନିର୍ବାଚନ ନେଇ ଆଲୋଚନା କରାଯାଇଛି। ଖୁବଶୀଘ୍ର ଦଳୀୟ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ। ଆମ ପ୍ରାର୍ଥୀ ବହୁ ଭୋଟରେ ନୂଆପଡ଼ା ଉପ ନିର୍ବାଚନ ଜିତିବେ ବୋଲି ଶ୍ରୀମତି ମଲ୍ଲିକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

# ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'



■ **ଭୁବନେଶ୍ୱର, ୧୧।୧୦ (ସମିସ):** ଓଡ଼ିଶାର ଅନ୍ତର୍ଜାତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ୨୦୨୫ ବର୍ଷ ଲାଗି ସମ୍ମାନଜନକ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯିବ। ସୁଶ୍ରୀ ପଣ୍ଡାଙ୍କୁ ପୁରସ୍କାର ବାବଦରେ ମାନପତ୍ର, ସ୍ମୃତି ଫଳକ ଓ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ରାଜ୍ୟର ଅନ୍ୟ ଦୁଇ ମହିଳା କ୍ରୀଡ଼ାବିତ୍ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯିବ। ଉଭୟଙ୍କୁ ମାନପତ୍ର, ସ୍ମୃତିଫଳକ ସହ ୧.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ▶ପୃଷ୍ଠା-୭

# ଚୀନ୍‌କୁ ଟ୍ରମ୍ପ ପ୍ରହାର





## ଲଗାଇଲେ ଶହେ ପ୍ରତିଶତ ଶୁଳ୍କ

ୱାସିଂଟନ, ୧୧।୧୦ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ବଡ଼ ଶୁଳ୍କ ପ୍ରହାର କରିଛନ୍ତି। ସେ ବେଜିଂ ଉପରେ ଶହେ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଶୁକ୍ରବାର ଘୋଷଣା କରିଛନ୍ତି। ଏହି ନୂଆ ଶୁଳ୍କ ନଭେମ୍ବର ୧ରୁ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ଏଥିସହିତ ଟ୍ରମ୍ପ ପୁଣି ଆଉ ଏକ ଶୁଳ୍କ ଯୁଦ୍ଧକୁ ଆହ୍ୱାନ ଦେଉଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଅଧିକ ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଟ୍ରମ୍ପ ପୂର୍ବରୁ ଚୀନ୍ ଉପରେ ୩୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ନୂଆକୁ ମିଶାଇ ବେଜିଂ ଉପରେ ମୋଟ ୧୩୦ ପ୍ରତିଶତ ଶୁଳ୍କ ଲଗାଗଲାଣି। ଏହା ଅନ୍ୟ ଦେଶ ଉପରେ ଲଗାଯାଇଥିବା ଶୁଳ୍କ ତୁଳନାରେ ସର୍ବାଧିକ।

### ରେୟାର ଆର୍ଥ ମ୍ୟାଟେରିଆଲରେ ରପ୍ତାନୀ କଟକଣା ଯୋଗୁଁ ଟ୍ରମ୍ପ କ୍ଷୁବ୍ଧ

### ଚୀନ୍ ବିଶ୍ୱକୁ ବନ୍ଦୀ ବନାଇବାକୁ ପ୍ରୟାସ କରୁଛି

କେବଳ ସେତିକି ନୁହେଁ, ଚୀନ୍ ଉପରେ ଡିଜିଟାଲ ପ୍ରହାର କରିବାକୁ ମଧ୍ୟ ଟ୍ରମ୍ପ ଚାହୁଁଛନ୍ତି। ସେ ନଭେମ୍ବର ୧ରୁ ସବୁ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେରର ରପ୍ତାନୀ ଉପରେ ନିୟନ୍ତ୍ରଣ କରିବାକୁ କହିଛନ୍ତି। ରେୟାର ଆର୍ଥ ମ୍ୟାଟେରିଆଲ ତଥା ବିରଳ ଖଣିଜ ପଦାର୍ଥ ଉପରେ ଚୀନ୍‌ର କଠୋର କଟକଣା ଲଗାଇବାରୁ ଟ୍ରମ୍ପ ଏହି ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହାର ନକରାତ୍ମକ ପ୍ରଭାବ ଆମେରିକା ଉପରେ ପଡ଼ିଛି। ଶୁକ୍ରବାର ଆମେରିକା ସେୟାର ବଜାରରେ ଭୂକମ୍ପ ଆସିଛି। ଦିନକରେ ନିବେଶକମାନଙ୍କର ୧.୫ ଟ୍ରିଲିୟନ ଡଲାର କ୍ଷତି ହୋଇଛି। କିନ୍ତୁ ଚୀନ୍ ଉପରେ ଟ୍ରମ୍ପ ଲଗାଇଥିବା ଶୁଳ୍କ ଭାରତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସୂଚନା ଅନୁଯାୟୀ, ଚୀନ୍ ଗତ ୯ ତାରିଖରେ 'ରେୟାର ଆର୍ଥ'ର ରପ୍ତାନୀକୁ ଅଧିକ କଡ଼ାକଡି କରିଦେଇଥିଲା। ଏହି ନୂଆ ନିୟମ ଅନୁସାରେ ଚୀନ୍‌ର ବିରଳ ଖଣିଜ ପଦାର୍ଥ କିମ୍ବା ଜ୍ଞାନକୌଶଳ ବ୍ୟବହାର କରୁଥିବା ବିଦେଶୀ କମ୍ପାନୀଙ୍କୁ ଲାଇସେନ୍ସ ନେବାକୁ ପଡ଼ିବ। ମାତ୍ର ବିଦେଶୀ ସେନା ସହ ଜଡ଼ିତ କମ୍ପାନୀଙ୍କୁ ଏହି ଲାଇସେନ୍ସ ପ୍ରଦାନ କରାଯିବ ନାହିଁ ବୋଲି ଚୀନ୍ ସ୍ପଷ୍ଟ କରିଦେଇଛି। ଏହାକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଚୀନ୍‌ର ଏହି ନିଷ୍ପତ୍ତି ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ର ପାଇଁ ସମସ୍ୟା ସୃଷ୍ଟି କରିବ। ଏଭଳି କଟକଣା ଲଗାଇ ଚୀନ୍ ଶତ୍ରୁତାପୂର୍ଣ୍ଣ ଆଚରଣ କରୁଛି। ଏହି ଦେଶ ବିଶ୍ୱକୁ ବନ୍ଦୀ କରି ରଖିବାକୁ ପ୍ରୟାସ କରୁଛି। ଯଦି ଚୀନ୍ ପୁଣି କୌଣସି ପଦକ୍ଷେପ ନିଏ ତେବେ ତାହା ଉପରେ ଖୁବଶୀଘ୍ର ଶୁଳ୍କ ଲଗାଇ ଦିଆଯିବ। ସୂଚନା ଅନୁଯାୟୀ ଚୀନ୍ ପାଖରେ ୧୭ଟି ବିରଳ ଖଣିଜ ପଦାର୍ଥ ରହିଛି। ସେ ଏହାକୁ ଅନ୍ୟ ଦେଶକୁ ରପ୍ତାନୀ କରୁଛି। ଇଲେକ୍ଟ୍ରୋନିକ ସାମଗ୍ରୀ, ଇଭି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ହେଉଛି। ଚୀନ୍ ପୂର୍ବରୁ ୭ ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ନିୟନ୍ତ୍ରଣ ରଖିଥିଲା। କିନ୍ତୁ ଗତ ୯ ତାରିଖରେ ଏଥିରେ ଆଉ ୫ଟିକୁ ସାମିଲ କରିଥିଲା।

## ରୋହତକ ଏସ୍‌ପିଙ୍କୁ ପଦରୁ ହଟାଗଲା

ରୋହତକ, ୧୧।୧୦(ଏଜେନ୍ସି): ହରିୟାଣାର ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲାରେ ଏକ ବଡ଼ ଧରଣର ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ଏହି ମାମଲା ସହିତ ଜଡ଼ିତ ଥିବା ଅଭିଯୋଗରେ ବରିଷ୍ଠ ପୁଲିସ ଅଧିକାରୀ ତଥା ରୋହତକ ଏସ୍‌ପି ନରେନ୍ଦ୍ର ବିଜାରନିଆଙ୍କୁ ପଦରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଆଇପିଏସ୍ ଅଧିକାରୀ ସୁରିନ୍ଦର ସିଂ ଭୋରିଆଙ୍କୁ ନୂଆ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି ଓ ବିଜାରନିଆଙ୍କ ନିଯୁକ୍ତି ନେଇ ପୃଥକ ନିର୍ଦ୍ଦେଶ ଜାରି କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପୁରନ କୁମାର ଗତ ମଙ୍ଗଳବାର ଚଣ୍ଡିଗଡ଼ସ୍ଥିତ ନିଜ ସରକାରୀ ବାସଭବନରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଘଟଣାସ୍ଥଳରୁ ତାଙ୍କର ଏକ ୯ ପୃଷ୍ଠାର ସୁଇସାଇଡ୍ ନୋଟ୍ ପୁଲିସ ଜବତ କରିଥିଲା। ଏଥିରେ ପୁରନ କୁମାର ୧୨ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଦେବା ଓ ଭେଦଭାବ କରିଥିବାର ଅଭିଯୋଗ କରିଥିଲେ। ଅନୁଚିତ ନୋଟିସ ଜାରି କରି ସମସ୍ୟାରେ ପକାଇବା ଓ ପୋଷ୍ଟିଂରେ ଭେଦଭାବ କରିବା ନେଇ ସେ ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ। ତାଙ୍କ ଆଇଏଏସ୍ ପତ୍ନୀ ଅମନୀତ ପୁରନ କୁମାରଙ୍କ ଅଭିଯୋଗ କ୍ରମେ ୧୩ ଜଣ ପୁଲିସ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ନେଇ ମଧ୍ୟ ରାଜନୀତି ଆରମ୍ଭ ହୋଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା, କଂଗ୍ରେସ ସାଂସଦ ରଣଦୀପ ସୂର୍ଯ୍ୟୱାଲା ଏହି ଘଟଣାକୁ ନିନ୍ଦା କରିବା ସହ ପ୍ରଶାସନିକ ଉତ୍ପୀଡନର ଗମ୍ଭୀର ପରିଣାମ ବୋଲି ଅଭିହିତ କରିଥିଲେ।

## ଚନ୍ଦ୍ରଶେଖରଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଭୀମ ଆର୍ମି ମୁଖ୍ୟ ତଥା ଉତ୍ତରପ୍ରଦେଶର ନାଗିନା ଲୋକସଭା ସାଂସଦ ଚନ୍ଦ୍ରଶେଖର ଆଜାଦ ରାବଣଙ୍କ ବିରୋଧରେ ତାଙ୍କ ବାନ୍ଧବୀ ରୋହିଣୀ ଘାବରୀ ଯୌନ ଶୋଷଣ ଓ ବ୍ଲାକମେଲ କରିବାର ଅଭିଯୋଗ ଆଣିଛନ୍ତି। ୪ ବର୍ଷ ହେବ ଆମେ ସମ୍ପର୍କରେ ଥିଲୁ ଓ ସମସ୍ତେ ଏ ବିଷୟରେ ଅବଗତ ଥିଲେ। କିନ୍ତୁ ସେ ସାଂସଦ ଭାବେ ନିର୍ବାଚିତ ହେବା ପରେ ସମ୍ପର୍କ ଶେଷ କରିବାକୁ କହୁଛନ୍ତି ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ସେ ମୋର ସବୁକିଛି ନଷ୍ଟ କରିଛନ୍ତି। ମୋର ଛବି ଓ ସଂଘର୍ଷ ସବୁ କିଛି ମାଟିରେ ମିଶିଛି ବୋଲି ରୋହିଣୀ କହିଛନ୍ତି। ରୋହିଣୀ ଜଣେ ପିଏଚ୍‌ଡି ସ୍କଲାର। ଏବେ ଏହିସବୁ ଅଭିଯୋଗ ନେଇ ରୋହିଣୀ ତାଙ୍କ ସହ ଆଇନଗତ ଲଢ଼େଇ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରି ନଥିବାରୁ ସେ ଚିନ୍ତିତ ଅଛନ୍ତି। ଚନ୍ଦ୍ରଶେଖର ନିଜର ବିବାହ କଥା ଲୁଚାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସେ ଓକିଲଙ୍କ ପରାମର୍ଶ କ୍ରମେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ରେକର୍ଡ କରିଛନ୍ତି ବୋଲି ରୋହିଣୀ କହିଛନ୍ତି। ରୋହିଣୀଙ୍କ ଘର ମଧ୍ୟପ୍ରଦେଶର ଇନ୍ଦୋରରେ। ସେ ସ୍ୱିଜରଲାଣ୍ଡର ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ପିଏଚ୍‌ଡି କରିବା ପାଇଁ ତାଙ୍କୁ ୧ କୋଟି ଟଙ୍କାର ସ୍କଲାର୍ସିପ ମିଳିଛି। ସେ ୫ ବର୍ଷ ହେବ ସ୍ୱିଜରଲାଣ୍ଡରେ ଚାକିରି କରୁଛନ୍ତି ଓ ଏନ୍‌ଜିଓ ଚଳାଉଛନ୍ତି। ସେ ୨୦୨୪ ମାର୍ଚ୍ଚ ୨୨ରେ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରି ଚର୍ଚ୍ଚାକୁ ଆସିଥିଲେ। ଚନ୍ଦ୍ରଶେଖର ୨୦୨୪ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ମସଜିଦ୍‌ରେ ମୌଲାନାଙ୍କ ପତ୍ନୀ, ଦୁଇ ଝିଅଙ୍କୁ ହତ୍ୟା

ଲକ୍ଷ୍ନୌ, ୧୧।୧୦(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତରେ ଜଣେ ମୌଲାନାଙ୍କ ପତ୍ନୀ ଓ ଦୁଇ ଝିଅଙ୍କୁ ନିର୍ମମଭାବେ ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସଛି। ୩ ଜଣଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମସଜିଦ୍‌ର ଉପରେଥିବା ପ୍ରକୋଷ୍ଠରୁ ମିଳିଛି। ମୌଲାନା ଇବ୍ରାହିମ୍ ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କୁ ସ୍ୱାଗତ କରିବାକୁ ସାହାରନପୁର ଯାଇଥିବା ବେଳେ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ବାଗପତର ଦୋଘଘଟ ଥାନା ଅଞ୍ଚଳର ଗାଙ୍ଗନୋଲି ଗାଁରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତହେହଗୁଡିକ ମିଳିବା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ମୃତ୍ୟୁବରଣ କରିଥିବା ମୌଲାନଙ୍କ ପତ୍ନୀ ହେଲେ ଇସରାନା (୩୦), ଝିଅ ସୋଫିଆ (୫) ଓ ଅମଖ୍ୟା (୨)। ହତ୍ୟାର କାରଣ ଜାଣିବା ପାଇଁ ପୁଲିସ ଯାଞ୍ଚ ଆରମ୍ଭ କରିଛି। ମୃତଦେହଗୁଡିକର ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ପୁଲିସ କହିଛି। ମୌଲାନା ଜଣକ ମସଜିଦ୍‌ରେ ନମାଜ ପଢ଼ାଇବାର କାର୍ଯ୍ୟ କରିଥାନ୍ତି। ନମାଜ ପଢ଼ିବାକୁ ଆସିଥିବା ଲୋକେ କୋଠରୀ ବାହାରେ ରକ୍ତ ବହୁଥିବାର ଦେଖିଥିଲେ। ପୁଲିସ ଏବେ ଲୋକଙ୍କୁ ପଚାରଉଚରା କରୁଛି। ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି। ୩ ଜଣଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଚୋଟ ମରାଯାଇଛି। ମୌଲାନାଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଏହି ହତ୍ୟାକାଣ୍ଡ ଘଟାଯାଇଛି। ଅପ୍ରୀତିକର ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରେ ରଖି ମସଜିଦ ନିକଟରେ ପୁଲିସ ଫୋର୍ସ ନିୟୋଜିତ କରାଯାଇଛି।

## ଦିଲ୍ଲୀରେ ବିହାର ନିର୍ବାଚନ ତାତି

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀ କ୍ଷମତା କେନ୍ଦ୍ର ପାଲଟି ଯାଇଛି। ଏବେ ରାଜ୍ୟର ଅନେକ ନେତା ଦିଲ୍ଲୀରେ ଏକାଠି ହୋଇଛନ୍ତି। ବିହାର ରାଜନୀତି ଦିଲ୍ଲୀକୁ ସ୍ଥାନାନ୍ତର ହୋଇଯାଇଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଦିଲ୍ଲୀରେ ବୈଠକର ଧାରା ଜାରି ରହିଛି। ଦଳସ୍ତରରେ ବୈଠକ ଜାରି ରହିଥିବା ବେଳେ ଉଭୟ ଏନ୍‌ଡିଏ ଓ ଇଣ୍ଡିଆ ମେଣ୍ଟରେ ଆସନ ବଣ୍ଟନକୁ ନେଇ ଅଙ୍କକଷା ଜାରି ରହିଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ ଆସନ ବୁଝାମଣାର ସୂତ୍ର ବାହାରି ପାରି ନାହିଁ। ଏଥିଯୋଗୁ ସମସ୍ତଙ୍କ ଦୃଷ୍ଟି ନୂଆଦିଲ୍ଲୀ ଉପରେ ରହିଛି।

ବିହାର କୁରୁକ୍ଷେତ୍ରର ସବୁ ମହାରଥୀ ଏବେ ଦିଲ୍ଲୀରେ ଡେରା ଜମାଇଛନ୍ତି। ଏଠାରେ ବିଜେପି-ଏଲଜେପି ବୈଠକ ହେଉଛି। ଚିରାଗ ପାଶ୍ୱାନ, ଜିତନ ରାମ ମାନ୍‌ଝୀ ଏବଂ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ଅଛନ୍ତି। ବିଜେପି ହେଉ କି କଂଗ୍ରେସ ପ୍ରାୟ ସବୁ ରାଜନୈତିକ ଦଳର ନେତା ଦିଲ୍ଲୀରେ ରହି ନିଜ ଦଳ ପାଇଁ ଅଧିକରୁ ଅଧିକ ଆସନ ଦାବି କରୁଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଘରେ ମାନଝୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟରେ ବୈଠକ ହୋଇଛି। ମାନଝୀ ୧୦ ଆସନ ମାଗୁଥିବା ବେଳେ ବିଜେପି ୭ଟି ଦେବାକୁ ଚାହୁଁଛି। ତେବେ ବିଜେପି ତୁଳନାରେ ଜେଡିୟୁ ଅଧିକ ଗୋଟିଏ ଆସନରେ ଲଢ଼ିବ ବୋଲି କୁହାଯାଉଛି। ଆସନ ବୁଝାମଣା ନେଇ ରବିବାର ଏନ୍‌ଡିଏ ପକ୍ଷରୁ ଘୋଷଣା କରାଯାଇପାରେ।

ଅନ୍ୟପଟେ ପାଟନାରେ 'ଇଣ୍ଡିଆ' ମେଣ୍ଟର ଆସନ ସୂତ୍ର ବାହାରି ପାରିନି। ତେଣୁ ଆରଜେଡି ମୁଖ୍ୟ ଲାଲୁ ଏବଂ ତେଜସ୍ୱୀ ଯାଦବ ଦିଲ୍ଲୀ ଯାଉଛନ୍ତି। ସେ କଂଗ୍ରେସ ହାଇକମାଣ୍ଡଙ୍କ ସହ ବୈଠକ କରିବେ। ଏହାପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ଏ ପର୍ଯ୍ୟନ୍ତ କିଏ କେତେ ଆସନରେ ଲଢ଼ିବ ତାହା ସ୍ପଷ୍ଟ ହୋଇନାହିଁ। ଏହା ମଧ୍ୟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳ ଏଆଇଏମଆଇଏମ ବିହାର ପାଇଁ ବଡ଼ ଘୋଷଣା କରିଛି। ସେ ତୃତୀୟ ସାମ୍ମୁଖ୍ୟ ଗଠନ କରିବାକୁ ପ୍ରୟାସ କରୁଛନ୍ତି। ମେଣ୍ଟ ନ ହେଲେ ଦଳ ଶହେ ଆସନରେ ଲଢିବ ବୋଲି ଓୱେସି ଘୋଷଣା କରିଛନ୍ତି। ରାଜ୍ୟରେ ନଭେମ୍ବର ୬ ଓ ୧୧ ତାରିଖରେ ନିର୍ବାଚନ ହେବ।

## ଅଫିସରେ ହାଜରହେଲେ ୫ 'ମୃତ' ଭୋଟର

ପାଟଣା, ୧୧।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଆଉ ମାସେରୁ କମ୍ ସମୟ ବାକି ଥିବା ବେଳେ ଧୋରାଇଆ ବ୍ଲକସ୍ଥିତ ବସ୍ତାର ଗାଁର ୫ ଜଣ ବାସିନ୍ଦା ଭୋଟର ତାଲିକାରେ ନିଜକୁ ମୃତ ବୋଲି ଜାଣିବାକୁ ପାଇଛନ୍ତି। ଗାଁର ୨୧୬ ନଂ ବୁଥର ଏହି ୫ ଜଣ ବାସିନ୍ଦା ବିଡିଓ ଅରବିନ୍ଦ କୁମାରଙ୍କୁ ଦେଖା କରି ଏ ନେଇ ଅବଗତ କରାଇଥିଲେ। 'ସାର ଆମେ ବଞ୍ଚିଛୁ' ବୋଲି ସେମାନେ ବିଡିଓଙ୍କୁ କହିଥିଲେ। ସାମାଜିକ କର୍ମୀ ଇନ୍ଦ୍ରଦେବ ମଣ୍ଡଳଙ୍କ ନେତୃତ୍ୱରେ ଏହି ୫ ଗ୍ରାମାବସୀ ଭୋଟ ଦେବାରୁ ବଞ୍ଚିତ ହେବ ବୋଲି ଆଶଙ୍କା ପ୍ରକାଶ କରିଥିଲେ। କିନ୍ତୁ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପୁଣିଥରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରିବାକୁ ସେ ବ୍ଲକର ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି ଭୋଟ ଦେବାରୁ ବଞ୍ଚିତ ହେବେ ନାହିଁ ବୋଲି ବିଡିଓ କଥା ଦେଇଛନ୍ତି। ଉଲ୍ଲେଖଥାଉ କି ଚମ୍ପାରନର ବାଗାହୀ ପଞ୍ଚାୟତର ଦୁର୍ମି ଗାଁରେ ୧୫ ଜଣଙ୍କୁ ମୃତ ବୋଲି ଭୋଟର ତାଲିକାରେ ଦର୍ଶା ଯାଇଥିଲା। ସେହିପରି ୨୦୧୬ ପୂର୍ବରୁ ମୃତ୍ୟୁବରଣ କରିଥିବା କେତେଜଣ ଲୋକଙ୍କୁ ଜୀବିତ ଦର୍ଶାଯାଇ ଭୋଟର ତାଲିକାରେ ସାମିଲ କରାଯାଇଥିଲା। ବିଭିନ୍ନ ଅଭିଯୋଗ ପରେ ଅଧିକାରୀ ମାନେ ତ୍ରୁଟି ସଂଶୋଧୋନ କରିବାକୁ ପ୍ରୟାଶ କରିଛନ୍ତି। ଏଥର ବିହାର ବିଧାନସଭାର ୨୪୩ଟି ସିଟ୍ ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି।

## ତାଲିବାନ ମନ୍ତ୍ରୀଙ୍କ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ମିଳିଲାନି ଅନୁମତି; ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ସାମ୍ବାଦିକ ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଏଠାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସେ ମହିଳା ସାମ୍ବାଦିକଙ୍କ ପ୍ରବେଶକୁ ମନା କରିଥିଲେ ଓ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କଂଗ୍ରେସ ସାଂସଦ ତଥା ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ ପଚାରିଛନ୍ତି।

**ଆମର କୌଣସି ଭୂମିକା ନାହିଁ; କେନ୍ଦ୍ର**

ଏହାଦ୍ୱାରା ମହିଳାଙ୍କ ଅପମାନ ହୋଇଛି ଓ ପ୍ରଧାନମନ୍ତ୍ରୀ ଏହା କିଭଳି ହେବାକୁ ଦେଲେ? ମହିଳା ହେଉଛନ୍ତି ଏହି ଦେଶର ମେରୁଦଣ୍ଡ। ଭାରତରେ ସକ୍ଷମ ମହିଳାଙ୍କ ଅପମାନ ହେବାକୁ କିଭଳି ଦିଆଗଲା ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଏହାର ଜବାବ ରଖିଛି ଭାରତ ବୈଦେଶିକ ମନ୍ତ୍ରଣାଳୟ। ଆଫଗାନ୍ ବିଦେଶ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆମର କୌଣସି ଭୂମିକା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀ ଆଫଗାନ ଦୂତାବାସରେ ଆୟୋଜିତ ହୋଇଥିଲା। ବୈଦେଶିକ ମନ୍ତ୍ରଣାଳୟ ଏହି ସାମ୍ବାଦିକ ସମ୍ମିଳନୀ ଡାକି ନଥିଲା ବୋଲି ସ୍ପଷ୍ଟ କରାଯାଇଛି। ଯେତେବେଳେ ଆଫଗାନ୍ ମନ୍ତ୍ରୀ ଦିଲ୍ଲୀରେ ପହଞ୍ଚିଥିଲେ, ସେତେବେଳେ ମୁମ୍ବାଇ ସ୍ଥିତ ଆଫଗାନସ୍ତାନର କାଉନସିଲ ଜେନେରାଲ ଶୁକ୍ରବାର ହାତଗଣିତ କେତେଜଣ ବରିଷ୍ଠ ସମ୍ବାଦିକଙ୍କୁ ନିମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତର କ୍ଷେତ୍ରରେ ଆସୁନାହିଁ। ତେଣୁ ଏହି ବିବାଦରେ ଭାରତର କୌଣସି ଭୂମିକା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ମୁତ୍ତାକି କେବଳ ପୁରୁଷ ସାମ୍ବାଦିକଙ୍କ ସହ କଥା ହୋଇଥିଲେ। ମହିଳା ସାମ୍ବାଦିକଙ୍କ ବାରଣ ନେଇ କେବଳ ପ୍ରିୟଙ୍କା ଗାନ୍ଧୀ ନୁହଁ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ପି ଚିଦାମ୍ବରମ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ସହ ପ୍ରଶ୍ନ ପଚାରିଛନ୍ତି। । ମୁତ୍ତାକି ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ।

# ପାକ୍‌ରେ ବିସ୍ଫୋରକ ସ୍ଥିତି

## ଗୋଟିଏ ଦିନରେ ୨୩ ମୃତ; ୬୦ରୁ ଅଧିକ ଆହତ

ଲାହୋର, ୧୧।୧୦(ଏଜେନ୍ସି): ଗାଜା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନାକୁ ବିରୋଧ କରି ପାକିସ୍ତାନରେ ଉତ୍ତେଜନା ବୃଦ୍ଧି ପାଇଛି। କଠୋରପନ୍ଥୀ ତେହେରିକ-ଇ- ଲବାଇକ୍ ପାକିସ୍ତାନ (ଟିଏଲ୍‌ପି) ଏହି ଶାନ୍ତି ଯୋଜନାକୁ ବିରୋଧ କରି ଲାହୋରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଟିଏଲ୍‌ପିର ଲକ୍ଷାଧିକ ସମର୍ଥକ ଆମେରିକା ଦୂତାବାସ ନିକଟକୁ ଶୋଭାଯାତ୍ରା ନେବାକୁ

### ଗାଜା ଶାନ୍ତି ଯୋଜନା ବିରୋଧରେ ହିଂସା, ପୁଲିସ ଗୁଳିରେ ୧୧ ନିହତ

ପ୍ରୟାସ କରିଥିଲେ। ପୁଲିସ ଅଟକାଇବାରୁ ସଂଘର୍ଷ ହୋଇଥିଲା। ପୁଲିସ ଗୁଳିରେ ଟିଏଲ୍‌ପିର ୧୧ ଜଣ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ୬୦ ଜଣ ଆହତ ହୋଇଛନ୍ତି। ଟିଏଲ୍‌ପି ଶନିବାର ବିକ୍ଷୋଭ ଶୋଭାଯାତ୍ରା ବାହର କରିବାର କାର୍ଯ୍ୟକ୍ରମ ଥିଲା। ଏହାକୁ ରୋକିବା ପାଇଁ ସରକାର ରାଜଧାନୀକୁ ଯାଉଥିବା ସବୁ ସଡ଼କକୁ ବ୍ଲକ କରିଥିଲେ। ଏଥିସହ ଇସ୍‌ଲାମାବାଦ ଓ ରାୱଲପିଣ୍ଡିରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଟିଏଲ୍‌ପି ନେତାଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଉଥିବା ବେଳେ ହିଂସା ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ ୨୦୧୭ରେ ଟିଏଲ୍‌ପି କଟରପନ୍ଥୀ ସଂଗଠନର ସ୍ଥାପନ ହୋଇଥିଲା।



### ଆତଙ୍କବାଦୀ-ପୁଲିସ ସଂଘର୍ଷ, ୧୨ ମୃତ

ଇସ୍‌ଲାମାବାଦ୍, ୧୧।୧୦(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସ୍‌ମାଇଲ ଖାନ୍‌ରେ ଶୁକ୍ରବାର ରାତିରେ ଏକ ପୁଲିସ ଟ୍ରେନିଂ ସେଣ୍ଟର ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୭ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ଏହାପରେ ସୁରକ୍ଷାକର୍ମୀଙ୍କ କର୍ଯ୍ୟାନୁଷ୍ଠାନରେ ୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି। ଆତଙ୍କବାଦୀମାନେ ପୂରା ପସ୍ତୁତିର ସହ ଟ୍ରେନିଂ ସେଣ୍ଟର ଉପରେ ଆକ୍ରମଣ କରିଥିଲେ। କିନ୍ତୁ ଏହାପରେ ପୁଲିସ ତଥା ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଫଳରେ ଆତଙ୍କବାଦୀମାନେ ପଛଘୁଞ୍ଚା ଦେଇଥିଲେ।


ରାତିରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଡିଏସ୍‌ପି ହାଫିଜ ମହମ୍ମଦ ଆଦନାନ କହିଛନ୍ତି। ଆହତ ୧୩ ଜଣ ପୁଲିସ କର୍ମଚାରୀଙ୍କର ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରେନିଂ ସେଣ୍ଟରରୁ ୨୦୦ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗତକିଛି ମାସ ହେବ ପାକିସ୍ତାନରେ ହିଂସା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ରେ ତୃତୀୟ କ୍ୱାର୍ଟରରେ ପାକିସ୍ତାନରେ ୪୬ ପ୍ରତିଶତ ହିଂସା ବୃଦ୍ଧି ପାଇଛି। ପାକିସ୍ତାନରେ ୩୨୯ଟି ହିଂସା ଘଟଣାରେ ୯୦୧ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫୯୯ ଲୋକ ଆହତ ହୋଇଛନ୍ତି। ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନରେ ୯୬ ପ୍ରତିଶତରୁ ଅଧିକ ହିଂସା ଦେଖିବାକୁ ମିଳିଛି ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଆଣ୍ଡ ସିକ୍ୟୁରିଟି ଷ୍ଟଡିଜ୍ (ସିଆରଏସ୍‌ଏସ୍)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ: ସିଜେଆଇ



ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ଆଜିର ଡିଜିଟାଲ ଯୁଗରେ ମହିଳା ସବୁଠାରୁ ଅସୁରକ୍ଷିତ ବୋଲି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ କହିଛନ୍ତି। ଟେକ୍ନୋଲୋଜି ଏବେ ସଶକ୍ତୀକରଣ କରିବା ବଦଳରେ ଶୋଷଣର ମାଧ୍ୟମରେ ପରିଣତ ହୋଇଛି। ଜୁଭେନାଇଲ ଜଷ୍ଟିସ୍ କମିଟି ଓ ୟୁନିସେଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ 'ସେଫଗାର୍ଡିଂ ଦି ଗର୍ଲ ଚାଇଲ୍ଡ'ରେ ଯୋଗ ଦେଇ ଗଭାଇ ଏହି କଥା କହିଛନ୍ତି। ଯୁବତୀମାନେ ଏବେ ଅନ୍‌ଲାଇନ୍ ହାରାସମେଣ୍ଟ, ସାଇବର ବୁଲିଂ, ଡିଜିଟାଲ ଷ୍ଟକିଂ, ବ୍ୟକ୍ତିଗତ ଡାଟାର ଦୁରୁପଯୋଗ ଓ ଡିପ୍‌ଫେକ୍ ଫଟୋ କାରଣରୁ ଆହୁରି ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହି ବିପଦ ତଥା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପୁଲିସ ଓ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯୁବତୀମାନଙ୍କ ସୁରକ୍ଷା ଅର୍ଥ କେବଳ ଶରୀରର ନୁହେଁ ତାଙ୍କର ଆହୁରି ସ୍ୱାଧୀନତାକୁ ସୁରକ୍ଷିତ ରଖିବା ବୋଲି ସେ କହିଛନ୍ତି। ସେପର୍ଯ୍ୟନ୍ତ କୌଣସି ଝିଅ ଭୟଭୀତ ହୋଇ ବଞ୍ଚୁଛନ୍ତି, ସେପର୍ଯ୍ୟନ୍ତ ଭାରତ ସ୍ୱତନ୍ତ୍ରତାର ସ୍ୱର୍ଗରେ ପହଞ୍ଚିପାରିବ ନାହିଁ ବୋଲି ସେ କହିଛନ୍ତି।

# କ୍ଷମତା ପାଇଁ ପାୱାର ଷ୍ଟାରଙ୍କ ଘରେ କଳି




ପାଟନା, ୧୧।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପାୱାର ପଲିଟିକ୍ସ ପାଇଁ ପାୱାର ଷ୍ଟାରଙ୍କ ପରିବାରରେ ବିବାଦ ଲାଗିଛି। ଅଭିନେତା ତଥା କଣ୍ଠଶିଳ୍ପୀ ପବନ ସିଂହ ଏବଂ ତାଙ୍କ ସ୍ତ୍ରୀ ଜ୍ୟୋତି କ୍ୟାମେରା ସାମ୍‌ନାରେ ମୁହାଁମୁହିଁ ହୋଇଛନ୍ତି। ଦମ୍ପତି ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ନିର୍ବାଚନ ପାଇଁ ଏଭଳି ହେଉଛି। ଜ୍ୟୋତି ନିର୍ବାଚନ ଲଢିବାକୁ ପ୍ରସ୍ତୁତ ହେଉଥିବା ବେଳେ ସ୍ୱାମୀ ପବନ କୌଣସି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ରାଜ୍ୟ ପ୍ରଭାରୀ ବିନୋଦ ତାୱଡେଙ୍କ ନେତତ୍ୱରେ ସେ ଗତ ୩୦ ତାରିଖରେ ପୁଣିଥରେ ବିଜେପିକୁ ଫେରିଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ବିଜେପି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ପବନ ସିଂହ ୨୦୨୪ ଲୋକସଭା ନିର୍ବାଚନରେ ଦଳ ବିରୋଧରେ ଯାଇ କାରାକୋଟରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବିଜେପି ତାଙ୍କୁ ବାହାର କରିଦେଇଥିଲା। ପବନଙ୍କ ପାଇଁ ଶାହାବାଦର ୨୨ ବିଧାନସଭା କ୍ଷେତ୍ରରେ ବିଜେପିକୁ ଲାଭ ମିଳିବ ବୋଲି କୁହାଯାଉଛି।

ଅନ୍ୟପଟେ ପବନଙ୍କ ପତ୍ନୀ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଶନିବାର ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ଭେଟିଥିଲେ। ଗତ ୫ ତାରିଖରେ ଏହି ସ୍ୱାମୀସ୍ତ୍ରୀ କଳି ଉଗ୍ର ରୂପ ଧାରଣ କରିଥିଲା। ପବନଙ୍କ ଲକ୍ଷ୍ନୌ ସ୍ଥିତ ଫ୍ଲାଟରେ ଉଭୟେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ପରେ ଜ୍ୟୋତି କହିଥିଲେ ଯେ ପବନ ତାଙ୍କ ବିରୋଧରେ ଏତଲା ଦେଇଥିବାରୁ ପୁଲିସ ତାଙ୍କୁ ଗିରଫ କରିବାକୁ ଆସିଛି। ସେ ଏଥିପାଇଁ ଲୋକଙ୍କୁ ସହାୟତା ମାଗିଥିଲେ। ଯେଉଁ ପାୱାର ନିଜ ପତ୍ନୀ ସହ ଅନ୍ୟାୟ କରୁଛି, ସେ ସମାଜକୁ କେମିତି ନ୍ୟାୟ ଦେବ ବୋଲି ଜ୍ୟୋତି ପ୍ରଶ୍ନ ଉଠାଇ ଥିଲେ। ଏହାର ଉତ୍ତରରେ ପବନ କହିଥିଲେ ଯେ ପତ୍ନୀ ନିର୍ବାଚନରେ ଲଢିବା ପାଇଁ ଏପରି ନାଟକ କରୁଛନ୍ତି। ମିଥ୍ୟା ଅଭିଯୋଗ ଲଗାଇ ବଦନାମ କରୁଛନ୍ତି। ନିର୍ବାଚନର ମାସେ ପୂର୍ବରୁ ଏପରି ଆପଣାପଣ କାହିଁକି ସାମ୍‌ନାକୁ ଆସିଲା? ବିଧାୟିକା ହେବାକୁ ଆଉ କେତେ ତଳକୁ ଖସିବେ ବୋଲି ପଚାରିଥିଲେ। ଜ୍ୟୋତି ଏହାର ଉତ୍ତରରେ ପତ୍ନୀ ମାନ୍ୟତା ଦେଲେ ନିର୍ବାଚନ ଲଢିବେ ନାହିଁ ବୋଲି କହିଥିଲେ। ତେବେ ଏହି ସ୍ୱାମୀସ୍ତ୍ରୀ କଳି ବିହାରରେ କାହା ପାଇଁ ପରିବର୍ତ୍ତନ ଆଣୁଛି ତାହା ଦେଖିବା ବାକି ରହିଲା।

# ବିଜେପିରେ ଯୋଗଦେଲେ ଜୟ ଢୋଲକିଆ

ଭୁବନେଶ୍ୱର୧୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ଶନିବାର ଏକ ବଡ଼ ରାଜନୈତିକ ହଟଚମଟ ଦେଖିବାକୁ ମିଳିଛି। ନୂଆପଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଧିବଦ୍ଧ ଭାବରେ ବିଜେପିରେ ଯୋଗ ଦେଇଛନ୍ତି। ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ସହ ଜୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳୀୟ ମନ୍ତ୍ରୀ, ବିଧାୟକ ତଥା ବରିଷ୍ଠ ବିଧାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି। ଏହାପରେ ବିଜେପି ତାଙ୍କୁ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଅପରପକ୍ଷେ ବିଜେପିରେ ଜୟଙ୍କ ଯୋଗଦାନ ପରେ ନୂଆପଡ଼ାରୁ ଆରମ୍ଭ କରି ଭୁବନେଶ୍ୱର ଯାଏଁ ଏହାର କମ୍ପନ ଦେଖିବାକୁ ମିଳିଛି। ବିଜେଡି ଓ କଂଗ୍ରେସ ବିଜେପିରେ ଜୟଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଥିବା ବେଳେ ନୂଆପଡ଼ା ବିଜେପିରେ ଜୟଙ୍କ ଯୋଗଦାନକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ଅପରପକ୍ଷେ ଜୟଙ୍କ ଯୋଗଦାନକୁ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ମିଶ୍ରଣ ଫଳରେ ବିଜେପି ନୂଆପଡ଼ା ସହ ସମଗ୍ର ରାଜ୍ୟରେ ଶକ୍ତିଶାଳୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆ ପ୍ରମୁଖ ଭୂମିକା ଗ୍ରହଣ କରିବେ ଏବଂ ନୂଆପଡାର ବିକାଶ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି। ସେହିପରି ନିଜ ପ୍ରତିକ୍ରିୟାରେ ଜୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟ ଏବଂ ନୀତି ଆଦର୍ଶରେ ପ୍ରଭାବିତ ହୋଇ ସେ ବିଜେପିରେ ଯୋଗ ଦେଇଛନ୍ତି। ନୂଆପଡ଼ାର ସାମୂହିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସ୍ୱର୍ଗୀୟ ବାପାଙ୍କ ସ୍ୱପ୍ନ ପୂରଣ କ୍ଷେତ୍ରରେ ମୋର ଯୋଗଦାନ ନିଶ୍ଚୟ ରହିବ ବୋଲି ସେ କହିଛନ୍ତି।

## ନୂଆପଡ଼ା ବିଜେପିରେ ବିଦ୍ରୋହ

ନୂଆପଡା,୧୧।୧୦(ସମିସ): ଜୟ ଢୋଲକିଆଙ୍କ ଯୋଗଦାନ ପରେ ନୂଆପଡ଼ା ବିଜେପିରେ ଏକ ବଡ଼ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ଦଳରେ ଜୟଙ୍କ ଯୋଗଦାନକୁ ଗ୍ରହଣ କରିପାରି ନାହାନ୍ତି ସାଧାରଣ କର୍ମକର୍ତ୍ତା। ନୂଆପଡ଼ାରେ ଶହ ଶହ କର୍ମୀ ରାଜ୍ୟ ନେତୃତ୍ୱଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି। ଜୟଙ୍କୁ ଟିକଟ

■ ଦଳ ଛାଡ଼ିବାକୁ ଶତାଧିକ କର୍ମୀଙ୍କ ସଜବାଜ
■ ବସନ୍ତ ପଣ୍ଡା ନେଇପାରନ୍ତି ବଡ଼ ନିଷ୍ପତ୍ତି!

ଦିଆଗଲେ ବିଜେପିର ଟିକଟ ଆଶାୟୀଙ୍କ ସମର୍ଥକମାନେ ଇସ୍ତଫା ଦେବେ ବୋଲି ୮ ଜଣ ମଣ୍ଡଳ ସଭାପତି ଆଜି ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କୁ ଜଣାଇଛନ୍ତି।

ଜିଲ୍ଲା ବିଜେପି ସାଧାରଣ ସଂପାଦକ ତୁଳସ ପଟେଲ ଗଣମାଧ୍ୟମକୁ କହିଛନ୍ତି, ବିଜେପି ଦୀର୍ଘ ଦିନ ଧରି ଢୋଲକିଆ ପରିବାର ବିରୋଧରେ ନିର୍ବାଚନ ଲଢ଼ି ଆସୁଥିଲା। ଏବେ ସେହି ପରିବାରରୁ ଜୟ ଢୋଲକିଆ ଆକସ୍ମିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ସେ ଦଳରେ ଯୋଗ ଦେବା ସ୍ୱାଗତଯୋଗ୍ୟ; ହେଲେ ତାଙ୍କୁ ଯଦି ଦଳ ବିଧାୟକ ପ୍ରାର୍ଥୀ ହେବାକୁ ଟିକଟ ଦିଏ, ତେବେ ଆମେ ଦଳରୁ ଇସ୍ତଫା ଦେବୁ ବୋଲି ବିଜେପିର ବରିଷ୍ଠ କର୍ମକର୍ତ୍ତାମାନେ ଲିଖିତ ଭାବେ ଦଳର ଜିଲ୍ଲା ସଭାପତିଙ୍କୁ ଜଣାଇଛନ୍ତି। ଦଳର କର୍ମୀମାନଙ୍କ ଇଚ୍ଛା ବିରୋଧରେ ନିଷ୍ପତ୍ତି ନିଆଗଲେ ୩ ଶହରୁ ଉର୍ଦ୍ଧ୍ୱ ବୁଥ୍ ଲେଭେଲ୍ କର୍ମକର୍ତ୍ତା ଦଳ ଛାଡ଼ିବେ ବୋଲି ଜିଲ୍ଲା ସଭାପତି ଶ୍ରୀ ଦୀକ୍ଷିତ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ବିଜେପିର ଟାଣୁଆ ନେତା ପୂର୍ବତନ ସାଂସଦ ତଥା ପୂର୍ବ ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଖବର ଅନୁଯାୟୀ, ଆଜି ଜୟଙ୍କ ବିଜେପିରେ ଯୋଗଦାନ ଖବର ସାମ୍ନାକୁ ଆସିବା ପରେ ବସନ୍ତ ବେଶ୍ ଅସନ୍ତୁଷ୍ଟ ଥିଲେ। ରାଜ୍ୟ ଅତିଥି ଭବନରେ ରାଜ୍ୟ ବିଜେପି ସଭାପତି, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଶ୍ରୀ ପଣ୍ଡାଙ୍କୁ ମନେଇବାକୁ ମଧ୍ୟ ଯାଇଥିଲେ। ଘଣ୍ଟାଧିକ କାଳ ଧରି କବାଟକିଳା ଆଲୋଚନା ପରେ ମିଶ୍ରଣ ପର୍ବ ମଞ୍ଚରେ ଶ୍ରୀ ପଣ୍ଡା ଉପସ୍ଥିତ ଥିଲେ ହେଁ ଜୟଙ୍କ ଯୋଗଦାନ ନେଇ ମୁହଁ ଖୋଲି ନ ଥିଲେ। ଇତିମଧ୍ୟରେ ଶ୍ରୀ ପଣ୍ଡା ନିଜର କିଛି ଅନୁଗତଙ୍କ ସହ ବିଚାରବିମର୍ଶ କରିଥିବା ନେଇ ସୂଚନା ମିଳିଛି। ତେଣୁ ଆଗକୁ ସେ କିଛି ବି ନିଷ୍ପତ୍ତି ନେଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। ଏପରିକି ଗତ ସାଧାରଣ ନିର୍ବାଚନରେ ନୂଆପଡ଼ା ଆସନରୁ ପ୍ରତିଦ୍ୱନ୍ଦିତା କରିଥିବା ଏବଂ ଏଥର ଉପନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ତାଲିକାରେ ଥିବା ବସନ୍ତଙ୍କ ପୁଅ ଅଭିନନ୍ଦନ ପଣ୍ଡା ମଧ୍ୟ ବେଶ୍ ଅସନ୍ତୁଷ୍ଟ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



### ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ: ଭକ୍ତ

ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ନୂଆପଡ଼ାରେ ବିଜେପିକୁ ପ୍ରାର୍ଥୀ ମିଳୁ ନ ଥିଲେ। ସେଠାରେ ତାଙ୍କର ପୂର୍ବତନ ସାଂସଦ, ବିଧାୟକ ଏବଂ କର୍ମଠ ବ୍ୟକ୍ତିମାନେ ଥିଲେ ମଧ୍ୟ ବିଜେପି ନେତୃତ୍ୱ ତାଙ୍କ ଉପରେ ଆସ୍ଥା ରଖିପାରିଲେ ନାହିଁ। ଏପରିକି ବିଜେପି କଂଗ୍ରେସ ପ୍ରାର୍ଥୀଙ୍କୁ ନିଜ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ହେଁ ଆମ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଦଳ ପ୍ରତି ସମର୍ପଣ ଭାବ କାରଣରୁ ସେମାନେ ବିଫଳ ହୋଇଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

## ବର୍ଷିଲା ବିଜେଡି

# ବିଜେପିର ଘୋଡ଼ାବେପାରରେ ବିକ୍ରି ହେଇଗଲେ ଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିଜେପିରେ ଜୟ ଢୋଲକିଆଙ୍କ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି। ଜୟ ଜଣେ ପୋଷ୍ୟ ପୁତ୍ର ଥିଲେ। ତାଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ। ଯେଉଁଥିପାଇଁ ସେ ଆଜି ଏପରି ନିଷ୍ପତ୍ତି ନେବା ସହ ନିଜକୁ ବିକ୍ରି କରିଦେଇଛନ୍ତି ବୋଲି କହି କଡ଼ା ସମାଲୋଚନା କରିଛନ୍ତି

■ ଜୟଙ୍କ ଦେହରେ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ରକ୍ତ ନାହିଁ
■ ବିଜେପିରେ ଜୟଙ୍କ ମିଶ୍ରଣ ବିଜେଡି ପାଇଁ ପ୍ରଭାବଶୂନ୍ୟ
■ ସଠିକ୍ ସମୟରେ ଉତ୍ତର ଦେବେ ନୂଆପଡ଼ାବାସୀ

ବିଜେଡିର ବରିଷ୍ଠ ନେତା ତଥା ଉପ ସଭାପତି ପ୍ରତାପ ଜେନା। ଜୟଙ୍କ ବିଜେପିରେ ମିଶିବା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ମାତ୍ର ଆଜି ତାଙ୍କର ପ୍ରକୃତ ମୁଖା ଖୋଲିଯାଇଛି। ସେ ବିଜେପି ଦଳର ଘୋଡାବେପାରରେ ବିକ୍ରି ହୋଇଗଲେ ବୋଲି ଆଜି ସ୍ପଷ୍ଟ ହୋଇଯାଇଛି ବୋଲି କହି ଶ୍ରୀ ଜେନା ଜୟଙ୍କ ଉପରେ ବର୍ଷିଛନ୍ତି।

ଶନିବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି ଯେ ଆଜି ନୂଆପଡାର ଜୟ ଢୋଲକିଆ ବିଜେପିରେ ମିଶିଛନ୍ତି। କିଛିଦିନ ତଳେ ସେ ଘୋଷଣା କରିଥିଲେ ଯେ ମୋର ନେତା ନବୀନ ବାବୁ ଯାହା କହିବେ ତାହା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି। ମାତ୍ର ଆଜି କ'ଣ କାରଣ ରହିଲା ଯେ ସେ ବିଜେପିରେ ମିଶିଛନ୍ତି। ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସମାଜସେବୀ ମଧ୍ୟ ଥିଲେ। ବିଜୁ ପରିବାର ଏବଂ ଆମ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ସେ ୪ ଥର ବିଧାୟକ ହୋଇଥିଲେ। ନବୀନ ବାବୁ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ମଧ୍ୟ କରିଥିଲେ। ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ସମାଜସେବା ପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଯଦି ଆଜି ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆ ବଞ୍ଚିଥାନ୍ତେ, ତାହେଲେ ସେ କେବେ ହେଲେ ଏହି କଥାକୁ ପସନ୍ଦ କରିନଥାନ୍ତେ। ତାଙ୍କ ଆତ୍ମା ଯେଉଁଠି ଥାଉନା କାହିଁକି, ଏହି ନିଷ୍ପତ୍ତିକୁ ଆଦୌ ଗ୍ରହଣ କରିବ ନାହିଁ।



ସେ ଆହୁରି ମଧ୍ୟ କହିଛନ୍ତି ଯେ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଗସ୍ତରେ ଯାଇ କେତେକ ପ୍ରକଳ୍ପ ପାଇଁ ଅର୍ଥ ରାଶି ଘୋଷଣା କଲେ। ମାତ୍ର ପ୍ରତିଟି ପ୍ରକଳ୍ପ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ବ୍ୟବସ୍ଥା କରିଥିଲେ। ଆଜି ଜୟ ଢୋଲକିଆଙ୍କ ବିଜେପି ଯୋଗଦାନ ପ୍ରତିଟି ଲୋକଙ୍କ ଦ୍ୱାରା ନାପସନ୍ଦ ହୋଇଛି। ନୂଆପଡ଼ାବାସୀ ସବୁ ଘଟଣା ଦେଖୁଛନ୍ତି। ସଠିକ୍ ସମୟରେ ସେମାନେ ଜବାବ୍ ଦେବେ। ରାଜ୍ୟରେ ବର୍ତ୍ତମାନ ବିଜେପି ସରକାରରେ ଅଛି। ମାତ୍ର ନୂଆପଡ଼ା ଉପ ନିର୍ବାଚନରେ ସେମାନେ ତାଙ୍କ ଦଳରୁ ପ୍ରାର୍ଥୀଟିଏ ପାଇଲେ ନାହିଁ। ସେଥିପାଇଁ ସେମାନେ ଘୋଡାବେପାର କରି ଅନ୍ୟ ଦଳରୁ ନେତା ନେଇ ପ୍ରାର୍ଥୀ କରିବାକୁ ଯାଉଛନ୍ତି। ଏପରି ଘଟଣାକୁ ଓଡ଼ିଶାବାସୀ, ନୂଆପଡ଼ାବାସୀ ନିନ୍ଦା କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

---

## ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

# ରାଜ୍ୟ ବାହାରକୁ ଗଲା କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍

ଭୁବନେଶ୍ୱର,୧୧।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ୍ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଏବଂ ମୁନ୍ନାକୁ ୧୨ ଦିନ ପରେ ବି ଧରିପାରିନାହିଁ। କେବଳ ନାମକୁ ମାତ୍ର ଏକାଧିକ ଲୋକଙ୍କୁ ପଚରାଉଚରା କରିବା ସହ ବଣିକ କୋଚିଂ ସେଣ୍ଟର ଉପରେ ଚଢଉ କରି ବାହାବା ନେଉଛି। ତେବେ ଶଙ୍କର ପୃଷ୍ଟି ରାଜ୍ୟ ବାହାରେ ରହି ପ୍ରମାଣ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର ଚଳାଇଥିବା ସୂଚନା ପାଇ କ୍ରାଇମ୍‌ବ୍ରାଞ୍ଚର ୪ଟି ଟିମ୍ ରାଜ୍ୟ ବାହାରକୁ ଯାଇଛି।

■ ୧୨ ଦିନ ପରେ ବି ଶଙ୍କର ପୃଷ୍ଟି, ମୁନ୍ନାକୁ ଧରିପାରୁନି
■ ଜେରାରେ ଅଟକିଛି ତଦନ୍ତ

କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟାନୁଷ୍ଠାନ କେବଳ ଧରାପଡ଼ିଥିବା ୫ ଜଣ ଦଲାଲ ଭିତରେ ସୀମିତ ରହିଛି। ହେଲେ ଏପର୍ଯ୍ୟନ୍ତ ସବଲେଟିଂ କରିଥିବା ଆଇଟିଆଇ ଲିମିଟେଡର କୌଣସି ଅଧିକାରୀଙ୍କୁ ପଚରାଉଚରା କରାଯାଇ ନାହିଁ କି ଓପିଆରବିର ମୁଖିଆ ଓ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିନାହିଁ।

ଇତିମଧ୍ୟରେ ଏହି ମାମଲାରେ ଗିରଫ ହୋଇଥିବା ୧୧୪ ଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଛି କ୍ରାଇମ୍‌ବ୍ରାଞ୍ଚ। ସେମାନେ କେବେଠାରୁ କେଉଁ କୋଚିଂ ସେଣ୍ଟରକୁ ଟଙ୍କା ଦେଉଥିଲେ, କେଉଁ ଦଲାଲ ଟଙ୍କା ନେଇଛନ୍ତି, ସେସବୁର ମଧ୍ୟ ଖୋଳତାଡ଼ କରାଯାଉଥିବା ଜଣାପଡ଼ିଛି।

## ନିଜ ମୁଣ୍ଡ ଉପରୁ ଦୋଷ ଛଡ଼ାଇବାକୁ ଓପିଆର୍‌ବିର ଉଦ୍ୟମ

# ୧୧ ଦିନ ପରେ ଲିଖିତ ବିବୃତ୍ତି ଦେଇ ମୁହଁ ଖୋଲିଲେ ଅଧ୍ୟକ୍ଷ

ଭୁବନେଶ୍ୱର, ୧୧।୧୦ (ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବାର ୧୧ ଦିନପରେ ଆଜି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର ଅଧ୍ୟକ୍ଷ ମୁହଁ ଖୋଲିଛନ୍ତି। ଗତ ଗୁରୁବାର ଦିନ ସାମ୍ବାଦିକ ସମ୍ମିଳନୀ ଡାକି ପରବର୍ତ୍ତୀ ମୁହୂର୍ତ୍ତରେ ତାକୁ ବାତିଲ କରିଥିବା ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ ନାଥ ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକ ଲିଖିତ ବିବୃତ୍ତି ଧରାଇ ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ପ୍ରକରଣରେ ଷଡ଼ଯନ୍ତ୍ର ଥିବା ଉଲ୍ଲେଖ କରି ଓପିଆର୍‌ବି ଏହି ବିବୃତ୍ତି ଜରିଆରେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଅପଚେଷ୍ଟା କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଦାୟିତ୍ୱର ଟେଣ୍ଡର ନେଇଥିବା ଆଇଟିଆଇ କମ୍ପାନୀ ସିଲିକନ୍ ପରି ତୃତୀୟ ପକ୍ଷକୁ ଏହି ଦାୟିତ୍ୱ ଦେଇଥିବା ନେଇ ଓପିଆର୍‌ପି ଅଧ୍ୟକ୍ଷ ଏହି ବିବୃତ୍ତିରେ ସ୍ୱୀକାର କରିଛନ୍ତି। ହେଲେ ଟେଣ୍ଡର ଅନୁସାରେ ଆଇଟିଆଇ କମ୍ପାନୀ କାର୍ଯ୍ୟ କରୁଛି କି ନା ତାହା ତଦାରଖ କରିବା ଓପିଆର୍‌ବିର ଯେ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ ଥିଲା, ତାହାକୁ ଭୁଲି ଯାଇଛନ୍ତି। ଓଲଟା ସବ୍‌ଲେଟିଂ ସଂପର୍କରେ ଆଇଟିଆଇ ଲିମିଟେଡ୍ ଓପିଆର୍‌ବିକୁ କିଛି ଜଣାଇ ନ ଥିଲା ବୋଲି ଅଧ୍ୟକ୍ଷ ସଫେଇ ଦେଇଛନ୍ତି।

ଅପରପକ୍ଷେ ଓପିଆର୍‌ବିରେ ମାନବସମ୍ବଳର ଅଭାବ ଦର୍ଶାଇ ଅଧ୍ୟକ୍ଷ ନିଜର ଅସହାୟତା ପ୍ରକାଶ କରିବା ସହ ପରୋକ୍ଷରେ ରାଜ୍ୟ ସରକାରଙ୍କ ଉପରକୁ ବଲ୍ ଫୋପାଡ଼ିବାକୁ ଚେଷ୍ଟା କରିଛନ୍ତି। ବିବୃତ୍ତିରେ ଅଧ୍ୟକ୍ଷ ଦର୍ଶାଇଛନ୍ତି ଯେ ଓପିଆର୍‌ବି ଏକ ଛୋଟ ସଂସ୍ଥା । ମାତ୍ର ତିନି ଜଣ ସଦସ୍ୟ, ତିନି ଜଣ ଅଧିକାରୀଙ୍କ ସମେତ କିଛି କନଷ୍ଟେବଳ ରହିଛନ୍ତି। ଏଣୁ ସେମାନେ ଏସ୍ଆଇ ନିଯୁକ୍ତି ବିଜ୍ଞାପନଠାରୁ ଚୂଡ଼ାନ୍ତ ଫଳ ପ୍ରକାଶନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିବା ଏତେ ସହଜ ନୁହେଁ ବୋଲି କହିଛନ୍ତି।

ନିଜ ଉପରୁ କଳାଦାଗ ହଟାଇବା ପାଇଁ ଓପିଆର୍‌ବି ଏଭଳି ସ୍ପଷ୍ଟୀକରଣ ରଖିଥିଲେ ହେଁ ଅନେକ ପ୍ରଶ୍ନ ଅସମାହିତ ହୋଇ ରହିଯାଇଛି। ଗତ ମାର୍ଚ୍ଚ ମାସରେ ପରୀକ୍ଷାର ମାତ୍ର

**ତଦାରଖ ଦାୟିତ୍ୱ ନ ତୁଲାଇ ମାନବସମ୍ବଳ ଅଭାବକୁ ଦୋଷ ଦେଲେ**

୨ ଦିନ ପୂର୍ବରୁ କାହିଁକି ବାତିଲ୍ କରାଯାଇଥିଲା ଏବଂ ତା' ପରେପରେ ଅର୍ଥାତ୍ ମେ ୨୮ ତାରିଖରେ ରିଟ୍‌ମାଇଣ୍ଡ କମ୍ପାନୀକୁ କେଉଁ କାରଣରୁ ବାଦ୍ ଦେବାକୁ ଓପିଆର୍‌ବି ଚିଠି କରିଥିଲା କି, ପ୍ରକୃତରେ ପ୍ରଶ୍ନପତ୍ର ପ୍ରସ୍ତୁତି ସହ ଛାପିବା କାମ କେଉଁ କମ୍ପାନୀ କରିଛି ଏବଂ ତାକୁ କେଉଁ ଅଧିକାରୀ ନିରୀକ୍ଷଣ ବା ତଦାରଖ କରୁଥିଲେ କି, ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଆଇଟିଆଇ ଲିମିଟେଡ୍‌ର ହୋଇଥିବା ବେଳେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ପାଖକୁ ତାହା କିପରି ପହଞ୍ଚିଥିଲା, ନିରୀକ୍ଷଣ କରୁଥିବା ଅଧିକାରୀ ଏସମ୍ପର୍କରେ ଜାଣି ଓପିଆର୍‌ବି ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ ନା ତାଙ୍କ ଅଗୋଚରରେ ଏହା ସମ୍ଭବ ହୋଇଥିଲା, ଏପରି ଅନେକ ପ୍ରଶ୍ନର ଉତ୍ତର କିଏ ଦେବ ବୋଲି ବୁଦ୍ଧିଜୀବୀ ମହଲ ଯୁକ୍ତି ବାଢ଼ିଛି।

# ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଲଢ଼ିବାକୁ ନବୀନ ଦେଲେ ଗୁରୁମନ୍ତ୍ର



ଭୁବନେଶ୍ୱର, ୧୧।୧୦ (ସମିସ): ଶନିବାର ବିଜେଡିର ମୁଖପାତ୍ରମାନେ ଦଳୀର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟସ୍ୱାର୍ଥ ଏବଂ ରାଜ୍ୟ ଙ୍କାରଙ୍କ ବିଭିନ୍ନ ଜନମାରଣ ନୀତି ଏବଂ ବିଫଳତା ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ଏବଂ ସରକାରଙ୍କଠାରୁ ଲୋକେ କିପରି ନ୍ୟାୟ ଏବଂ ହକ୍ ପାଇବେ ସେନେଇ ଲଢ଼େଇ କରିବାକୁ ପ୍ରେରଣା ଦେଇଛନ୍ତି। ଲୋକମାନଙ୍କ ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ ଜାରି ଏହି ଅବସରରେ ନବୀନ ଦଳୀୟ ମୁଖପାତ୍ରଙ୍କୁ ପରାମର୍ଶ ଦେଇଥିବା ଦଳର ଉପସଭାପତି ତଥା ବରିଷ୍ଠ ନେତା ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଯେପରି ମହିଳାଙ୍କ ପ୍ରତି ନିର୍ଯାତନା ହେଉଛି, ସେପରି ଘଟଣା ଦୈନିକ ଲୋକଲୋଚନକୁ ଆସୁଛି। ଚାଷୀଙ୍କୁ ଏଯାବତ୍ ସାର ମିଳିଲା ନାହିଁ। ନିଯୁକ୍ତି କ୍ଷେତ୍ରରେ ସବୁ ୧୬ ପରୀକ୍ଷାରେ ଦୁର୍ନୀତି ହୋଇଛି। ରାଜ୍ୟରେ

**ନବୀନଙ୍କୁ ଭେଟିଲେ ଦଳୀୟ ମୁଖପାତ୍ର**

**ରାଜ୍ୟସ୍ୱାର୍ଥ ଏବଂ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା**

ଏକ ବଡ଼ ନିଯୁକ୍ତି ସ୍କାମ ହୋଇଥିବା ବେଳେ ବିଜେପି ସମର୍ଥକଙ୍କୁ ଚାକିରୀ ଦେବାକୁ ଉଦ୍ୟମ କରାଯାଉଛି। ଏନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିବା ବେଳେ ବିରୋଧୀ ଦଳ ନେତା ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ଜନସାଧାରଣଙ୍କ ନ୍ୟାୟ ପାଇଁ ଲଢ଼ିବାକୁ ଗୁରୁମନ୍ତ୍ର ଦେଇଛନ୍ତି। ସେହିପରି ଖୁବଶୀଘ୍ର ନବୀନ ପଟ୍ଟନାୟକ ନୂଆପଡ଼ା ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ଯେ କଟକ ପରି ଭାଇଚାରା ସହର ଆଜି ଅଶାନ୍ତ ହୋଇ ପଡ଼ିଛି। ଦୁଇଜଣ କୁଖ୍ୟାତ ଅପରାଧୀ ଜେଲରୁ ପଳାଇଗଲେ। ବ୍ରହ୍ମପୁରରେ ବିଜେପିର ଜଣେ ଜଳୀୟ ନେତା ତଥା ବରିଷ୍ଠ ଆଇନଜୀବିଙ୍କୁ ହତ୍ୟା କରାଗଲା। ମୁଖ୍ୟମନ୍ତ୍ରୀ କହିଲେ ଅପରାଧୀ ପାତାଳରେ ଥିଲେ ମଧ୍ୟ ବାହାର କରି ଅଣାଯିବ। ସେ ପାତାଳ କୋଉଠି ଏବଂ ଅପରାଧୀ କାହିଁକି ଧରା ପଡ଼ିନାହାନ୍ତି ବୋଲି ଶ୍ରୀମତୀ ଦେଓ ପ୍ରଶ୍ନ କରିଛନ୍ତି।

---

# ଡିଜିସିଏ ମ୍ୟାପ୍‌ରେ ଶ୍ରୀମନ୍ଦିର

ପୁରୀ,୧୧।୧୦ (ସମିସ): ରେଡ୍-ଜୋନ୍ ଅନ୍ତର୍ଭୁକ୍ତ ହେଲା ଶ୍ରୀମନ୍ଦିର। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ(ଡିଜିସିଏ) ମ୍ୟାପ୍‌ରେ ଯୋଡ଼ି ହେଲା ଶ୍ରୀମନ୍ଦିର। ଡିଜିସିଏର ଏୟାରସ୍ପେସ୍ ମ୍ୟାପ୍‌ରେ ବଡ଼ଦେଉଳ ଚତୁଃପାର୍ଶ୍ୱକୁ ରେଡ୍-ଜୋନ୍ ଦର୍ଶାଯାଇଛି। ଏହାର ଅବଧି ୩ବର୍ଷ ରହିଛି। ଅର୍ଥାତ୍ ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ପୂରଣ ହେବ। ପୁନର୍ବାର ଶ୍ରୀମନ୍ଦିର



ଉପରକୁ ନିଷିଦ୍ଧାଞ୍ଚଳ କରିବାକୁ ଆବେଦନ କରାଯିବ। ରେଡ୍‌ଜୋନ୍ ଘୋଷଣା ହେବା ଦ୍ୱାରା ବଡ଼ଦେଉଳର ସୁରକ୍ଷା ଆହୁରି ମଜଭୁତ ହେବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ ଡ୍ରୋନ୍ ବ୍ୟବହାର କରି ଆକ୍ରମଣ ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ନୋ-ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିଲା। ରଥଯାତ୍ରା ସମୟରେ ମଧ୍ୟ ଶ୍ରୀମନ୍ଦିର ଅଞ୍ଚଳ ଉପରେ ଅଧିକ କଟକଣା ରହିଥାଏ। ୨୦୧୪ରୁ 'ଭଏସ୍ ଅଫ୍ କମନ୍ ମ୍ୟାନ୍' ଅନୁଷ୍ଠାନ ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ-ଜୋନ୍ କରିବା ପାଇଁ ଦାବି କରିଆସୁଥିଲା। ଡିଜିସିଏର ମାନଦଣ୍ଡ ଅନୁଯାୟୀ ସର୍ଭେ ସହ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ଦସ୍ତାବିଜ୍ ସହ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। ଶେଷରେ ଡିଜିସିଏ ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରିଛି। ଏହାଦ୍ୱାରା ମନ୍ଦିର ଉପରେ କୌଣସି ଉଡ଼ାଣ ହୋଇପାରିବ ନାହିଁ। ଯଦି କେହି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଏହାର ଉଲ୍ଲଂଘନ କରନ୍ତି, ରେଡ୍ ଜୋନ୍ ନିୟମ ଅନୁଯାୟୀ ପୁଲିସ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବୈଷୟିକ

■ ଘୋଷଣା ହେଲା ରେଡ୍ ଜୋନ୍
■ ଡ୍ରୋନ୍ ଉଡ଼ାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଓ ନିଜସ୍ୱ ଉଦ୍ୟମରେ ପୁଲିସ ତୀକ୍ଷ୍ଣ ନଜର ରଖିବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣକୁ ପ୍ରତିହତ କରିପାରିବ। ସେହିପରି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବହାର କରି ଡ୍ରୋନ୍‌ଗୁଡ଼ିକୁ ଖସାଯାଇପାରିବ। ଡିଜିସିଏ ଦ୍ୱାରା ଶ୍ରୀମନ୍ଦିର ରେଡ୍ ଜୋନ୍ ଘୋଷଣା ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଇଛି।


ସୂଚନାଯୋଗ୍ୟ, ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଛି। ହେଲେ ଉଡ଼ାଣକାରୀଙ୍କ ବିରୋଧରେ ସେମିତି କିଛି କଡ଼ା ଦଣ୍ଡବିଧାନ ନଥିବାରୁ ପୁଲିସ ସେମାନଙ୍କୁ ଅଟକ ରଖି ଛାଡ଼ି ଦେଉଛି। ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। କିନ୍ତୁ ଏବେ ଏହା ଉପରେ ରୋକ୍ ଲଗାଯାଇପାରିବ ବୋଲି କୁହାଯାଇଛି। ଏହାସହ ବାହାରୁ ଆସୁଥିବା ୟୁଟ୍ୟୁବର୍‌ମାନେ ମଧ୍ୟ ଏ ସଂପର୍କରେ ଆଗୁଆ ଜାଣିପାରିବେ।

# ଆଶ୍ରମ ଗୁଳିକାଣ୍ଡ ପଛରେ ଗଣଦୁଷ୍କର୍ମ

## ବନ୍ଧାହେଲେ ମଠ ମୁଖିଆ ଓ ସହଯୋଗୀ

ଭୁବନେଶ୍ୱର, ୧୧।୧୦(ସମିସ):ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଆଶ୍ରମ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଥିବା ପୁଲିସ ୨୦୨୨ ମସିହାର ଏକ ନାବାଳିକା ଦୁଷ୍କର୍ମ ଘଟଣାର ପର୍ଦ୍ଦାଫାସ୍ କରିଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୁଲିସ ମଠ ମୁଖିଆ ଅଜୟ ସାମନ୍ତରାୟ ଓ ସହଯୋଗୀ ସୁକାନ୍ତ ବିଶ୍ୱାଳକୁ ଗିରଫ କରିଛି। ଅନ୍ୟପଟେ ଦେଉଳିଆ ପାଟଣା ଆଶ୍ରମ ଗୁଳିକାଣ୍ଡ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଗୁଆପୋଖରୀ ଅଞ୍ଚଳର ସୂରଜ ରାଉତ ଓରଫ୍ ଟିଙ୍କୁନ୍ (୨୩) ଓ ବ୍ରହ୍ମପୁରର ମୁକ୍ତିକାନ୍ତ ଦାସ ଓରଫ୍ ଶ୍ରୀରାମ (୨୮)। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ,୪ଟି ଜୀବନ୍ତ ଗୁଳି, ବୁଲେଟ ମୋଟରସାଇକେଲ, ୩ଟି ମୋବାଇଲ ଫୋନ, ୭ଟି ଖୋକା ଓ ୫ଟି ଫୁଟି ଯାଇଥିବା ଗୁଳି ଜବତ କରିଛି। ସୁରଜଙ୍କ ସମ୍ପର୍କୀୟା ଗଣଦୁଷ୍କର୍ମର ଶିକାର ହୋଇଥିବାରୁ ସେ ଗୁଳିମାଡ଼ କରିଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ପୁଲିସ ସୂଚନା ଅନୁସାରେ, କୁଜଙ୍ଗ ଥାନା ହଂସୁରାର ଅବସରପ୍ରାପ୍ତ ସେନା କର୍ମଚାରୀ ଅଜୟ ସାମନ୍ତରାୟ ଦେଉଳିଆ ପାଟଣାରେ 'ଭାଇ ଭାଇ' ମଠ କରିଛନ୍ତି। ଅନେକ ପୁରୁଷ ଓ ମହିଳାମାନେ ପୂଜାର୍ଚ୍ଚନା କରିବାକୁ ମଠକୁ ଆସୁଥିବା ବେଳେ ସେଠାରେ ରହିଥା'ନ୍ତି। ଗତ ରବିବାର ସନ୍ଧ୍ୟାରେ ଅଜୟ ସାମନ୍ତରାୟ, ସୁନୀଲ ବାରିକ, ଅଶୋକ ମହାନ୍ତି ଓ ଅନ୍ୟ ଅନ୍ତେବାସୀମାନେ ମଠର ପୂଜାର୍ଚ୍ଚନା କରୁଥିଲେ। ସେହି ସମୟରେ ସୁରଜ ଓ ଶ୍ରୀରାମ ଆସି ମଠ ଭିତରକୁ ପଶି ଅଜୟକୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ସୁନୀଲ ଓ ଅଶୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁନୀଲଙ୍କ ଶରୀରରେ ୪ଟି ଗୁଳି ବାଜିଥିବା ବେଳେ ଆଉ ଗୋଟିଏ ଗୁଳି ଅଶୋକଙ୍କ ପେଟରେ ଘଷି ହୋଇ ଯାଇଥିଲା। ସୁନୀଲଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ସେ ଏବେବି ଚିକିତ୍ସାଧୀନ ଅଛନ୍ତି।



ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଇନ୍‌ଫୋସିଟି ଥାନା ପୁଲିସ ସୂରଜ ଓ ଶ୍ରୀରାମର ସଂପୃକ୍ତି ପାଇ ଉଭୟଙ୍କୁ ଉଠାଇ ଆଣିଥିଲା। ସେମାନଙ୍କୁ ପଚରାଉଚରା ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ୨୦୨୨ ମସିହାରେ ସୁରଜର ସମ୍ପର୍କୀୟା ତଥା ଜଣେ ନାବାଳିକା ଓ ତାଙ୍କ ମାଆ ସୁକାନ୍ତର ପ୍ରରୋଚନାରେ ମଠକୁ ଆସିଥିଲେ। ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ଆଶାରେ ମଠକୁ ଆସିଥିବା ନାବାଳିକା ଜଣକ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ମଠରେ ରହଣୀ ମଧ୍ୟରେ ମଠ ମୁଖିଆ ଅଜୟ ଓ ସହଯୋଗୀ ସୁକାନ୍ତ ମିଶି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ପୁଲିସ ଆଗରେ ସେ କହିଥିଲେ। ନାବାଳିକାଙ୍କ ସମ୍ପର୍କୀୟଙ୍କଠାରୁ ଏଭଳି କଥା ଶୁଣିବା ପରେ ସୂରଜ ପ୍ରତିଶୋଧ ପରାୟଣ ହୋଇଥିଲା। ସୂରଜ ମଠ ମୁଖିଆଙ୍କୁ ଜୀବନରେ ମାରିଦେବାକୁ ଯୋଜନା କରି ଶ୍ରୀରାମର ସହଯୋଗ ମାଗିଥିଲା। ଉଭୟ ମିଶି ଗତ ଅଗଷ୍ଟ ମାସରେ ଅଜୟକୁ ମାରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଗତ ରବିବାର ମଧ୍ୟ ଅଜୟକୁ ମାରିବାକୁ ଆସିଥିଲେ ହେଲେ ତାକୁ ନ ପାଇ ସୁନୀଲ ଓ ଅଶୋକଙ୍କୁ ଗୁଳିମାଡ଼ କରିଥିଲେ।

■ ଗୁଳିକାଣ୍ଡ ଘଟଣାରେ ମଧ୍ୟ ଦୁଇ ଗିରଫ
■ ଗଣଦୁଷ୍କର୍ମର ଶିକାର ହୋଇଥିଲେ ଅଭିଯୁକ୍ତଙ୍କ ସମ୍ପର୍କୀୟା
■ ମଠ ସିଲ୍, ବନ୍ଧୁକ, ଗୁଳି ଓ ବାଇକ୍ ଜବତ

ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ଅଜୟ ଓ ସୁକାନ୍ତକୁ ଗିରଫ କରିବା ସହ ମଠକୁ ସିଲ୍ କରିଦେଇଛି ପୁଲିସ। କେବଳ ଏଇ ଜଣେ ନାବାଳିକା ନୁହନ୍ତି; ଅନେକ ନାବାଳିକା ଓ ମହିଳା ମଧ୍ୟ ମଠ ମୁଖିଆଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ମଠ ମୁଖିଆଙ୍କ ବିରୋଧରେ ଯଦି କେହି ଏଭଳି ନିର୍ଯାତନାର ଶିକାର ହୋଇଥା'ନ୍ତି, ତୁରନ୍ତ ଥାନାରେ ଜଣାଇବାକୁ ପୁଲିସ ସାଧାରଣରେ ନିବେଦନ କରିଛି। ଏହାଦ୍ୱାରା ମଠ ମୁଖିଆଙ୍କ ବିରୋଧରେ ଅଭିଯୋଗର ତାଲିକା ବଢ଼ିବ ବୋଲି ଆଶା କରାଯାଉଛି।

## ବ୍ୟବସ୍ଥିତ ହୋଇପାରୁନି ମହାନଗରରେ ବର୍ଜ୍ୟ ପରିଚାଳନା

# ଖର୍ଚ୍ଚ ୩ କୋଟି, ସହର ଆବର୍ଜନାମୟ

**ସମ୍ବଲପୁର, ୧୧।୧୦ (ସମିସ)**

ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳୁଛି। ୨୦୨୩ରୁ ମହାନଗର ଘୋଷଣା କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଆବର୍ଜନା ପରିଚାଳନା ବ୍ୟବସ୍ଥିତ ହୋଇପାରିନାହିଁ। ସହରର ବିଭିନ୍ନ ସ୍ଥାନ ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ଅଳିଆ ପଡ଼ିରହି ପରିବେଶ ପ୍ରଦୂଷିତ କରୁଛି ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍ଡବ୍ଲ୍ୟୁଏମ୍) ପାଇଁ ମାସିକ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା ପଡ଼ିରହି ପ୍ରତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଦୂରଦୃଷ୍ଟିବିହୀନ କାର୍ଯ୍ୟ, ଭିତ୍ତିଭୂମିର ଅଭାବ ଏବଂ ବିଭାଗୀୟ ମନିଟରିଂ ନକରିବା ଯୋଗୁଁ ଏଭଳି ସ୍ଥିତି ଉପୁଜୁଥିବା ସଚେତନ ମହଲରେ ଅଭିଯୋଗ ହେଉଛି।

୨୦୨୩ ମସିହାରେ ସମ୍ବଲପୁର ପୌରାଞ୍ଚଳ, ବୁର୍ଲା ଓ ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ ସହିତ ଧନକଉଡ଼ା ବ୍ଲକର ୭ଟି ଗ୍ରାମ ପଞ୍ଚାୟତ ଓ ମାନେଶ୍ୱର ବ୍ଲକର ୫ଟି ଗ୍ରାମ ପଞ୍ଚାୟତକୁ ନେଇ ସମ୍ବଲପୁର ମହାନଗର ନିଗମ ଗଠନ କରାଯାଇଛି। ମହାନଗରରେ ରହିଛି ୪୯ଟି ୱାର୍ଡ। ଏଥିରେ ଗୃହ ସଂଖ୍ୟା ୯୧ ହଜାରରୁ ଅଧିକ ଆକଳନ କରାଯାଉଥିବାବେଳେ ଉଡ଼ାଘରକୁ ମିଶାଇଲେ ଏହି ସଂଖ୍ୟା ୧ ଲକ୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ହେବ। ଏହାକୁ ସଠିକ ଭାବେ ସର୍ଭେ କରାଯାଇନାହିଁ। ସମ୍ବଲପୁର ମହାନଗର ନିଗମରେ ଦୈନିକ ୧୯୨ ମେଟ୍ରିକ ଟନ ପାଖାପାଖି ଅଳିଆ ଆବର୍ଜନା ବାହାରୁଛି। ତାହାର ପ୍ରକ୍ରିୟାକରଣ ତ ଦୂରର କଥା ସମ୍ପୂର୍ଣ୍ଣଭାବେ ସଂଗ୍ରହ କରାଯାଇପାରୁନାହିଁ। ୨୦୧୯ ମସିହାରେ ମାତ୍ର ୬୮ଟି ଅଳିଆ ଗାଡ଼ି ଥିବାବେଳେ ଏବେ ତାହା ୧୨୦ରେ ପହଞ୍ଚିଛି। ଏହି ସଂଖ୍ୟା ଆବଶ୍ୟକତାଠାରୁ ପ୍ରାୟ ୩୦ରୁ ୪୦ ପ୍ରତିଶତ କମ୍। ମହାନଗର ନିଗମ ଦ୍ୱାରା ବ୍ୟବହୃତ ହେଉଥିବା ଟାଟା-ଏସ୍ ଓ ଟ୍ରାକ୍ଟର ଗାଡ଼ିରୁ ସବୁସମୟରେ କିଛିସଂଖ୍ୟକ ଗାଡ଼ି ଅଚଳ ରହୁଛି। ଗାଡ଼ି ଗୁଡ଼ିକ ବୈଷୟିକ ତ୍ରୁଟି ହେଉଥିବାବେଳେ ସେଥିପାଇଁ ସମଗ୍ର ଗ୍ୟାରେଜ ବ୍ୟବସ୍ଥା ଏଯାବତ୍ ହୋଇପାରିନି। ବ୍ୟାଟେରୀ ଚାଳିତ ଗାଡ଼ିଗୁଡ଼ିକ ଖରାପ ହେବାସହ ମରାମତି କରାଯାଇପାରୁନାହିଁ।




ଖୁବ୍ ଶୀଘ୍ର ସେଗୁଡ଼ିକ ହଟାଇଦିଆଯିବ ବୋଲି ଜଣାପଡ଼ିଛି। ପ୍ରତିଦିନ ମହାନଗର ନିଗମ ଅଳିଆ ଗାଡ଼ି ଘରକୁ ଘର ଯାଇ ଅଳିଆ ସଂଗ୍ରହ କରୁଛି ତେବେ, ବହୁ ସମୟରେ ତାହାର ଓଦା ଓ ଶୁଖିଲା ପୃଥକୀକରଣ ଅଭାବରୁ ତାହାକୁ ୱେଲଥ୍ ସେଣ୍ଟର ବଦଳରେ ଡମ୍ପିଂ ୟାର୍ଡକୁ ପଠାଇଦିଆଯାଉଥିବା ଦେଖାଯାଉଛି। ନିଗମ ଅଞ୍ଚଳରେ ଅଳିଆ ଆବର୍ଜନାର ପ୍ରକ୍ରିୟାକରଣ ପାଇଁ ୯ଟି ୱେଲଥ୍ ସେଣ୍ଟର ରହିଛି। ଏଠାରେ ପ୍ରତ୍ୟେକ ଦିନ ଆବର୍ଜନା ପ୍ରୋସେସିଂ କରାଯାଉଛି।

ସମ୍ବଲପୁର ମହାନଗର ନିଗମରେ ସଫେଇ ଏବଂ ବର୍ଜ୍ୟ ପରିଚାଳନା ସକାଶେ ମାସିକ ପ୍ରାୟ ୨ କୋଟି ୬୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ତାହା ଏଯାଏ ବ୍ୟବସ୍ଥିତ ହୋଇପାରିନାହିଁ। ମହାନଗର ନିଗମର ୪୯ଟି ୱାର୍ଡରୁ ମାତ୍ର ୯ଟି ୱାର୍ଡ ସଫେଇ ଓ ଆବର୍ଜନା ପରିଚାଳନା ଦାୟିତ୍ୱ ମହାନଗର ନିଗମ ନିଜ ହାତରେ ରଖିଥିବାବେଳେ ବଳକା ୪୦ଟି ୱାର୍ଡ ବାୟୋଟିକ ଦୁଇଟି ଘରୋଇ ସଂସ୍ଥା ହାତରେ ରହିଛି। ଘରୋଇ ସଂସ୍ଥା ଗୁଡ଼ିକ ପାଖରେ ଆବଶ୍ୟକ ଉପକରଣ ଓ ଗାଡ଼ି ନଥିବା ବହୁସମୟରେ ଅଭିଯୋଗ ହେଉଛି। ସେମାନେ ସଠିକ୍ ଭାବେ ସଂଗ୍ରହ ଓ ବର୍ଜ୍ୟ ପରିଚାଳନା କରୁନଥିବା ଦେଖାଯାଉଛି। ଅସନ୍ତା ନଭେମ୍ବର ୧୬ ତାରିଖରେ ଏହି ଦୁଇଟି ସଂସ୍ଥାର ଚୁକ୍ତି ଅବଧି ଶେଷ ହୋଇଯିବ ବୋଲି ସୂଚନା ମିଳିଛି। ତେଣୁ ପରବର୍ତ୍ତୀ ସମୟରେ ଏସ୍ଡବ୍ଲ୍ୟୁଏମ୍ କିମ୍ବା ସିପିଏଚ୍ଓ ମେନୁଆଲକୁ ଅନୁସରଣ କରାଯିବା ଉଚିତ। ବହୁ ସମୟରେ ଏଥିରେ ବ୍ୟତିକ୍ରମ ଯୋଗୁଁ ପରିମଳ ପରିଚାଳନା ବ୍ୟବସ୍ଥା ପ୍ରଭାବିତ ହୋଇଥାଏ।

ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେଣୁକା ଖତ୍ରି କହିଛନ୍ତି, ସମ୍ବଲପୁରକୁ ସଫା ରଖିବାକୁ ଆମେ କର୍ମଚାରୀଙ୍କ ଦ୍ୱାରା ସଫେଇ ଏବଂ ଆବର୍ଜନା ପରିଚାଳନା କରୁଛୁ। ଲୋକଙ୍କୁ ଓଦା ଓ ଶୁଖିଲା ଅଳିଆ ଅଲଗା ଅଲଗା କରି ସଫେଇ ଗାଡିରେ ଦେବାକୁ ଅନୁରୋଧ କରାଯାଉଛି। ଅଳିଆ ଆବର୍ଜନାରୁ ୱେଲଥ ସେଣ୍ଟରରେ ଖତ ତିଆରି କରାଯାଉଛି। ଅନ୍ୟପକ୍ଷରେ ଏକ କେନ୍ଦ୍ରୀୟ ସରକାରୀ ସଂସ୍ଥା ସହ ସମ୍ବଲପୁର ମହାନଗର ନିଗମର ଏକ ଚୁକ୍ତିନାମା କରାଯାଇଛି ଯାହାଦ୍ୱାରା ସମ୍ବଲପୁରରେ ଏକ ବାୟୋ ଗ୍ୟାସ ପ୍ଲାଣ୍ଟ ଅତି ଶୀଘ୍ର ହେବାକୁ ଯାଉଛି। ସଂଗ୍ରହ ହେଉଥିବା ଓଦା ଅଳିଆରୁ ପ୍ରକ୍ରିୟାକରଣ କରାଯାଇ ବାୟୋ ଗ୍ୟାସ ତିଆରି ହେବ। ଏହି ପ୍ରକଳ୍ପର ଡିପିଆର ଶେଷ ପର୍ଯ୍ୟାୟରେ ରହିଥିବା ଆୟୁକ୍ତ ଶ୍ରୀ ଖତ୍ରି ସୂଚନା ଦେଇଛନ୍ତି।

## ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା

**ସମ୍ବଲପୁର, ୧୧।୧୦ (ସମିସ):** ହୀରାକୁଦ ଜଳଭଣ୍ଡାର ପୁଣି ପୂର୍ଣ୍ଣଗର୍ଭା ହୋଇଛି। ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଗତ କିଛିଦିନ ହେବ ଜଳସ୍ତର ସର୍ବୋଚ୍ଚ ପାଖାପାଖି ରହୁଥିବାବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି। ଶନିବାର ଅପରାହ୍ଣରେ ଆଉ ଗୋଟିଏ ଗେଟ୍ ଖୋଲାଯାଇ ମୋଟ ୩ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୫, ୫୬୮ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯, ୩୨୦ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୬୩୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୩୭୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୬, ୫୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୨, ୩୫୩ ଘନଫୁଟ, ଖଇରମାଲଠାରେ ୧, ୦୬, ୦୦୦ ଘନଫୁଟ, ବାରମୁଲଠାରେ ୧, ୪୪, ୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୧, ୯୦, ୧୩୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨.୫୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧.୧୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୧୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଝୁଲନ୍ତା ମୃତଦେହ ଉଦ୍ଧାର

**ସମ୍ବଲପୁର, ୧୧।୧୦ (ସମିସ) :** ବୁର୍ଲା ଥାନା ଅନ୍ତର୍ଗତ ବ୍ରହ୍ମପୁରାଠାରେ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଆଜି ପୁଲିସ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଖବର ଦେବାପରେ ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରିଥିଲା। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଯୁବକଙ୍କ ବୟସ ୩୦ ବର୍ଷ ହେବ। ତେବେ, ସେ କେଉଁ ପରିସ୍ଥିତିରେ ଏବଂ କେଉଁଠାରୁ ଏଠାକୁ ଆସି ଆତ୍ମହତ୍ୟା କରିଛନ୍ତି ପୁଲିସ ତାହାର ତଦନ୍ତ କରୁଛି।

## ଏସିଆନ୍ ଯୁବ କବାଡ଼ି ପ୍ରତିଯୋଗିତାରେ ସମ୍ବଲପୁରର ପ୍ରିୟଙ୍କା



**ସମ୍ବଲପୁର, ୧୧।୧୦ (ସମିସ):** ଆସନ୍ତା ୧୯ ତାରିଖରୁ ବାହାରିନ୍‌ଠାରେ ହେବାକୁ ଥିବା ଏସିଆନ୍ ୟୁଥ୍ କବାଡ଼ି ପ୍ରତିଯୋଗିତାରେ ଅଣ୍ଡର-୧୮ ଯୁବ ଭାରତୀୟ ବାଳିକା କବାଡ଼ି ଦଳ ସକାଶେ ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ମନୋନୀତ ହୋଇଛନ୍ତି। ସେ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ-୨ ଦ୍ୱିତୀୟ ବର୍ଷ ଛାତ୍ରୀ। ପ୍ରିୟଙ୍କାଙ୍କ ବାପା ସୁରେନ୍ଦ୍ର ପଧାନ ଓ ମା' ସଞ୍ଜୁ ପଧାନ ଏବଂ ତାଙ୍କ କୋଚ୍ ଶ୍ରୀକାନ୍ତ ବାରିକ ତାଙ୍କୁ ଏହି ସଫଳତା ଦିଗରେ ପ୍ରେରିତ ଓ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଅଣ୍ଡର-୧୮ ଯୁବ ଏସିଆନ୍ ଗେମ୍ସ (କବାଡ଼ି)ରେ ଅଂଶଗ୍ରହଣ କରୁଥିବା ସୁଶ୍ରୀ ପ୍ରିୟଙ୍କାଙ୍କୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରିୟଙ୍କା ଓ ତାଙ୍କ କୋଚ୍‌ଙ୍କୁ ଆଗାମୀ ଏସିଆନ୍ ଗେମ୍‌ସ ଖେଳ ସକାଶେ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ପରିଶ୍ରମ ଓ ନିଷ୍ଠାଙ୍କୁ ପ୍ରଶଂସା କରିବାସହ ପ୍ରିୟଙ୍କା ସମ୍ବଲପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି।

## ଶ୍ରୀଗଣେଶ ହାଇସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୧୧।୧୦(ସମିସ):** ଧନୁପାଲିସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଶିବିର ମାସକୁ ୧୦ ଦିନ ହିସାବରେ ୩ ମାସ ଯାଏ ଚାଲିବ। ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ କେମିତି ପ୍ରତିକୂଳ ପରିସ୍ଥିତିକୁ ଅନାୟାସରେ ସାମ୍ନା କରିପାରିବେ, ତାହା ହିଁ ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରଶିକ୍ଷିକା ମିନାରାଣୀ ମଲ୍ଲିକ ଓ ସୁଷମା ସଙ୍ଗୀତା ଟୀର୍କୀ ଆତ୍ମରକ୍ଷା କୌଶଳ ତାଲିମ ଦେଉଛନ୍ତି।

## ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ



**ସମ୍ବଲପୁର, ୧୧।୧୦(ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର ତଥା ସୁରକ୍ଷା ଅଧିକାରୀ ସରିତା ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦୀପ୍ତି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକାମାନେ କିପରି ନିଜ ଭବିଷ୍ୟତ ଉତ୍ତମ ଭାବରେ ଗଠନ କରିପାରିବେ ସେନେଇ ଆଲୋକପାତ କରିଥିଲେ। ସେ ରାଜ୍ୟସ୍ତରରେ ନିଜକୁ ପ୍ରତିଷ୍ଠିତ କରିବାକୁ ନିଜ ସଂଘର୍ଷର କାହାଣୀ ବଖାଣିଥିଲେ। ସମ୍ମାନିତ ଅତିଥି ପୁଷ୍ପା ମହାପାତ୍ର ବାଳିକାମାନେ ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ବାଣୀ ମହାପାତ୍ର କିଶୋରୀ ବାଳିକାମାନେ ସମାଜରେ ନିଜକୁ ସୁରକ୍ଷିତ ରଖି ଜୀବନରେ ଶୀର୍ଷକୁ ପହଞ୍ଚିବାକୁ ଉଦ୍ୟମ କରିବାକୁ କହିଥିଲେ। କିଶୋରୀ ବାଳିକାମାନଙ୍କ ମଧ୍ୟରେ କୁଇଜ୍, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ସମ୍ବଲପୁର ସଦର ପ୍ରୋଗ୍ରାମ ଅଫିସର ସୁଭାସିନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଅଣ୍ଡର-୧୯ ମହିଳା କ୍ରିକେଟ ଦଳରେ ବୈଦିକ ଛାତ୍ରୀ

**ସମ୍ବଲପୁର, ୧୧।୧୦(ସମିସ):** ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ, ପାବପାଲି, ଶାସନର ଦଶମ ଶ୍ରେଣୀ ଛାତ୍ରୀ ସ୍ୱାତିକା ବେହେରାଙ୍କ ଓଡ଼ିଶାର ଅଣ୍ଡର-୧୯ ମହିଳା କ୍ରିକେଟ ଦଳରେ ଚୟନ ହୋଇଯାଇଛି ଯାହାକି ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଖୁସିର ବିଷୟ। ସେ ଆଗକୁ ବିସିସିଆଇ ଦ୍ୱାରା ପରିଚାଳିତ ହେବାକୁ ଥିବା ଘରୋଇ ଟି-୨୦ମହିଳା କ୍ରିକେଟରେ ଓଡ଼ିଶା ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି। ବ୍ୟାଟିଂ ଓ ବୋଲିଂ ଉଭୟରେ ଚମତ୍କାର ପ୍ରଦର୍ଶନ କରୁଥିବା ସ୍ୱାତିକା ପ୍ରତିଦିନ ଅନୂନ୍ୟ ୮ରୁ ୧୦ ଘଣ୍ଟା ପରିଶ୍ରମ କରିଥାନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କ ଅଭିଭାବକ, ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ଅଧକ୍ଷ ଗୀତା ଧର୍ମରାଜନ, ଉପାଧକ୍ଷ ମୋନେନ ଈଶ୍ୱରୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ଖୁସିବ୍ୟକ୍ତ କରିବା ସହ ସୁଶ୍ରୀ ସ୍ୱାତିକାଙ୍କ ସଫଳତା କାମନା କରିଛନ୍ତି।



## ବିଞ୍ଝିପାଲିରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

**ଜମନକିରା, ୧୧।୧୦ (ସମିସ):** ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଞ୍ଝିପାଲିରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର କେନାଡ଼ିପା ସିଆରସିସି ବଳଦେବ ମାଝୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟରରେ ଥିବା ୮ଟି ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବରେ କୀର୍ତ୍ତନ ମାଝୀ ସରପଞ୍ଚ ମହଦା, ମୁଖ୍ୟବକ୍ତା ଭାବରେ ଅନ୍ତର୍ଯ୍ୟାମୀ ମହାରଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନାଢିପା, ସମ୍ମାନୀତ ଅତିଥି ଭାବରେ ସୁଶୀଲ ମାକର ସମିତି ସଭ୍ୟ ମହଦା, ଦେବାନନ୍ଦ ପଧାନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶେଷଦେବ ପଟେଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ହରେଶ ଭୋଇ ଏସଏମସି କମିଟି ସଭାପତି ବିଞ୍ଝିପାଲି ବିଦ୍ୟାଳୟ, ମଞ୍ଜୁଲତା ପଟେଲ ବିଞ୍ଝିପାଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଚାସୀନ ଥିଲେ। ମଞ୍ଚ ପଧାନ ସଭା ପରିଚାଳନା କରିଥିବା ବେଳେ ଅତିଥିମାନେ ପ୍ରଥମେ ସରସ୍ୱତୀ ଓ ଗଣେଶଙ୍କ ଫଟୋ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୀପକ ପଟେଲ, ସୁରୁମଣୀ ସୁନାନୀ, ମନୋଜ ଦଣ୍ଡସେନା, ଦେବକୀ ବିଶ୍ୱାଳ, କନକ ମଞ୍ଜରୀ ପଟେଲ, ଲଲାଟ ଧରୁଆ, ଲୁଚୁନୀ କିସାନ, ସୁଶାନ୍ତ ପ୍ରଧାନ, ଶିଶିର ନାଏକ, ଡିଲେଶ୍ୱର ପାତ୍ର, ପଙ୍କଜିନୀ ବାଘ, ଶ୍ୟାମ ସୁନ୍ଦର ବାଘ, ଶରତ ବରିହା, ମଧୁମିତା ନାୟକ, ଶୁଭଶ୍ରୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଗୁଣ୍ଡୁରୁଚୁଆରେ ୧୫ ତାରିଖ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ।



## ରୋଟାରୀ କ୍ଲବ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ସମ୍ବଲପୁର, ୧୧।୧୦ (ସମିସ) :** ଆର୍ନ୍ତଜାତିକ କନ୍ୟା ସନ୍ତାନ ଦିବସ ଅବସରରେ ଆଜି ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର୍ ପକ୍ଷରୁ ସହରର ବିଭିନ୍ନ ସ୍କୁଲରେ ମେଗା ଚିତ୍ରାଙ୍କନ ପ୍ରତିଯୋଗିତା 'ସ୍ୱାଲସ୍' ଆୟୋଜିତ ହୋଇଯାଇଛି। ଏହାର ବୈଦିକ ଇଣ୍ଟରନେସନାଲ ସ୍କୁଲ, ଦୁତିକା ପବ୍ଲିକ ସ୍କୁଲ, ବଡ଼ବଜାର ଓ ଗୋପାଳମାଲ ସ୍କୁଲର ଇଣ୍ଟରାକ୍ଟ କ୍ଲବମାନେ ନେତୃତ୍ୱ ନେଇଥିଲେ। କନ୍ୟା ସନ୍ତାନର ଗୁରୁତ୍ୱ, ସଶକ୍ତିକରଣ ଓ ନେତୃତ୍ୱ ବିଷୟରେ ସଚେତନ କରିବାକୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ଶ୍ରେଣୀ ବର୍ଗକୁ ନେଇ ବିଷୟ ଦିଆଯାଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଷୟ 'ସେଭ୍ ଗାର୍ଲ ଚାଇଲ୍ଡ' ଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ 'ଗାର୍ଲସ ଆର୍ ଦ ଫ୍ୟୁଚର୍', ନବମ ଓ ଦଶମ ଶ୍ରେଣୀ 'ଏଜୁକେଟ୍ ଗାର୍ଲସ ଏମ୍ପାୱାର୍ ଦ ନେସନ' ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ 'ଗାର୍ଲସ ଲିଡିଂ ଦ ୱାର୍ଲଡ' ବିଷୟ ରହିଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ରାଜୀବ ଜୈନ, ସମ୍ପାଦକ ସଞ୍ଜୟ ମିତ୍ତଲ, ପୂର୍ବତନ ସଭାପତି ଭଗତ ସିଂହ, ପ୍ରକଳ୍ପ ଚେୟାରମ୍ୟାନ ପୂର୍ବତନ ସଭାପତି ବିଲାଲ ମଲ୍ଲିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଚିସ୍ମିତା ଷଡ଼ଙ୍ଗୀ, ରଫିନା ନାଜ, ଉର୍ମିଳା ବେହେରା, ଇଶା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରୀ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ୩୨୬୧ ଡିଷ୍ଟ୍ରିକ୍ଟ ମ୍ୟାନେଜମେଣ୍ଟ ଟିମ୍ (୨୫-୨୬)ର ସଦସ୍ୟ ଭାବେ କ୍ଲବର ପୂର୍ବତନ ସଭାପତି ମହମ୍ମଦ ପରଭେଜ ଅଲୀ ଖାନ ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କୁ ଏକ୍ସପୋଜର ଓ ତାଲିମ କାର୍ଯ୍ୟକ୍ରମ

**କୁଚିଣ୍ଡା, ୧୧।୧୦(ସମିସ):** ଦେଶର ବିଭିନ୍ନ ସହରରେ ତଳବସ୍ତିର ଅଧିବାସୀ ଏବଂ ପଛୁଆ ଅଞ୍ଚଳର ଗରୀବ ଓ ଉପେକ୍ଷତି ପରିବାର ଗୁଡିକର ପ୍ରକୃତ ବିକାଶ ସାଧନ ସକାଶେ ଦିଲ୍ଲୀସ୍ଥିତ ଆମିଟି ବିଶ୍ୱ ବିଦ୍ୟାଳୟର ଜୈବିକ କୃଷି ବିଭାଗର ଛାତ୍ରଛାତ୍ରୀ ତିନି ମାସ ସ୍ୱତନ୍ତ୍ର ଢଙ୍ଗରେ ଉଦ୍ୟମ କରି ପ୍ରଶଂସିତ ହୋଇଥିବା ଜଣାଯାଇଛି। ଏଥିରେ କୁଚିଣ୍ଡା ଅଞ୍ଚଳର ଜନୈକ ମେଧାବୀ ଛାତ୍ରୀ ରହିଥିବା ଜଣାଯାଇଛି। ସୂଚନା ଅନୁଯାଇ ସହରରେ ବସ୍ତି ତଳର ପରିବାର ଏବଂ ଗ୍ରାମାଞ୍ଚଳରେ ଗରୀବ ଓ ଉପେକ୍ଷତି ପରିବାରର ଶିଶୁ ବା ସନ୍ତାନମାନେ ବହୁସ୍ଥଳେ ଉପେକ୍ଷତି ହୋଇ ରହୁଥିବା ଦେଖାଯାଏ। ଏହାର ସାମଗ୍ରୀକ ବିକାଶ ତଥା ବିଶମୁକ୍ତ ଖାଦ୍ୟ ଯୋଗାଣ ସକାଶେ ଦିଲ୍ଲୀସ୍ଥିତ ଆମଟି ବିଶ୍ୱବିଦ୍ୟାଳୟର ଜୈବକ କୃଷି ବିଭାଗ ଉଦ୍ୟମ ଆରମ୍ଭ କରିଛି। ଉକ୍ତ ବିଭାଗର ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀ ପ୍ର.ଡ.ନିଖିଳ ଚାଣ୍ଡେଲଙ୍କ ତତ୍ତ୍ୱାବଧାନରେ ତିନି ମାସ ଧରି ଦିଲ୍ଲୀ ସ୍ଥିତ କିର୍ତି ନଗରରେ ଏହି ଉପାଦେୟ କାର୍ଯ୍ୟକ୍ରମ ପରୀକ୍ଷଣ ଭାବେ କରିଥିବା କୁହାଯାଉଛି। ସେଠାକାର ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଅନୁଷ୍ଠାନର ସହାୟତାରେ ଗରୀବ ଛାତ୍ରଛାତ୍ରୀ କିପରି ନିଜର ଭବିଷ୍ୟତ ଗଠନର ସ୍ୱପ୍ନ ଦେଖିବା ସହ ବିଷମୁକ୍ତ ଚାଷ କରିବା ଓ ଖାଇବା ଆଦି ଦିଗରେ ଉଦ୍ୟମ କରିବେ ସେଥି ସକାଶେ ଉଦ୍ୟମ କରିଥିବା ପ୍ରକାଶ। ସେଠାକାର ଶିଶୁଙ୍କୁ ପାଠ ପଢ଼ାଇଥିବା ସହ ଗରୀବଙ୍କୁ ଆର୍ଥିକ ସହାୟତା ପାଇଁ ଅର୍ଥ ସଂଗ୍ରହ କାର୍ଯ୍ୟ, ବୃକ୍ଷରୋପଣ ସମେତ ବିଭିନ୍ନ ଉପାଦେୟ ସମାଜସେବୀ କରିଥିବା ଜଣାଯାଇଛି। ଏହି ଦଳରେ କୁଚିଣ୍ଡା ସହରସ୍ଥ ତମନ୍ନା ନାଏକ ନାମ୍ନୀ ଛାତ୍ରୀ ସାମିଲ ହୋଇ ପ୍ରଶଂସିତ ହୋଇଛନ୍ତି।



## ବସନ୍ତପୁରରେ ଆକ୍ୱାପାର୍କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ




**ସମ୍ବଲପୁର, ୧୧।୧୦ (ସମିସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀଠାରେ 'ପିଏମ୍ ଧନ-ଧାନ୍ୟ କୃଷି ଯୋଜନା' ଏବଂ 'ଦଲହନ ଆତ୍ମନିର୍ଭରତା ମିଶନ'ରେ ୪୨ ହଜାର କୋଟି ଟଙ୍କାର ବିଭିନ୍ନ କୃଷି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ପ୍ରକଳ୍ପର ଆଭାସି ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ବଲପୁର ଜିଲ୍ଲା ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତଥା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ପ୍ରଧାନମନ୍ତ୍ରୀଙ୍କ ଆଭାସୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ସମ୍ବଲପୁର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରୀ ନାଏକ, ମତ୍ସ୍ୟଚାଷ ବିଭାଗ ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ଓ ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ସୁବ୍ରତ ଦାଶ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, ଆକ୍ୱାପାର୍କ ମତ୍ସ୍ୟଚାଷ କ୍ଷେତ୍ରରେ ଗବେଷଣାର ସୁବିଧା ଦେବ। ଏହାସହ ଉତ୍ପାଦନ ଦ୍ୱିଗୁଣିତ କରି ଆୟବୃଦ୍ଧି କରିବ ଏବଂ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ ବୋଲି କହିଥିଲେ। ସୂଚନା ଅନୁଯାୟୀ, ଏହି ସମନ୍ୱିତ ଆକ୍ୱାପାର୍କ ବା ଇଣ୍ଟିଗ୍ରେଟେଡ ଆକ୍ୱାପାର୍କ (ଆଇଏପି) ମାଛ ଚାଷରେ ଆଧୁନିକତା ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମୃଦ୍ଧି ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ) ଅଧୀନରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପଟି ସମ୍ବଲପୁର ଜିଲ୍ଲାର ବସନ୍ତପୁର ଗାଁରେ ଥିବା ୯୫.୪୭୦ ଏକର ଭୂମି ଉପରେ ନିର୍ମିତ ହେବ। ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ବିକାଶ ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ ଏହି ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୧୦୦ କୋଟି ଟଙ୍କା ରହିଛି। ଏହି ପାର୍କର ଅନେକ ବିଭାଗ ରହିଛି ଯାହା ମାଛ ଚାଷ ଓ ଜଳଜ ପ୍ରଜାତି ବିକାଶ ପାଇଁ ଏକ ସମ୍ପୂର୍ଣ୍ଣ ପରିସର ସୃଷ୍ଟି କରିବ। ଏଥିରେ ଫିସ୍ ପାର୍କ, ଇନ୍‌ଫ୍ରାଷ୍ଟ୍ରକଚର୍ ପାର୍କ, ଫିସ ପ୍ରୋସେସିଂ ପାର୍କ, ପ୍ୟାକିଂ ଆଣ୍ଡ ନେଟ୍ ଆସେସୋରିଜ୍ ପାର୍କ, ନଲେଜ୍ ପାର୍କ ଓ ଆଫ୍ଲୁଆଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ଆଦି ଅନ୍ତର୍ଭୁକ୍ତ ରହିଛି। ଶେଷରେ ମତ୍ସ୍ୟଚାଷ ବିଭାଗ ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତ ଆଲୁମିନିୟମ ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ

**ସମ୍ବଲପୁର/ ଝାରସୁଗୁଡ଼ା, ୧୧।୧୦ (ସମିସ):** ବେଦାନ୍ତ ଆଲୁମିନିୟମ ଶନିବାର ଝାରସୁଗୁଡାର ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ ଏକ ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଆୟୋଜନ କରିଛି ।୨୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ, କନକ୍ଲେଭ ଏସଟିଇଏଜି ଏନର୍ଜି ସର୍ଭିସେସ୍ ଏବଂ ଏନଟିପିସି



ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଏସଜିଏଲ) ସହଭାଗିତାରେ ଅନୁଷ୍ଠିତ ହୋଇଥିଲା । ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଏକ ସହଯୋଗୀ ସୁରକ୍ଷା ଉତ୍କର୍ଷତା କାର୍ଯ୍ୟକ୍ରମ ଯାହା ସକ୍ରିୟ ବିପଦ ପରିଚାଳନାକୁ ପ୍ରୋତ୍ସାହିତ କରିବା ସହିତ କର୍ମଚାରୀଙ୍କ ନେତୃତ୍ୱରେ ନବସୃଜନକୁ ଉତ୍ସାହିତ କରିବା ଏବଂ ମୁଖ୍ୟ ଶିଳ୍ପ କାର୍ଯ୍ୟର ବିଭିନ୍ନ କ୍ଷେତ୍ରରେ ସୁରକ୍ଷାରେ ସାମୂହିକ ଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି । ସମ୍ଭାବ୍ୟ ବିପଦ ଚିହ୍ନଟ ଏବଂ ହ୍ରାସ କରିବାରେ ଦୋକାନୀ ଦଳଗୁଡ଼ିକୁ ନିୟୋଜିତ କରି, ଏହି ପଦକ୍ଷେପ ବେଦାନ୍ତର କାର୍ଯ୍ୟକ୍ଷମ ଡିଏନଏର ଏକ ସହଜାତ ଅଂଶ ଭାବରେ ସୁରକ୍ଷାକୁ ସ୍ଥାପିତ କରିବାର ଲକ୍ଷ୍ୟ ରଖିଛି ।

ଏହି ପ୍ରୟାସର ଏକ ଅଂଶ ସ୍ୱରୂପ, ୨୬ରୁ ଅଧିକ ଅଂଶଗ୍ରହଣକାରୀ ଦଳ ଏକ ବିଶେଷଜ୍ଞ ଜୁରୀ ପ୍ୟାନେଲ ସମ୍ମୁଖରେ ସେମାନଙ୍କର ଅଭିନବ ସୁରକ୍ଷା ଉନ୍ନତି ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିଥିଲେ ।ସବୁଠାରୁ ପ୍ରଭାବଶାଳୀ ପ୍ରକଳ୍ପଗୁଡ଼ିକୁ ଚାରୋଟି ବର୍ଗରେ ସ୍ୱୀକୃତି ଦିଆଯାଇଥିଲା: ପ୍ଲାଟିନମ୍, ସୁନା, ରୂପା ଏବଂ ବ୍ରୋଞ୍ଜ, ସେମାନଙ୍କର ପ୍ରଭାବଶାଳୀତା, ସୃଜନଶୀଳତା ଏବଂ ୟୁନିଟ୍ ମଧ୍ୟରେ ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ସମ୍ଭାବନା ପାଇଁ, କାର୍ଯ୍ୟକ୍ରମରେ ପ୍ରଦର୍ଶିତ ୩୪ଟି ଶ୍ରେଷ୍ଠ ଧାରଣାକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପ୍ରୟାସ ବିଷୟରେ ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବେଦାନ୍ତରେ ସୁରକ୍ଷା ଏକ ସହଭାଗୀ ମୂଲ୍ୟ ଯାହା ଆମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟଦକ୍ଷତାକୁ ପରିଭାଷିତ କରେ । ଏସଟିଇଏଜ ଏନର୍ଜି ସର୍ଭିସେସ୍ ଏବଂ ଏନଟିପିସି ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଏସଜିଏଲ) ସହିତ ଆମର ସହଯୋଗ ମାଧ୍ୟମରେ, ଆମେ ବ୍ୟାପକ ଶିଳ୍ପରେ ସୁରକ୍ଷା ସଂସ୍କୃତି ଏବଂ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ଉଭୟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ ।

ଏହି ଅବସରରେ, ଆରକେ. ସିଂହ, ମୁଖ୍ୟ ଟିପପ, ଏସଟିଇଏଜ ଏନର୍ଜି ସର୍ଭିସେସ୍ ଏବଂ ସିପିପି, ଏନ୍‌ଟିପିସି ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଜଏସଏଲ) ମୁଖ୍ୟ ଏମଏସ ପଟେଲ ତାଙ୍କ ମତାମତ ପ୍ରଦାନ କରିଥିଲେ । ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଦୃଢ଼ ଅଂଶଗ୍ରହଣକୁ ଆକର୍ଷିତ କରିଥିଲା, ଯାହା ପ୍ଲାଣ୍ଟ ସୁରକ୍ଷା ଏବଂ ସାମୁଦାୟିକ କଲ୍ୟାଣ ବୃଦ୍ଧି କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ।

# କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

**ପାଇକମାଲ, ୧୧।୧୦(ସମିସ):** ପାଇକମାଲ ବ୍ଲକ ନୃସିଂହନାଥ ଆୟୋସିଏଲ ଡାକ ବଙ୍ଗଳା ସଭା ଗୃହ ଠାରେ କୋଶଳରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଆଇନଜୀବୀ ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମ ଓଡ଼ିଶାର କୋଶଳରାଏଜ ସମନ୍ୱୟ ସମିତ, କୋଶଳରାଏଜ ମୁକ୍ତି ମୋର୍ଚ୍ଚା, କୌଶଳ ସେନା, ସଂଯୁକ୍ତ କୃଷକ ସଙ୍ଗଠନ, କୋଶଳ କ୍ରାନ୍ତି ସେନା, କୋଶଳ ମୁକ୍ତି ବାହିନୀ, ମହେଶ୍ୱରୀ ସେନା, ସ୍ୱଭିମାନ ଜିଲ୍ଲା ସମାଜସେବୀ ସଂଘ ବରଗଡ଼ ଆଦି ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଆଗାମି ୧୯ ତାରିଖ ଦିନ କୋଶଳବାଦୀ ସଂଗଠନକୁ ନେଇ ବୈଠକ କରାଯାଇ କୋଶଳ ମହାବନ୍ଧ ବିଷୟରେ ଆଲୋଚନା କରାଯିବ । ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ଗମନାଗମନ ସବୁ କ୍ଷେତ୍ରରେ ଅସମତୁଲ ବିକାଶ ଓ ଭିତ୍ତଭୂମି ଅଭାବର ପ୍ରତିବାଦ କରି ସ୍ୱତନ୍ତ୍ର କୋଶଳରାଜ୍ୟ ଗଠନ ଦାବି ବହୁ ଦିନରୁ ହୋଇ ଆସୁଛି । ପଶ୍ଚିମ ଓଡ଼ିଶାର ଉନ୍ନତି ପାଇଁ ବିକାଶ ପରିଷଦ ଗଠନ କରାଯାଇଥିଲା ମାତ୍ର ତାହା ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି । ବିଭିନ୍ନ କୋଶଳବାଦୀ ସଂଗଠନ ସ୍ୱତନ୍ତ୍ର ରାଜ୍ୟ ଦାବି ପାଇଁ ଆନ୍ଦୋଳନ କରି ଆସୁଛନ୍ତି । ତୃଣମୂଳ ସ୍ତରରୁ ସ୍ୱର ଉତ୍ତୋଳନ ସହ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ମତ ପ୍ରକାଶ ପାଇଥିଲା । ଏହି ଦୃଷ୍ଟିରୁ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ସର୍ବସମ୍ମତ ପ୍ରସ୍ତାବ ପାରିତ ହୋଇଥିଲା । କୋଶଳରାଜ୍ୟ ଆନ୍ଦୋଳନ ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ପଶ୍ଚିମ ଓଡ଼ିଶାର ମହାନ ପର୍ବ ପୁଷପୁନି ଦିନ ସବୁ କୋଶଳବାଦୀ ସଂଗଠନ ମାନେ ଗାଁ ଗାଁରେ ଛେରଛେରା ମାଗି ପାଣ୍ଠି ଯୋଗାଡ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ଆଗାମୀ ଦିନରେ ଦିଲ୍ଲୀରେ ଏକ ସମାବେଶ କରି କେନ୍ଦ୍ର ସରକାରଙ୍କ ପାଖରେ ସମ୍ବିଧାନର ଧାରା ୨ ଅନୁଯାୟୀ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ଉପସ୍ଥାପନ କରାଯିବ । କୋଶଳ ସେନା ସଭାପତି ସୁଦାମ ପାତ୍ର ଧନ୍ୟବାଦ ଦେଇଥିଲେ ।

# ୨୫୯୮ ନିଶା ଇଞ୍ଜେକସନ ଜବତ, ୬ ଗିରଫ

**ପଦ୍ମପୁର/ପାଇକମାଲ, ୧୧।୧୦(ସମିସ)**

ବରଗଡ଼ ଜିଲ୍ଲା ପାଇକମାଲ ପୁଲିସ ୨୫୯୮ ନିଶା ଇଞ୍ଜେକସନ, ଏକ ଜାଇଲୋ କାର ଗାଡି, ଗୋଟିଏ ବୁଲେଟ ଗାଡି, ଗୋଟିଏ ସ୍କୁଟି ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ

**ଜବତ ଇଞ୍ଜେକସନର ମୂଲ୍ୟ ୩ ଲକ୍ଷ ଟଙ୍କା**

ଚାଲାଣ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର ସୂଚନା ଦେଇଛନ୍ତି । ପୁଲିସ ଅନୁଯାୟୀ, ଭୁବନେଶ୍ୱର ଦେଇ ନିଶା ସାମଗ୍ରୀ ଆଣୁଥିବା ବିଶେଷ ସୂତ୍ରରୁ ଖବର ପାଇ ପାଇକମାଲ ପୁଲିସ ପଦ୍ମପୁର ପାଇକମାଲ ଦେଇ ଯାଉଥିବା ବିଜୁ ଏକ୍ସପ୍ରେସ



ୱେରେ ଥିବା ନିଶାନୀଗୁଡି ମନ୍ଦିର ସାମ୍ନାରେ ଏକ ଜାଇଲୋ କାରକୁ ଅଟକାଇ ଥିଲା । ସେଥିରୁ ବିପୁଳ ନିଶା ସାମଗ୍ରୀ ଜବତ ହୋଇଥିଲା । ଗାଡିରୁ ୨୫୯୮ ଗୋଟି ନିଶା ଇଞ୍ଜେକସନ, ୬ଟି ମୋବାଇଲ, ଗୋଟେ ବୁଲେଟ, ଗୋଟିଏ ସ୍କୁଟିକୁ ଜବତ ହୋଇଛି । ଗିରଫ ୬ ଜଣ ଅଭିଯୁକ୍ତ ହେଲେ ପାଇକମାଳ ଥାନା କଲୋନୀ ପଡ଼ାର ଉମେଶ ସାହୁ (୨୮), କଟାପଡ଼ାର ମଦନ ବରିହା (୩୫), ମାଲପଡ଼ାର ସାନନ୍ଦ ସେଠ (୨୭), କଲୋନୀ ପଡ଼ାର ହୁସେନ ଖାନ୍ (୪୭), ବନମାଳର ଶୋଭାଚନ୍ଦ୍ର ସାହୁ (୨୯), ଟେମରୀର ହରେକୃଷ୍ଣ ବନଛୋର (୩୫) । ଏନେଇ ପାଇକମାଳ ଥାନାରେ ମାମଲା ରୁଜୁ ହୋଇଛି । ଏମାନଙ୍କ ମଧ୍ୟରେ ଉମେଶ ସାହୁ, ସାନନ୍ଦ ସେଠ, ହରେକୃଷ୍ଣ ବନଛୋରଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରୁଜୁ ହୋଇଛି । ନିଶା ସାମଗ୍ରୀ ପାଖାପାଖି ୩ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି । ସାମ୍ବାଦିକ ସମ୍ମିଳନୀରେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଏସଆଇ ବିରେନ୍ଦ୍ର ବାଗ ସମେତ ପୁଲିସ ବିଭାଗର ଅଧିକରୀମାନେ ଉପସ୍ଥିତ ଥିଲେ ।

# ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୧୧।୧୦ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଯୋଗରେ 'ସାମ୍ପ୍ରତିକ କାଳରେ ତାତ୍ତ୍ୱିକ ଏବଂ ପ୍ରାୟୋଗିକ ପଦାର୍ଥ ବିଜ୍ଞାନର ବିଭିନ୍ନ ଧାରା' ଶୀର୍ଷକ ଦୁଇଦିନିଆ ସମ୍ମିଳନୀ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ



ଆଜି ଉଦ୍‌ଯାପିତ ହୋଇଯାଇଛି । ଗତକାଲି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ, ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ତଥା ରାଜା ରମନ୍ନା ଚେୟାର ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ ଯୋଗଦେଇଥିଲେ । ପ୍ରଫେସର ଶ୍ରୀବାସ୍ତବ ଭିତ୍ତି ପ୍ରବନ୍ଧ ଉପସ୍ଥାପନ ପୂର୍ବକ ଖଗୋଳ ବିଜ୍ଞାନର ବିଭିନ୍ନ ଧାରା ଓ ଗବେଷଣା ସମ୍ବନ୍ଧରେ ଆଲୋକପାତ କରି ବ୍ଲାକହୋଲ ବା କୃଷ୍ଣଗହ୍ୱରର ଉତ୍ପତ୍ତି ତଥା ସେଥିରୁ ନିର୍ଗତ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆଲୋଚନା କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ରାକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ଅଧିକାରୀ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗଠନ ସମ୍ପାଦକ ଡଃ ସଞ୍ଜୟ ପଟ୍ଟନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ ଏବଂ ସମ୍ମିଳନୀ ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦ୍‌ଘାଟନୀ ଉତ୍ସବର ସଂଯୋଜନା କରିଥିଲେ ।

ପ୍ରଥମ ଦିନର ଦୁଇଟି ଅଧିବେଶନରେ ଆଲୋଚକ ଭାବରେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶିକା ପ୍ରଫେସର ଶିଖା ବର୍ମା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ଭିସୁଟ ବୁର୍ଲାର ପଦାର୍ଥ ବିଜ୍ଞାନ ପ୍ରଫେସର ଅକ୍ଷୟ କୁମାର ପଟ୍ଟନାୟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ଦିବସରେ ପ୍ରମୁଖ ଆଲୋଚକ ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବାନାର୍ଜୀ ବେହେରା, ଭାରତୀୟ ବିଜ୍ଞାନ ଅନୁଷ୍ଠାନ, ବାଙ୍ଗାଲୁରୁର ତଥ୍ୟ ବିଜ୍ଞାନ ପ୍ରଫେସର ରତିକାନ୍ତ ବେହେରା ଗବେଷଣା ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷା କଳ୍ପନା ମେହେର ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଧୁନିକ ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ଅନେକାନେକ ପରିବର୍ତ୍ତନ ଆଣିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ । ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଗବେଷକ ତଥା ଛାତ୍ରଛାତ୍ରୀମାନେ ଏହି ସମ୍ମିଳନୀରେ ଭାଗ ନେଇଥିଲେ । ଏହି ଅବସରରେ ଛାତ୍ରୀ ତଥା ଗବେଷକଙ୍କଦ୍ୱାରା ନିଜ ଗବେଷଣା ସମ୍ବନ୍ଧୀୟ ପୋଷ୍ଟର ଉପସ୍ଥାପନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଶ୍ୱେତାରାଣୀ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ସମ୍ମିଳନୀର ସହଯୋଗୀ ଆବାହିକା ଡଃ କେ ମାଧୁରୀ ଅତିଥି ପରିଚୟ ଏବଂ ଶେଷରେ ଅଧ୍ୟାପକ ରାଜେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରଫେସର ସିଦ୍ଧାର୍ଥ ସାହୁ, ଅଧ୍ୟାପକ ରବୀନ୍ଦ୍ର ପୁରୋହିତ, ତ୍ରିନାଥ କେଛୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଅବସରରେ ରକ୍ତଦାନ ଶିବିର

**ବରଗଡ଼, ୧୧।୧୦(ସମିସ):** ମାଁ ଗଜଲକ୍ଷ୍ମୀ ପୂଜାରୌପ୍ୟ ଜୟନ୍ତୀ ମହୋତ୍ସବ ଅବସରରେ ବୀରମାଲ ଚାରିଛକ ଠାରେ ଗଜଲକ୍ଷ୍ମୀ ପୂଜା କମିଟି ଓ ସଂକଳ୍ପ ପରିବାର ବରଗଡ଼ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରହିତ ଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ । ବୀରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ଓ ନାଏବ ସରପଞ୍ଚ ଶ୍ରୀ କୈଳାସ ସାହୁଙ୍କ ସହିତ ମୋଟ ୫୩ ଜଣ ରକ୍ତଦାନ କରିଥିଲେ । ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜିରମେଶ, ଗଜଲକ୍ଷ୍ମୀ ପୂଜା କମିଟି ସଭାପତି କୃଷଚନ୍ଦ୍ର ଦାସଙ୍କ ସହିତ ସୁରେନ୍ଦ୍ର ଭୁଏ, ଦେବେନ୍ଦ୍ର ଭୁଏ, ଅନନ୍ତ ସାହୁ, ନୀଲେଶ ପଧାନ, ଚିନ୍ମୟ ପାଣ୍ଡେ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଧନଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ

**ବରଗଡ଼, ୧୧।୧୦(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଯୋଜନା ଗୁଡ଼ିକ କୃଷିକ୍ଷେତ୍ରରେ କୃଷକଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଆଜି ଠାରୁ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ ହେବା ସହ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନେଇ ଖୁସିବ୍ୟକ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସଭା ଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଧନଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ କୃଷିକ୍ଷେତ୍ରରେ କୃଷକଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହାଦ୍ୱାରା ଚାଷୀ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଲାଭବାନ ହେବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।





'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା'ର ଶୁଭାରମ୍ଭ ଦ୍ୱାରା ଚାଷୀ ପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଡିଭିଓ ବିରୁପାକ୍ଷ ନାୟକ, ଡିଆରସିଏସ ଯୁଗଳ କିଶୋର ଦାସ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକରୁ ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**ଅତାବିରା:** ଆଭାସୀ ମାଧ୍ୟମରେ ପିଏମ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନକୁ ଶନିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ମୋଦୀ ଶୁଭାରମ୍ଭ କରିଛନ୍ତି । ଆଭାସୀ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଅତାବିରା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ମିଳନୀ କକ୍ଷ ଠାରେ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପରେ ଚାଷୀ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି । ଅତାବିରା ଆରଏମସିର ସମ୍ପାଦକ ଶଶାଙ୍କ ଶେଖର ସାହାଣୀ, ମଣ୍ଡି ପରିଚାଳକ ଲିଙ୍ଗରାଜ ସୁନା, ଗୋପୀନାଥ ନାୟର, ସମେତ ଆରଏମସିର ବହୁ କର୍ମଚାରୀ ଯୋଗ ଦେଇଥିଲେ । ଅନ୍ୟ ପଟେ ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର ସମେତ ବହୁ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟକ୍ରମରେ ଦେଶର ଚାଷୀଙ୍କ ପାଇଁ ୧୧ଶହ ପ୍ରକଳ୍ପ ମାଧ୍ୟମରେ ୪୨୦୦ କୋଟି ଟଙ୍କାର ଅନୁଦାନ ବ୍ୟୟ ବରାଦ ଶୁଭାରମ୍ଭ କରିଥିଲେ । ସେଥି ମଧ୍ୟରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ୫୯. ୧୩ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପାଇକାରୀ ମାଛ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଫଳରେ ସମଗ୍ର ଚାଷୀ ସମାଜ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ସ୍ଥାନୀୟ ଚାଷୀ ଆଶାବ୍ୟକ୍ତ କରିଥିଲେ ।

# ମୈଥିଳୀ ମେହେରଙ୍କ ପରଲୋକ

**ବରଗଡ଼, ୧୧।୧୦(ସମିସ):** ବରଗଡ଼ ୱାର୍ଡ ନଂ ୧୦ରେ ରହୁଥିବା ଦାମୋଦର ରାଉତଙ୍କ ପତ୍ନୀ ମୈଥିଳୀ ମେହେରଙ୍କ ଶନିବାର ପରଲୋକ ହୋଇଛି । ସେ



ପେଷାରେ ଜଣେ ଲେଖିକା ଥିଲେ । ତାଙ୍କ ତିନି ପୁଅ କ୍ଷିରୋଦ୍ର ମେହେର, ଡାକ୍ତର ପରମେଶ୍ୱର ମେହେର ଓ ହୃଷିକେଶ ମେହେର ରହିଛନ୍ତି । ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, କିଶୋର ମିଶ୍ର, ସୁବଳ କର, ସାମ୍ବାଦିକ ସତ୍ୟଜିତ ଦାଶ, ସାମ୍ବାଦିକ ଦିଲୀପ ଆଚାର୍ଯ୍ୟ, ମଦନଲାଲ୍ କେଡିଆ ତଥା ଗୁଡେଶିରା ଗ୍ରାମବାସୀ ଶୋକବ୍ୟକ୍ତ କରିଛନ୍ତି । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବଡ ପୁଅ କ୍ଷିରୋଦ୍ର ମୁଖାଗ୍ନି ଦେଇଥିଲେ ।

# କ୍ଲଷ୍ଟରସ୍ତରୀୟ 'ସୁରଭି'କାର୍ଯ୍ୟକ୍ରମ

**କୁଚିଣ୍ଡା, ୧୧।୧୦(ସମିସ):** ବାମରା ସ୍ଥିତ ଭାଗିରଥୀ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦପୁର ସାଧନ କେନ୍ଦ୍ରର ସାଧନ ସଂଯୋଜକ ନିତ୍ୟାନନ୍ଦ ସୁନାନିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଦିନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହୃଦାନନ୍ଦ ପ୍ରଧାନ, ବିଆରଟି ହିମାଂଶୁ ଭୂଷଣ ରାଉତ, ଶିକ୍ଷକ ସଞ୍ଜୟ ସାହୁ ଓ ଅନନ୍ତ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ନିଜ ନିଜ ମତ ରଖିଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟଦା ଭୋଇ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା ।



# ଜିଲ୍ଲା ବିଦ୍ୟାଳୟ ସମୂହ ସତରଞ୍ଜ, ଫୁଟବଲ ଓ ଖୋ-ଖୋ ପ୍ରତିଯୋଗିତା

**ସମ୍ବଲପୁର, ୧୧।୧୦ (ସମିସ)**

ଯୁଯୋମୁରା ବ୍ଲକସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜୟନ୍ତପୁରଠାରେ ସମ୍ବଲପୁର ଜିଲ୍ଲା ବିଦ୍ୟାଳୟ ସମୂହ ସତରଞ୍ଜ, ଫୁଟବଲ ଏବଂ ଖୋ-ଖୋ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ଲୁହା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଗଣେଶ ତାଣ୍ଡିଆ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସୁଜାତା ପଟ୍ଟନାୟକ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରୂପା ନାୟକ ଏବଂ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ, କବରାପାଲିର ପ୍ରଧାନଶିକ୍ଷକ କୌଶଲ୍ୟା ବେହେରା ଉପସ୍ଥିତ ଥିଲେ । ପ୍ରକାଶ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

ଫୁଟବଲରେ ଉଭୟ ବାଳକ/ବାଳିକା ୧୭୯ ଜଣ, ସତରଞ୍ଜରେ ୩୫ ଜଣ ଏବଂ ଖୋ-ଖୋରେ



ଉଭୟ ବାଳକ/ବାଳିକା ୨୮୬ ଜଣ ଏହିପରି ବିଭିନ୍ନ ପ୍ରତିଯୋଗିତାରେ ମୋଟ ୫୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଖୋ-ଖୋ ୧୪ ବର୍ଷ ବାଳକ ବିଭାଗରେ ବାମରା ବ୍ଲକ ବିଜେତା ଓ ଜମନକିରା ବ୍ଲକ ଉପବିଜେତା ହୋଇଥିବାବେଳେ ୧୪ ବର୍ଷ ବାଳିକା ବିଭାଗରେ ଜମନକିରା ବିଜେତା ଓ ମାନେଶ୍ୱର ଉପବିଜେତା ହୋଇଥିଲା । ସେହିପରି ୧୭ ବର୍ଷ ଖୋ-ଖୋ ବାଳକ ବିଭାଗରେ ଯୁଯୋମୁରା ବିଜେତା ଓ ଜମନକିରା ଉପବିଜେତା ହୋଇଥିବାବେଳେ ବାଳିକା ବିଭାଗରେ ବାମରା ବିଜେତା ଓ ଜମନକିରା ଉପବିଜେତା ହୋଇଥିଲା । ଫୁଟବଲ ବାଳକ ବିଭାଗରେ ଧନକଉଡ଼ା ବିଜେତା ଓ ରେଙ୍ଗାଲି ଉପବିଜେତା ଏବଂ ବାଳିକା ବିଭାଗରେ ଧନକଉଡ଼ା ବିଜେତା ଓ ମାନେଶ୍ୱର ଉପବିଜେତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଗଣେଷ ତାଣ୍ଡିଆ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଲକ୍ଷ୍ମଣ ନାଥ ଓ କିଶୋର ପଣ୍ଡା ମଞ୍ଚାସୀନ ଥିଲେ । ଶେଷରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀରୂପା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ସତ୍ୟରଞ୍ଜନ ପଣ୍ଡା, ଭିମସେନ ବାରିକ, ପ୍ରଶାନ୍ତ ଦାଶ, ପି. ସୁଧାଂଶୁ, ରମେଶ ବେରିହା, ଉମେଶ ପାଣିଗ୍ରାହୀ, ସତୀଶ ଛୁରିଆ, ନିହାର ପଟେଲ, ତ୍ରିବିକ୍ରମ ରଣା, ପ୍ରତାପ ଚନ୍ଦ୍ର ସେନାପତି, ଜୟନ୍ତ ପିଙ୍ଗ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

# ବରଗଡ଼ ବ୍ଲକ୍‌ସ୍ତରୀୟ କଳା ଉତ୍ସବ ଉଦ୍‌ଯାପିତ

**ବରଗଡ଼, ୧୧।୧୦(ସମିସ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ ହେଉଛି କଳା ଉତ୍ସବ ବୋଲି ବରଗଡ଼ ବ୍ଲକ ସ୍ତରୀୟ କଳା ଉତ୍ସବର ଉଦ୍‌ଯାପନୀ ସମାରୋହରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ଠାରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ରୋଟାରୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ




ପ୍ରତିଯୋଗିତାରେ ଭୋକାଲ୍ ମ୍ୟୁଜିକ ସୋଲୋରେ ସିପ୍ରା ଶ୍ରାବଣୀ ପାଣି, ଦଳଗତ ପ୍ରତିଯୋଗିତାରେ ସୋହନ ଯୋଶୀ ଏବଂ ଅନଘାଦିତ୍ୟ ଯୋଶୀ, ଇନସ୍ଟ୍ରୁ ଇନଷ୍ଟ୍ରୁମେଣ୍ଟାଲ୍ ମ୍ୟୁଜିକ୍ ମେଲୋଡି ସ୍ୱାଧୀନ ସାହୁ, ମ୍ୟୁଜୀକରିଦମୀକ୍‌ରେ ଆୟୁଷ ବାଗ, ମୂଜିକ ଦଳଗତ ପ୍ରତିଯୋଗିତାରେ ଆକାଶ ନାଏକ ଏବଂ ତାଙ୍କ ଦଳ ନୃତ୍ୟ ସଲୋ (ଶାସ୍ତ୍ରୀୟ) ପ୍ରତିଯୋଗିତାରେ ମାହି ଅଗ୍ରୱାଲ, ଦଳଗତ ଲୋକ ନୃତ୍ୟ ଆଁଚଲ୍ ସେନ ଏବଂ ତାଙ୍କ ଦଳ ଭିଜୁଆଲ ଆର୍ଟ( ଟୁ ଡି) ସଲୋ ସ୍ଥିତି ପ୍ରଜ୍ଞା ଦାସ, ଥ୍ରି ଡି ସଲୋ ଆଲିଶା ପ୍ରଧାନ, ଭିଜୁଆଲ ଆର୍ଟ ଗ୍ରୁପ ୱାଜିଦା ତହସିଁମ ଖାନ୍ ଓ ତଲିତ୍ ଫତିମା ଟ୍ରେଡିଶିନାଲ ଷ୍ଟୋରୀ ଟେଲିଂରେ ଆଶିଷ ନାଏକ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ବିଚାରକ ଭାବେ ପ୍ରମୋଦ ଦାଶ, ଏମ ଡି ତୌଫିକ୍ ଖାନ୍, ଗୋପାଳ ମିଶ୍ର, ପର୍ଯ୍ୟୁନ ଛତର, ରାଜେଶ୍ ବାରିକ, ରବୀନ୍ଦ୍ର ବାଗ, ବିଭୁଧେନ୍ଦୁ ମହାନନ୍ଦ, ଅମୂଲ୍ୟ ଭୋଇ, ଶଶି ଭୂଷଣ ପାଣିଗ୍ରାହୀ, ବସୁଦେବ ପ୍ରଧାନ, ମନୋଜ ଜେନା, ରାଧେଶ୍ୟାମ ଭେସ୍ରା, ଧରଣୀଧର ବିଶ୍ୱାଳ, କପିଲ ବାଗ, ବିବେକାନନ୍ଦ ଅଦାବର୍ ଡ ଡୋଳାମଣି ସତପଥି, ଜ୍ୟୋତି ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସୀମା ବିଶ୍ୱାସ, ସୀମା ଭୋଇ, ନିଳୀମା ପ୍ରଧାନ, ଭାରତୀ ସେଟ୍, ସୁନୀତା ମିଶ୍ର, ଗୀତା ଜାଲ ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ ଜ୍ୟୋସ୍ନା ତ୍ରିପାଠୀ ସୀମା ସାହୁ ସାଜ୍ଞା ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲାଇନ୍‌ମ୍ୟାନ



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ସେଦିନ ଅଧରାତିରେ ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମର୍‌ଟା ହଠାତ୍ ପୋଡ଼ିଗଲା। ଗାଁଟା ସାରା ଅନ୍ଧାର। ଏଇବେଳେ କୋଉ ଇଲେକ୍ଟ୍ରି ଅଫିସ୍‌ରୁ କର୍ମଚାରୀ ଧାଇଁ ଆସିବେ ଯେ, ଏ ମଫସଲ୍ ଗାଁକୁ? କାହାର କ'ଣ ଯାଉଛି, ଇଲେକ୍ଟ୍ରି ଅଫିସ୍‌ରେ ଯାଇ ଫେରାଦ ଦବ! ଘରେ ଘରେ ହିଟର୍, ପ୍ରତି ପାଞ୍ଚ ମିଟରକୁ ପାଞ୍ଚ ମିଟର ଛାଡ଼ି ମେନ୍ ଲାଇନ୍ ତାର ଉପରେ ଜମ୍ପର। ଇଲେକ୍ଟ୍ରି ଅଫିସର୍ ଆଇଲା ମାନେ ସବୁ ଚୋରି ଧରା ପଡ଼ିବା ସୁନିଶ୍ଚିତ। ତେଣୁ କିଏ ଯିବ ହାତରୁ ଖାଇ ବାଟରେ ଗଡ଼ିବାକୁ? ସେଇ ଭିଡ଼ ଭିତରୁ କିଛି ଜଣ କହୁଥାନ୍ତି ଆରେ ଏତେ କଥା କ'ଣ, ଆମ ସନାର ବାଁ ହାତର ଖେଳ ବା ଇଏ। ଡାକରେ ସନା ଲାଇନିବାଲାକୁ ଡାକ।

× × ×

-"ମା' ତ କହୁଥିଲା ତମେ କାଳେ ହାପୁଲେ ପାଠ ପଢ଼ିଛ? ବଡ଼ ଚାକିରି କରିଛ? କିନ୍ତୁ ଏ ଲାଇନବାଲା କ'ଣ?"

-"ଆରେ ସେଇଟା ଲାଇନମ୍ୟାନ୍। ତୁ ସହରରେ ପାଠ ପଢ଼ି ବେଶିକୁ କେମିତି ହାପୁଲେ କହୁଛୁ! ଏ ଗାଁ ଲୋକେ ବି ଠିକ୍ ସେମିତି ଲାଇନମ୍ୟାନ୍‌କୁ ଲାଇନବାଲା କହୁଛନ୍ତି।" ଖାଉ ଖାଉ ମାମୁଁ କହିଲେ।

- "ସେ ଯାହା ହଉ ତମେ ତ ଡକ୍ଟର କି ଇଞ୍ଜିନିଅର୍‌ଟେ ହେବାକଥା କିନ୍ତୁ ଏ ଲାଇନ୍‌ମ୍ୟାନ କ'ଣ?"

-"ଇଏ ଡକ୍ଟର, ଇଞ୍ଜିନିଅରଠୁ ବି ଆହୁରି ବଡ଼ ଚାକିରି... ତୋ ମା' କହିନି ତୋତେ? ହଉ ଆଉ ବେଶି ମୁଣ୍ଡ ଖର୍ଚ୍ଚ କରେନା, ଯା ଶୋଇପଡ଼ିବୁ।"

ପ୍ରତିଦିନ ବଡ଼ିଭୋର୍‌ରୁ ଗୋଟେ ଝୁଲା ଭର୍ତ୍ତି ଯନ୍ତ୍ରପାତି ଧରି ମାମୁଁ ବାହାରି ଯାଆନ୍ତି ଗାଧୋଇପାଧୋଇ। ଫେରନ୍ତି ଗୋଟାଏ ମଳିମୁଣ୍ଡିଆ ଲୋକଟେ ଭଳି ଠିକ୍ ଅଧରାତିରେ। ଖାଇବା ବଢ଼ା ହେଇ କେତେ ବେଳୁ ଥୁଆ ହେଇଥାଏ ମାଣ୍ଡିଆ ତଳେ। ମୁଁ କିଛି ପଚାରିବି ବୋଲି ଭାବି ଭାବି ଶୋଇଯାଏ ସେ ଫେରିବା ପୂର୍ବରୁ।

ମାମୁଁଙ୍କ ରୁମ୍ ସାରା ଯୁଆଡ଼େ ଚାହିଁବ କେବଳ ବହି ହିଁ ବହି। ସେଥିରୁ ଗୋଟେ ବହି ଏପଟସେପଟ ହେଇଗଲେ ଘରସାରା ସେଦିନ ତୁମ୍ବିତୋଫାନ।

ମୁଁ ଥରେ ଆଇଙ୍କୁ ପଚାରିଲି- "ଏତେ ସାରା ବହି ନେଇ ମାମୁଁ କରନ୍ତି କ'ଣ?"

ଆଇ କହେ – "ସେ ବହୁତ ପଢ଼େ। ସ୍କୁଲ,କଲେଜରେ ଫାଷ୍ଟ ହଉଥିଲା। ଏଇ ପାଠ ପାଇଁ ଆମ ଗାଁ ସରପଞ୍ଚ ବଳ ବାବୁଙ୍କଠୁ କେତେ ଯେ ପୁରସ୍କାର ପାଇଛି, ତାର ହିସାବ ନାହିଁ।"

-"ବେଶି ପାଠ ପଢ଼ିଲେ କ'ଣ ଲାଇନ୍‌ମ୍ୟାନ ହୁଅନ୍ତି, ଆଇ?"

ଆଇ ଆଖିରେ ଜକେଇ ଆସେ ଲୁହ, ମୁଁ ପଚାରି ପାରେନି କାହିଁକି?

ଆଜି ମାମୁଁ ଘରୁ ବାହାରୁଥିବାବେଳେ ମୁଁ କହିଲି: "ଆଜି ମୁଁ ତୁମ ସହିତ ଯିବି ମାମୁଁ, ତୁମ ଅଫିସ୍‌କୁ।"

-"କୋଉ ଅଫିସ୍?"

-" ଏଇ ତମର ସେ ଅଫିସ୍, ଯାହା ରବିବାର ବି ଖୋଲା ରହେ! ଯୋଉ ଅଫିସରେ ବଡ଼ି ଭୋର୍‌ରୁ ରାତି ଯାଏଁ କାମ ଲାଗିରହେ!

-"ଆରେ ଗଧ, ବିନା ଫ୍ୟାନ୍‌ରେ ତୁ ମୁହୂର୍ତ୍ତଟେ ରହିପାରୁଛୁ? ଆମେ ଦିନରାତି କାମ ନ କଲେ ତୁ କ'ଣ ଆଲୁଅ ଦେଖିପାରିବୁ? ଯା ଯା ପଢ଼ିବୁ।"

- "ଅଜା,ମାମୁଁଙ୍କ ବାହାଘର କାହିଁକି କରିଦେଉନ ଯେ? ମାଇଁ ଆସିଲେ ଆଉ ଏମିତି ଚିଡ଼ନ୍ତେନି ମାମୁଁ। ଯେତେବେଳେ ଦେଖ ଖାଲି ପଢ଼ ପଢ଼ ପଢ଼।"

-"ନିଜେ ପଢ଼ିକି କ'ଣଟା ଓପାଡ଼ି ପକେଇଛି କି? ବାବୁ ଦିନେ ଓଏଏସ୍ ଅଫିସର୍ ହେବାର ଦିବାସ୍ୱପ୍ନ ଦେଖୁଥିଲେ ଏବେ ରେଞ୍ଚି, ସ୍କ୍ରୁ ଡାଇଭର ଝୁଲା ଧରି ଗାଁ ଗାଁ ବୁଲା ହଉଛି! ଛିଃ ଛିଃ ଛିଃ। ଘରର ବଡ଼ ପୁଅ ହେଇ ଇଜ୍ଜତ ବଢ଼େଇବ କ'ଣ !ଯାହା ଟିକକ ଥିଲା ତାକୁ ବି ମାଟିରେ ମିଶେଇ ଦେଲା!"

- "ଆଉ ଦି ଦିନ ପରେ ସାବିତ୍ରୀ ବ୍ରତ। ଘରେ ଭାଇଟିଏ ଥିଲେ ବାହା ହେଲା ଭଉଣୀକୁ ସାହସ। ମାସେ ଆଗରୁ ଭାରଥୁର ପହଞ୍ଚି ଯିବା କଥା। କୋଉଠୁ କ'ଣ ଆସିବ ସେକଥା କଣ ଚିନ୍ତା ଅଛି ବାବୁଙ୍କର?"

ଅଜାଙ୍କଠୁ ଏମିତି ଉତ୍ତରଟେ ମୁଁ କେବେ ବି ଆଶା କରିନଥିଲି! କେଜାଣି କେମିତି ଲାଗିଥିବ ମାମୁଁଙ୍କୁ??

ଓହୋ କେତେ ଟିଙ୍ଗ୍ ଟିଙ୍ଗ୍ କରୁଛି ସେ ଜରିବାଲାଟା ସକାଳୁ ସକାଳୁ! ମୁଁ ଯାଇ ଦେଖେତ ମାମୁଁ ବହିଖାତା ସବୁ ଗୋଟି ଗୋଟି କରି ପକାଉଛନ୍ତି ଦଣ୍ଡିରେ। ଖାଲି ଡାଏରୀ ଖଣ୍ଡକ ଛଡ଼ା।

-" ମାମୁଁ ତମେ ଏସବୁ ବିକି ଦଉଚ! ଆଇ ତମେ ବି ବସିଛ ଏଇଠି ଠାକୁର ଭଳି?"

- "ହଁ ଆଉ କ'ଣ କରିବି?" ମାମୁଁଙ୍କ ରୁଦ୍ଧ ଗଳାରେ ଉତ୍ତର।

-"ହେଲେ ତମେ କାହିଁକି ବିକି ଦଉଚ? ଜାଣିଚ ବହି ବିକିଲେ ପାଠ ହୁଏନି!"

-"ହାଃ ହାଃ... ମୁଁ କ'ଣ ପାଠ ପଢୁଛି,ନା ପଢ଼ିବି ଆଉ? ମୁଁ ପା ଚାକିରି କଲିଣି!"

ମୁଁ ଆଉ କିଛି ପଚାରିଥାନ୍ତି ହେଲେ ଠିକ୍ ସେଇ ସମୟରେ ଗୋଟେ ଅଦ୍ଭୁତ ବେଶଧାରୀ ଲୋକଟେ ଗେଟ୍ ଭିତରକୁ ପଶିଆସି ପଚାରିଲା-"ଏଇଟା ସନା ଲାଇନ୍‌ବାଲାର ଘର ନା?"

ମୋ ଆଇର ଲୁଗାକାନିରେ ହାତପୋଛି ମାମୁଁ ଗଲେ ସେ ଲୋକ ପାଖକୁ। କିଛି ସମୟ ପରେ ଫେରି ଆସିଲେ ତାଙ୍କ ଯନ୍ତ୍ରପାତି ଝୁଲାଟିକୁ ନେବା ପାଇଁ।

ଆଇ କହିଲେ : "କିରେ କ'ଣ ଖାଇଦେଇ ଯା!"

"ଆଜି ଗୋଟେ ବଡ଼ କାମ ହାତରେ ଲାଗିଛି। ଫେରୁ ଫେରୁ ଅଧରାତି ହେଇଯାଇପାରେ। ମୋତେ ଅନେଇ ବସିବୁନି। ଆଉ ହଁ ଯେତିକି ଟଙ୍କା ହେଲା ଏ ବହି ବିକାରୁ, ଦି ନାନୀ ଘରକୁ ଭାର ପାଇଁ ଦେଇଦବୁ। ଏତିକି କହି ଆଗେଇ ଯାଉଥିବା ବେଳେ ହଠାତ୍ ପଛକୁ ମୋଡ଼ି ମୋତେ ଚାହିଁ କହିଲେ, ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ... ।"

× × ×

ଦୂରରୁ ମାଇକରେ ଖଣ୍ଡି ଖଣ୍ଡି ଶୁଭୁଛି ଅଗାପୁରରେ ରଙ୍ଗମହଲ ଯାତ୍ରାର ସଂଳାପ। ଯା ଭିତରେ ସତର ଥର ମାମୁଁଙ୍କ ଫେରିବା କଥା ପଚାରି ଗଲେଣି ଅଜା। ଆଇ ବସିଛି ବାଟପାଖ ପିଣ୍ଡାରେ ଢେରା ଦେଇ। ମୁଁ ମଝିରେ ମଝିରେ କହୁଥାଏ: "ଆଇ ଘରକୁ ପଳେଇବା ଚାଲ, କାକର ପଡ଼ିଲାଣି।"

ତାଟି ପାଖରୁ ଘେରାଏ ବୁଲିଆସି ଅଜା କହୁଥିବେ: "ଏ ଟୋକାର କ'ଣ ଚିନ୍ତା କିଛି ଅଛି? ରାତି ଆସି କେତେଟା ହେଲାଣି?"

ଫର୍ଚ୍ଚା ଫର୍ଚ୍ଚା ଦିଶିଲାଣି ଆକାଶ। ଅଗାପୁର ଯାତ୍ରା ଭାଙ୍ଗିଲାଣି। ଧାଡ଼ିବାନ୍ଧି ଫେରୁଛନ୍ତି ଯେ ଯା ଗୋଠକୁ। ହଁ ମ ମଦୁଆଟେ ତ! ସବୁଦିନ ତ ମଦ ପିଇ ଫେରୁଥିଲା ଘରକୁ, କିଏ କହୁଥିଲା ମଦ ପିଇ ଇଲେକ୍ଟ୍ରି ଖୁଣ୍ଟି ଚଢ଼ିବାକୁ! ଆଉ କିଏ ତାଳ ଦେଇ କହୁଥିଲେ,ହଁ ମ ବୁଢ଼ା ବାପ ମାଆ କର୍ମରେ ଏଇଯା ଥିଲା ଶେଷକୁ! କି ପାପ କରିଥିଲେ କେଜାଣି?


ମୋ ଆଖିରେ ଲୁହ,ଆଇ ଆଖିରେ ଲୁହ।

ଏଇବେଳେ ଭିଡ଼ ଭିତରୁ କେହି ଜଣେ କହି ଉଠିଲା: "ସନା ଲାଇନ୍‌ବାଲା ଅମର ରହେ।" ଆଉ ସହିପାରିଲିନି ମୁଁ, ଚିତ୍କାର କରି କହି ଉଠିଲି: "ଲାଇନ୍‌ବାଲା ନୁହେଁ ଲାଇନ୍‌ମ୍ୟାନ, ଲାଇନ୍‌ମ୍ୟାନ,ଲାଇନ୍‌ମ୍ୟାନ!! ■

ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍: ୭୫୬୦୦୧
ମୋ: ୭୭୮୮୯୭୭୨୭୬

# କାଳିଜାଈ

ଅଜୟ ସ୍ୱାଇଁ





ଭୋକିଲା ଚଢ଼େଇ ପଲ
କୁଆଡୁ ଭାସିଆସି
ଗଣ୍ଡ ଉପରେ ଆସର ଜମେଇଥିବା
ପାଗଳ ପବନ।
ଢେଉଢ଼େଉକା ମନର ଉତ୍ତାଳ ଲହଡ଼ି
ଏଣେ ମଟର ଡଙ୍ଗା
ତେଣେ କାଳ କାଳ ନଳବଣ... ।

କୁଆଡ଼େ ହଜିଗଲା ଖିଏ କାନ୍ଦଣାର ଧାର
ଯାହା କିଛି କାଳ ବଞ୍ଚିଥିଲା
ଚଟି ବହିରେ। ପାଠଶାଠ ଜାଣି ନଥିବା
ନିଧି ଡଙ୍ଗାରୀର ନାକୁଆ ସ୍ୱରରେ।
ତଥାପି କିଛି କାନ୍ଦଣା ଲାଖିଥିଲା
ଲୁହ ହୋଇ ସୋଲରୀ କାନ୍ଧରେ...।

ମତେ ଏ ସବୁକୁ ଆଉଥରେ
ମନେ ପକେଇଥିବା ମୋ ପ୍ରିୟ କବି
ଆଉ ନାହିଁ ବାଲୁଗାଁ'ରେ ।

ହଜି ଯାଇଚି କାଳ ସ କାନ୍ଦ
ଆଲୁଅ ସହ ଆଶା।

ଖାଲି ଯା' ବାଆଁରା ଗୀତଟିଏ
ପବନରେ ଅଛି ଧୂମା କାନ୍ଦ ପରି
ଯେ ଯାଏ ଚିଲିକା ଅଛି...
ମାଗନ୍ତା ପକ୍ଷୀମାନେ ଅଛନ୍ତି...
ଚଢ଼େଇ ହଗା ଅଛି... ।

ଯେ ଯାଏ ଚିଲିକା କୂଳରେ ଅଛି
ପ୍ରିୟ କବିଙ୍କର ରଙ୍ଗଛଡ଼ା ସମାଧି।
ସେ ଯାଏ ସବୁ ଠିକ୍ ଅଛି ।
ସେ ଯାଏ ସୂର୍ଯ୍ୟାସ୍ତ ଭାସୁଚି
ଗୋଟେ ରଙ୍ଗିନ୍ ଡଙ୍ଗା ହୋଇ
ଚିଲିକା ଜଳରେ ॥ ■

ମୋ: ୯୧୭୮୫୫୮୫୦୮

# ଜନ୍ମଦିନ

ରବି ଶତପଥୀ



କେତେ କେତେ
ପ୍ରେମ ଆଉ ପ୍ରାର୍ଥନାରେ
ରାତି ପାହେ ସେଦିନ,
ଶୁଭେଚ୍ଛା ଓ ଆଶୀର୍ବାଦରେ
କାନ୍ଦ କାନ୍ଦ ଲାଗେ ସକାଳ ।
କେଉଁଠି ଲୁଚିଥାଏ କେଜାଣି
ବୟସ ପାଖରେ
ମିଶାଣ ଚିହ୍ନଟିଏ ଦେଇ
ଚତୁରତାର ସହ ଖସିଯାଏ ସମୟ ।

ଆଲୁଅକୁ ଆଲିଙ୍ଗନ କରି
ଜଳି ପୁଣି ଲିଭିଯାଏ
ଗୋଟେ ଶୁଭ ମହମବତୀ,
ବଢ଼ିଲା ବୟସରେ
ବେଲୁନ୍‌ଟେ ଫାଟିଗଲେ ବି
ଭୟରେ ଥରିଯାଏ ଛାତି ।

କିଛି ଅଭିନନ୍ଦନ ଓ ଫୁଲତୋଡ଼ା
ଚିତ୍ର ହୋଇ ଆସି
ଜମା ହୁଏ ଫୋନ୍‌ର ଚିତ୍ରଶାଳାରେ,
ଧୀରେ ଧୀରେ ଗଛରେ
ହଳଦିଆ ପଡ଼ିଆସୁଥିବା
ପତ୍ର ପରି ଜନ୍ମଦିନ
ବୟସ୍କ ହୁଏ ଅପରାହ୍ଣରେ ।

ସଂଜବେଳକୁ
ଫେରିଯିବାକୁ ସଜବାଜ ହୁଏ
ଆସିଥିବା ଜନ୍ମଦିନ,
ଖାଲି ଖାଲି ହାତ
ଅଥଚ ଭାରି ଭାରି ଛାତି
ଅନ୍ଧାରରେ ବାଟ ଭୁଲିଯିବା
ଭୟରେ ବି ସେ ବାଟ ଖୋଜେ
ଫେରିଯାଏ ପୁଣି ଯାଇପାରେ ନାହିଁ ।। ■




ଅଧ୍ୟାପକ, ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

ପୁସ୍ତକ । ପତ୍ରିକା । ପରିଚୟ

## ଝୁମୁକା

ସଂପାଦକ : ମାନସ ରଞ୍ଜନ ସାମଲ



୧୪୪-ଗଭର୍ଣ୍ଣମେଣ୍ଟ, ଆଇ/ଟି
ଚାରବାଟିଆ, କଟକ-୭୫୪୦୨୮
ମୂଲ୍ୟ:୫୦ ଟଙ୍କା

ଶିଶୁ କିଶୋର ତ୍ରୈମାସିକୀ 'ଝୁମୁକା'ର ଶାରଦୀୟ ବିଶେଷାଙ୍କ-୨୦୨୫ ଆକର୍ଷଣୀୟ ହୋଇଛି। ମାନସ ରଞ୍ଜନ ସାମଲଙ୍କ ସଂପାଦନାରେ ପ୍ରକାଶିତ 'ଝୁମୁକା'ର ଏହି ସଂଖ୍ୟାରେ ଗପ ବିଭାଗରେ ପ୍ରତିଭା ରାୟଙ୍କ 'ଅଳସୁଆ ନାଗସାପ', ମହେଶ୍ୱର ମହାନ୍ତିଙ୍କ 'ନଡ଼ିଆ ଭୂତ', ରମେଶ ପତ୍ରୀଙ୍କ 'ବିପଦ ଟଳିଗଲା', ନରେନ୍ଦ୍ର ପ୍ରସାଦ ଦାସଙ୍କ 'ମୂଷା ମଲେ ମାତ୍ର ଭୋକ ରହିଲା' ଆଦି ଗପଗୁଡ଼ିକ ଯୁଗୋପଯୋଗୀ ଓ ଶିକ୍ଷଣୀୟ ହୋଇଛି। ସେହିପରି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଗାଁ ମୋ ପିଲାଦିନ', ଗୌରହରି ଦାସଙ୍କ 'ମୋ ଗାଁ', ନିରୁପମା ଆଚାର୍ଯ୍ୟଙ୍କ 'ଆର ଜନ୍ମକୁ କାଠବେଙ୍ଗ' ଆଦି ଲେଖାରେ ଲେଖକ, ଲେଖିକାମାନେ ନିଜ ଗାଁର ପ୍ରାକୃତିକ ପରିବେଶରେ ବିତାଇଥିବା ପିଲାଦିନର ସ୍ମରଣୀୟ ମୁହୂର୍ତ୍ତ, ଗାଁର ଅନୁଭବ ଓ ଅନୁଭୂତିକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ସେଭଳି ଜୟନ୍ତିକାଙ୍କ 'ଗାଁ କଥା ମନେପଡ଼େ', ସୁନାମଣି ରାଉତଙ୍କ 'ଆଜି ସେ ଗାଁ କାହିଁ', ମହେନ୍ଦ୍ର କୁମାର ମଲ୍ଲିକଙ୍କ 'ସୁଷମା ଅପ୍ରକାଶ' ଆଦି କବିତାର ଗାଁର ମନୋରମ ଦୃଶ୍ୟ ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି। ୨୦୨୫ ମସିହା କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରକାଶ ପାଇଛି। ଏହା ସହିତ ଅନୁବାଦ ଗପ, ଏକାଙ୍କିକା, ପୂଜା ବିଶେଷ କବିତାଗୁଡ଼ିକ ମନଛୁଆଁ ହୋଇଛି। 'ଝୁମୁକା'ର ଶାରଦୀୟ ବିଶେଷାଙ୍କ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ନୋବେଲ ସାହିତ୍ୟ ପୁରସ୍କାର -୨୦୨୫

# କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇ


କ୍ଷୀରୋଦ ପରିଡ଼ା



ଚଳିତ ୨୦୨୫ ମସିହା ପାଇଁ ବିଶ୍ୱର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ନୋବେଲ ପୁରସ୍କାର ପ୍ରଦାନ କରାଯିବ ହଙ୍ଗେରୀର କଥାଶିଳ୍ପୀ ଲାସ୍ଲୋ କ୍ରାସ୍ନାହୋର୍‌କାଇଙ୍କୁ ତାଙ୍କର ଅସାମାନ୍ୟ କଥାଶିଳ୍ପ ପାଇଁ। ଆସନ୍ତା ଡିସେମ୍ବର ଦଶ ତାରିଖ ଦିନ ସ୍ୱିଡ଼େନର ଷ୍ଟକ୍‌ହୋମ୍‌ଠାରେ ଭାରତୀୟ ମୁଦ୍ରାରେ ଦଶ କୋଟି ଛପନ ଲକ୍ଷ ଟଙ୍କା ଅର୍ଥରାଶି ସହ ନୋବେଲ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସ୍ୱିଡ଼ିଶ ଏକାଡେମୀ ଓ ନୋବେଲ ଫାଉଣ୍ଡେସନ୍ ଏହି ବିଶ୍ୱ ସାହିତ୍ୟର ଅନନ୍ୟ ବିଜୟୀ କଥାଶିଳ୍ପୀଙ୍କ ସାହିତ୍ୟ ସର୍ଜନା ବିଷୟରେ ଘୋଷଣା କରିଛି ଯେ, "ତାଙ୍କ ରଚନାରେ ରହିଛି ମନୋମୁଗ୍ଧକର ଏବଂ ଦୂରଦର୍ଶୀ ସୃଜନକର୍ମ ଯାହା ସମକାଳର ବିଶ୍ୱର ଭୟ ଓ ଆତଙ୍କର କୁହେଳି ଭିତରେ ବି ସାରସ୍ୱତ ସୃଜନଶିଳ୍ପର ଶକ୍ତିକୁ ଦୃଢ଼ ଓ ସୁନ୍ଦର ଭାବେ ଛିଡ଼ା କରାଇବା କଳା, ଯହିଁରେ ସେ ଜଣେ ସମର୍ଥ ଓ ସଫଳ କଥାଶିଳ୍ପୀ।"

ଲାସ୍ଲୋଙ୍କ ଜନ୍ମ ଜାନୁଆରୀ ୫ ତାରିଖ ୧୯୫୪ ମସିହାରେ ହଙ୍ଗେରୀର ଗ୍ୟୁଲା ପ୍ରଦେଶରେ। ବୃତ୍ତିଗତ ଭାବେ ସେ ଜଣେ ଔପନ୍ୟାସିକ ଓ ପଟ୍ଟଚିତ୍ର ଲେଖକ। ପ୍ରକାଶ ଥାଉ କି ତାଙ୍କ ଉପନ୍ୟାସ ଉପରେ କେତେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଅନ୍ୟପକ୍ଷରେ ତାଙ୍କ ରଚନାକୁ ଉତ୍ତର ଆଧୁନିକ ବୋଲି କୁହାଯାଇଛି। ସେ ମୁଖ୍ୟତଃ ହଙ୍ଗେରୀ ଭାଷାରେ ଲେଖନ୍ତି, ଯାହା ଇଂରାଜୀ ସମେତ ଅନ୍ୟ କେତୋଟି ୟୁରୋପୀୟ ଭାଷାରେ ଅନୂଦିତ ହୋଇ ତାଙ୍କୁ ବେଶ୍ ଲୋକପ୍ରିୟ କରିଛି। ତାଙ୍କ ରଚିତ ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶ ପାଏ ୧୯୮୫ରେ ଏବଂ ତାହାର ଦଶ ବର୍ଷ ପରେ 'ୱାର୍ ଆଣ୍ଡ ୱାର' ଓ 'ବ୍ୟାରେନ୍ ୱେଙ୍କହେମ୍ସ ହୋମକମିଂ' ୨୦୧୬ ମସିହାରେ ପ୍ରକାଶ ପାଏ। ଏହି ଉପନ୍ୟାସ ତ୍ରୟୀରେ ରହିଛି ବ୍ୟାପକ ଓ ଗଭୀର ଭାଷା ପ୍ରୟୋଗ, ଦର୍ଶନର ପାଣ୍ଡିତ୍ୟ, ଆବେଶିତ ଚରିତ୍ରମାନ ଓ କର୍ଦ୍ଦମାସିକ୍ତ ଭୂଚିତ୍ରାବଳି। ଏସବୁ ହେତୁ କେହି କେହି ତାଙ୍କୁ କ୍ଲିଷ୍ଟ ଉତ୍ତର ଆଧୁନିକ ଗଦ୍ୟଶିଳ୍ପୀ ବୋଲି ଅଭିହିତ କରିଥା'ନ୍ତି। ମାତ୍ର ଏହା ପଛରେ ରହିଛି ଶାସ୍ତ୍ରୀୟ ବୌଦ୍ଧ ଦର୍ଶନ, ଯାହା ସହିତ ସମକାଳର ପାଠକମାନେ ବେଶ୍ ପରିଚିତ ନୁହନ୍ତି। କିନ୍ତୁ ତାଙ୍କ ରଚନାରେ ରହିଛି ମଣିଷ ଜୀବନକୁ ନେଇ ମାର୍ଜିତ, ସୂକ୍ଷ୍ମ ଓ ମଜାଳିଆ କଥନ, ଯାହା ସାଧାରଣ ପାଠକପାଠିକାମାନଙ୍କୁ ମୁଗ୍ଧ କରିଥାଏ। ଏଇ ଗାମ୍ଭୀର୍ଯ୍ୟ, ଗୁରୁତ୍ୱବାହୀ ଓ ଗୁଣାଢ୍ୟ ବର୍ଣ୍ଣନା ଚାତୁରୀ ତାଙ୍କୁ ଜଣେ ଗମ୍ଭୀର କଥାଶିଳ୍ପୀ ଭାବେ ପରିଚିତି ଦେଇଛି। ଏଇ ଶତାବ୍ଦୀର ପ୍ରଥମ ଭାଗରେ ଏହି ସବୁ ଧାରାରେ ପ୍ରକାଶ ପାଇଛି ତାଙ୍କର ତିନୋଟି ଗଳ୍ପ ସଂକଳନ – 'ଆନିମଲ ଇନ୍‌ସାଇଡ୍' (୨୦୧୦), ଭୌଗୋଳିକ ସୀମା ଅତିକ୍ରମିତ ଗଳ୍ପ ସଂକଳନ 'ଡେଷ୍ଟ୍ରକ୍ସନ ଆଣ୍ଡ ସରୋ ବେନିଥ୍ ଦି ହେଭେନ୍' (୨୦୦୪) ଏବଂ 'ସେିବୋ ଦେୟାର୍ ବିଲୋ' (୨୦୦୮)।

ସେ ତାଙ୍କ ଆଦ୍ୟ ରଚନା ବିଷୟରେ ସ୍ପଷ୍ଟ ଭାବେ କହନ୍ତି – "ମୁଁ ଭାବେ ଆମର ବାସ୍ତବ ଓ ସତ ଜୀବନ ଥାଏ। ଅନ୍ୟ କେଉଁଠି ଯାହାକୁ ଆମେ ଖୋଜି ଚାଲିଥାଉ ଅହରହ। ଲେଖାଲେଖି ଆରମ୍ଭ କରିବା ପୂର୍ବରୁ ଫ୍ରାଞ୍ଜ କାଫ୍‌କାଙ୍କ 'ଦି କ୍ୟାସେଲ୍' ଓ ମାଲ୍‌କମ୍ ଲୋରୀଙ୍କ 'ଅଣ୍ଡର୍ ଦି ଭଲ୍‌କାନୋ' ଥିଲା ମୋର ଅତି ପ୍ରିୟ ପୁସ୍ତକ ଦୁଇଟି। ଗତ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ ମୁଁ ଚାହୁଁ ନଥିଲି ଜଣେ ଲେଖକ ହେବି। ଅବଶ୍ୟ ଭାବିଥିଲି କେବଳ ଗୋଟିଏ ଗଳ୍ପ ବହି ରଚନା ପରେ ମୁଁ ସଂଗୀତ ଉପରେ ଓ ଅନ୍ୟ କେତେକ ବିଷୟରେ ଲେଖାଲେଖି କରିବି। ସେତେବେଳେ ମୁଁ ଭାବୁଥିଲି ଗରିବ ଲୋକମାନଙ୍କ ମେଳ ଭିତରେ ରହିବି ଯେଉଁମାନେ ଭୋଗନ୍ତି ବାସ୍ତବ ଜୀବନ, ସତ୍ୟବଦ୍ଧ ଜୀବନ। ନ ହେଲେ ସେମାନେ କହିଁକି ଗରିବ ହୋଇଥା'ନ୍ତେ। ତେଣୁ ମୁଁ ଅତି ଦରିଦ୍ର ଗାଆଁରେ ବସବାସ କରିଛି, ଜାଗା ଓ ଘର ବଦଳାଇଛି ଜୀବନକୁ ଆହୁରି ଆହୁରି ନିକଟରୁ ଦେଖିବାର ଲକ୍ଷ୍ୟ ନେଇ। ବାଧ୍ୟତାମୂଳକ ମିଲିଟାରୀ ସେବାରୁ ଖସି ପଳାଇ ଆସିଛି। ତା'ପରେ ଛୋଟ ଛୋଟ ଲେଖା ଲେଖିଛି ଓ ପ୍ରକାଶିତ ହୋଇଛି। ପୁଲିସ୍ ମତେ ଖୋଜିଛି, ଧରିଛି। ମୁଁ କିଛିଟା ଅପରାଜିତ ବୋଲି ଭାବିଛି। କାରଣ ତାଙ୍କର ପ୍ରତିଟି ପ୍ରଶ୍ନର ଉତ୍ତରରେ କହିଛି – "ମୋତେ ବିଶ୍ୱାସ କର, ମୁଁ ରାଜନୀତିର କୌଣସି ଧାର ଧରେ ନାହିଁ। ନା, ମୁଁ ସମକାଳର ରାଜନୀତି ନେଇ କିଛି ଲେଖି ନାହିଁ କି ଲେଖେ ନାହିଁ। ଆପଣମାନେ କ'ଣ କେବେ ଭାବି ପାରୁଛନ୍ତି ଯେ ମୁଁ ଆପଣମାନଙ୍କ ଚରିତ୍ର, ଜୀବନ ଦର୍ଶନ ବିଷୟରେ କିଛି ଲେଖିବି ବୋଲି? ଅବଶ୍ୟ ମୋର ପାସ୍‌ପୋର୍ଟ ରଦ୍ଦ କରାଯାଇଛି। ଏଇ କଥାବସ୍ତୁକୁ ନେଇ ମୁଁ ଲେଖିଥିଲି ମୋର ପ୍ରଥମ ଉପନ୍ୟାସର କାହାଣୀ, ଯାହା ପ୍ରକାଶିତ ହୋଇଥିଲା ଜଣେ ଅବସରପ୍ରାପ୍ତ ଉଚ୍ଚ ପଦସ୍ଥ ପୁଲିସ୍ ଅଧିକାରୀ ଓ ପରବର୍ତ୍ତୀ ସମୟରେ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ହୋଇଥିବା ବ୍ୟକ୍ତିଙ୍କ ସୌଜନ୍ୟରୁ।



ବୃତ୍ତିଗତ ଭାବେ ମୁଁ ଖଣି ଶ୍ରମିକ ଭାବେ କାମ କରିଛି। ତାପରେ ବୁଦାପେଷ୍ଟର ପାଖ ଗାଆଁଗୁଡ଼ିକରେ ସାଂସ୍କୃତିକ ନିର୍ଦ୍ଦେଶକ ହୋଇଛି। ଗୀତ ସଙ୍ଗୀତରେ ଭାଗ ନେଇଛି, ପିଲାମାନଙ୍କ ସହ ଘନିଷ୍ଠ ଭାବେ ମିଶିଛି। ପେଟ ପୋଷିବା ପାଇଁ ତିନି ଶହ ଗାଈ ରହୁଥିବା ଏକ ଫାର୍ମରେ ରାତ୍ରୀ ଜଗୁଆଳି ଭାବେ କାମ କରିଛି। ସେଇଠି ସହର ନାହିଁ କି ଗାଆଁ ନାହିଁ- ଏକ ବିସ୍ତୀର୍ଣ୍ଣ ଶୂନ୍‌ଶାନ ଅଞ୍ଚଳ। କେହି ବୋଲି କେହି ନଥା'ନ୍ତି ସେଇଠି। କେବଳ ମଣିଷ ଭାବେ ମୁଁ ଓ ମୋ ପାଖରେ ଥାଏ 'ଅଣ୍ଡର୍ ଦି ଭଲ୍‌କୋନୋ' ବହି ଓ ଦସ୍ତୋଭସ୍କିଙ୍କ ବହି!

ମୁଁ ସଦାବେଳେ ଆମ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଆସିଛି। ମୋ ରଚନାରେ ଉଚ୍ଚ ମୂଲ୍ୟବୋଧର ମାନବୀୟ ଉଚ୍ଚାରଣ ପ୍ରତି ଅନୁଗତ ରହିଆସିଛି। କିନ୍ତୁ ସଂସ୍କୃତିର ମୂଳଟି ମିଥ୍ୟାଚାର ଉପରେ ଛିଡ଼ା ହୋଇ ରହିଥିବା ପରି ଲାଗିଥାଏ। ଏହାର କାରଣ ହୁଏତ ଏପରି ହୋଇଥାଇ ପାରେ ଯେ, ଆମେ ପିଢ଼ି ପରେ ପିଢ଼ି ସେହି ସଂସ୍କୃତି ପାଇଁ କିଛି କରନ୍ତି ନାହିଁ। ଯେମିତି ତାହା ଗଡ଼ି ଗଡ଼ି ଚାଲିଥାଏ, ଆପଣା ଛାଏଁ। ଆମେ ବିଶ୍ୱାସ କରି ନେଇଥାଉ ଯେ, ଏହା ସେପରି ଚାଲୁଥାଉ। ଏ ବିଷୟରେ ଆମର କୌଣସି ଭାବନା, ରଚନା ଓ ତର୍ଜମା ହିଁ ନଥାଏ। ଇଏ କ'ଣ ? ଇଏ କିପରି ଗଡ଼ି ଗଡ଼ି ଚାଲୁଛି? ଏ ସବୁ ବିଷୟରେ ଆମେ ପ୍ରଶ୍ନ ବି ପଚାରି ନଥାଉ। କିନ୍ତୁ ଏହି କଥାଟି ଏକ ଗୁରୁତ୍ୱପୂର୍ଣ୍ଣ ହୋଇ ଆମ ସାମ୍ନାରେ ଛିଡ଼ା ହୋଇ ରହେ।

ରଚନା କର୍ମ ହେଉଛି କଳାର ଏକ ଅନନ୍ୟ ରୂପ। ଏହାର ସଂସ୍କାର ବି ଲୋଡ଼ା ହୋଇଥାଏ। ଶବ୍ଦ ପରେ ଶବ୍ଦ, ବାକ୍ୟ ପରେ ବାକ୍ୟର ପୁନରାବୃତ୍ତି ହେଉଥାଏ। ବହିଟିଏ ପରେ ବହି ଲେଖି ଚାଲିଲେ ଏପରି ଅନୁଭବ ହେବା ସ୍ୱାଭାବିକ। ଏପରି ସମୟଟିଏ ଆସି ଚେତେଇ ଦିଏ ଯେ ଆମକୁ ଆମ ସାହିତ୍ୟର ପାଠକମାନଙ୍କ କଥା ମନେ ପକାଇବାକୁ ହେବ। କାରଣ ସବୁ ପିଢ଼ିରେ ବା କାଳଖଣ୍ଡରେ ପାଠକ ତା' ଭାଷାର ସାହିତ୍ୟକୁ ଅପେକ୍ଷା କରିଥାଏ। ହୋଇପାରେ ଏଇ ସାହିତ୍ୟ ଏକ ସାନ ପରିସରର ଯେଉଁଠି ଗଳ୍ପ, ଉପନ୍ୟାସ ଓ କବିତା ରହିଛି। କିନ୍ତୁ ଆମକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ ଯେ ସେଇଠି ପାଠକ ବି ରହିଛି। ଲେଖକ ଓ ପାଠକଙ୍କ ଭିତରେ ଏକ ସର୍ବସାଧାରଣ ଚଳପ୍ରଚଳର ପଡ଼ିଆଟିଏ ରହିଛି। ପଡ଼ିଆଟିର ଆୟତନକୁ ଛୋଟ ବୋଲି ବିଚାରି ନିଜ ରଚନାକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରିବା ବି ଏକ ନିର୍ବୋଧପଣ। ଏ ପୃଥିବୀର ଯେତେ କ୍ଷୁଦ୍ରାଞ୍ଚଳ ଥାଉନା କାହିଁକି, ପ୍ରତ୍ୟେକଟିର ରହିଛି ନିଜସ୍ୱ କାଳଖଣ୍ଡ, ସୁଗନ୍ଧ, ଅସାମାନ୍ୟ ସୃଜନ ସମ୍ଭାର, ଚରିତ୍ରମାନ ଓ ନାନାଦି ଘଟଣା ଓ ଅଘଟଣ। ତେଣୁ ପ୍ରତି କାଳଖଣ୍ଡ ପାଇଁ ରହିଛି ସ୍ୱତନ୍ତ୍ର ବା ଭିନ୍ନ ସ୍ଥାନମାନ। ଆମେ ଏଇଠି ଛିଡ଼ା ହୋଇଛୁର ଅର୍ଥ ହେଉଛି ନିଖିଳ ବିଶ୍ୱର ବିଶାଳ ପରିଧି ଭିତରେ ଏକ ଛୋଟିଆ ମାନବୀୟ ପରିସରରେ ରହିଛୁ।

ଏଇ ବିଶିଷ୍ଟ କଥାଶିଳ୍ପୀଙ୍କ ରଚନା ବିପୁଳ ଆକାରର ନୁହେଁ, କିନ୍ତୁ ଜୀବନ ଦର୍ଶନ ଓ ଦୁଃସ୍ଥିତିକୁ ସାମ୍ନା କରି କରି ମଣିଷ କେମିତି ବଞ୍ଚି ରହେ ଓ ମଧୁମୟ ବିଶ୍ୱ କଥା ଚିନ୍ତା କରିଥାଏ, ତାହା ହିଁ ତାଙ୍କ ରଚନାକୁ ଆଜି ବିଶ୍ୱ ପ୍ରସିଦ୍ଧ କରିଛି। ଏଇ ପ୍ରାଚ୍ୟ ବା ବୌଦ୍ଧ ଦର୍ଶନ ପୃଥିବୀର ଅନ୍ୟ ପ୍ରାନ୍ତରର ପାଠକମାନଙ୍କ ପାଇଁ ଏତେ ପରିଚିତ ନୁହେଁ, ତେଣୁ ତାହାକୁ କ୍ଲିଷ୍ଟକର ରଚନା କହିବାରେ କିଛି ବିଚିତ୍ରତା ନାହିଁ।

ଏହି ଲେଖକ ନିଜ ମାତୃଭାଷା ହଙ୍ଗେରୀୟ ଭାଷାରେ ଲେଖନ୍ତି ଏବଂ ଇଂରାଜୀ ସମେତ ବିଭିନ୍ନ ୟୁରୋପୀୟ ଭାଷାରେ ପ୍ରକାଶିତ ବିପୁଳ ପାଠକୀୟତା ଅର୍ଜନ କରିଛି। ବିଶ୍ୱ ସାହିତ୍ୟରେ ତାଙ୍କୁ ୨୦୧୫ ମସିହା ବୁକର୍ ଇଣ୍ଟରନ୍ୟାସନାଲ୍ ପ୍ରାଇଜ୍ ମାଧ୍ୟମରେ ତାଙ୍କ ପ୍ରଥମ ଉପନ୍ୟାସ 'ସାତାନତାନ୍‌ଗୋ' ପାଇଁ ମିଳିଥିଲା ୬୧ ବର୍ଷ ବୟସରେ। ଆଉ ଏବେ ୭୧ ବର୍ଷ ବୟସରେ ନୋବେଲ ସାହିତ୍ୟ ପୁରସ୍କାର। ସେ ଲେଖକ ହୋଇ ଉଠିଥିଲେ କାଫ୍‌କାଙ୍କ ଅନୁଚାରୀ ଭାବେ ଏବଂ ଆମେରିକୀୟ ବିଟ୍ ପୋଏଟ୍ ଆଲେନ୍ ଗିନ୍ସବର୍ଗଙ୍କ ସତୀର୍ଥ ଭାବେ। ଆଲେନ୍ ହେଉଛନ୍ତି ଏକଦା ଓଡ଼ିଶା ରେଭେନ୍‌ସା ଓ କବି ଜୟନ୍ତ ମହାପାତ୍ରଙ୍କ କିଛି କାଳର ବନ୍ଧୁ, ଯାହା ଆମର ସ୍ମର୍ତ୍ତବ୍ୟ।

ଏବେ ଏହି ପୁରସ୍କୃତ କଥାଶିଳ୍ପୀଙ୍କ 'ଦି ୱାର୍ଲ୍ଡ ଗୋଜ୍ ଅନ୍' ଗଳ୍ପ ସଂକଳନର ସବାଶେଷ ଗଳ୍ପ 'ଏଇଠୁ ମୋର କିଛି ଲୋଡ଼ା ନାହିଁ'ର ଅନୁବାଦ ଉପସ୍ଥାପନ କରୁଛି।

'ଏଇଠୁ ମୋର କିଛି ଲୋଡ଼ା ନାହିଁ'

ମୁଁ ଏଇଠି ହିଁ ସବୁକିଛି ଛାଡ଼ି ଚାଲିଯିବି। ଏଇଠି ରହିଯିବ ସବୁଜ ଉପତ୍ୟକା, ପାହାଡ଼, ପରିଚିତ ବାଟ ଓ ବଗିଚାର ଆହ୍ଲାଦିନୀ ଚଢ଼େଇମାନଙ୍କୁ। ମୁଁ ଛାଡ଼ି ଦେଇ ଚାଲିଯିବି ଏଇଠୁ ଦିଶୁଥିବା ଆକାଶ ଓ ପୃଥିବୀ, ଝରଣା, ଜଳପ୍ରପାତ ଓ ମୋର ପୋଷା କୁକୁଡ଼ାମାନଙ୍କୁ। ଏପରିକି ମୁଁ ଛାଡ଼ି ଚାଲିଯିବା ସବୁ ପ୍ରସ୍ଥାନ ପଥ, ଶରତ, ବସନ୍ତ, ମୋର ଅନ୍ତିମ ପ୍ରେମିକ ଦୃଷ୍ଟି।

ମୁଁ ଛାଡ଼ି ଚାଲି ଯିବି ଏଇଠୁ ସହରକୁ ଲମ୍ବି ଯାଇଥିବା ସମସ୍ତ ବାଟ ଓ ସେ ବାଟରେ ପଡ଼ି ରହିଥିବା ପ୍ରିୟ ଧୂଳି କଣାଗୁଡ଼ିକୁ ଓ ଗୋଧୂଳି ବେଳାକୁ। ବିଚ୍ଛିନ୍ନ ହୋଇଯିବ ମୋଠାରୁ ଏହାରି ମାଧ୍ୟାକର୍ଷଣ ଶକ୍ତି, ମୋହ, ମାୟା, ଆଶା ଓ ନିରାଶା। ଏଇଠି ଛାଡ଼ି ଦେଇ ଯିବି ମୋର ନିକଟତମ ମଣିଷମାନଙ୍କୁ, ପ୍ରିୟଜନଙ୍କୁ ଯେଉଁମାନଙ୍କ ସହିତ ମୋର ଥିଲା ସାନ୍ନିଧ୍ୟ, ଯେଉଁମାନଙ୍କ ସ୍ପର୍ଶ ମୋତେ କରି ଆସିଥିଲା ବିଭୋର। ଏସବୁ ସଂପର୍କ ମୋତେ ମୁଗ୍ଧ ଓ ଚକିତ କରିରଖି ଥିଲା ଏବଂ ଚଳମାନ ଓ ଜାଗ୍ରତ କରି ରଖିଥିଲା।

ମୁଁ ଏଇଠି ଛାଡ଼ି ଚାଲିଯିବି ସବୁ ମହତ ଓ ମନୋରମ ଅନୁଭବ ଏବଂ ଉଦୟମାନ ଅଙ୍କୁର, ପ୍ରତିଟି ଜନ୍ମ ଓ ଅସ୍ତିତ୍ୱ। ଏଇଠି ରହିଯିବ ସବୁତକ ମନ୍ତ୍ର, ମାନ୍ତ୍ରିକ ଉଚ୍ଚାରଣ, ରହସ୍ୟ, ଦୂରତ୍ୱ, କ୍ଷୟହିନତା ଓ ଅନନ୍ତକାଳର ମାଦକତା। ମୁଁ ଏଇ ପୃଥିବୀ ଓ ଚିକିମିକି ତାରାମାନଙ୍କୁ ଏଇଠି ହିଁ ଛାଡ଼ି ଚାଲିଯିବି କାରଣ ଏଇଠୁ ମୁଁ କିଛି ହିଁ କିଛି ସାଥିରେ ନେଇ ଚାଲିଯିବି ନାହିଁ – ସବୁ କିଛି ଛାଡ଼ି ଚାଲି ଯିବି।

ମୁଁ ରିକ୍ତ ଭାବେ ଚାଲି ଯିବି କାରଣ କ'ଣ ସବୁ ଆଗକୁ ଆସିବ ତାହାକୁ ମୁଁ ଦେଖି ପାରୁଛି ଏବଂ ଏଠିକାର କିଛି ବି ମୋର ପ୍ରୟୋଜନ ନାହିଁ। ଏଇ ଜାଗା ମୋର ପ୍ରୟୋଜନ ଲୋଡ଼ିବ କି ନାହିଁ ତାହା ମୋର ଜାଣିବାର ପ୍ରୟୋଜନ ନାହିଁ। ମୁଁ ଚାଲି ଯାଉଛି... ■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧

# ଦେଶରେ ଖୁଚୁରା ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୧।୧୦(ସମିସ):** ଭାରତର ଖୁଚୁରା ବିଦ୍ୟୁତ୍ ବଜାରକୁ ସାରା ଦେଶରେ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିବାକୁ ଯୋଜନା କରାଯାଉଛି। ଯାହା ଅଧିକାଂଶ ରାଜ୍ୟରେ ରାଜ୍ୟ ପରିଚାଳିତ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଆଧିପତ୍ୟକୁ ଶେଷ କରିବ। କେନ୍ଦ୍ରୀୟ ବିଦ୍ୟୁତ୍ ମନ୍ତ୍ରଣାଳୟର ଏକ ଚିଠା ବିଲ୍‌ରୁ ଏହା ଜଣାପଡ଼ିଛି। ଏହି ପଦକ୍ଷେପ ସାରା ଦେଶରେ ଅଦାନୀ ଏଣ୍ଟରପ୍ରାଇଜେସ୍, ଟାଟା ପାୱାର, ଟୋରେଣ୍ଟ ପାୱାର ଏବଂ ସିଇଏସ୍‌ସି ଭଳି ଘରୋଇ କମ୍ପାନୀମାନଙ୍କ ଉପସ୍ଥିତିକୁ ମଜବୁତ କରିବାରେ ସାହାଯ୍ୟ କରିବ।

୨୦୨୨ରେ ଏକ ସମାନ ପ୍ରୟାସ କରାଯାଇଥିଲା, ଯାହାକୁ ରାଜ୍ୟ ବିତରଣ କମ୍ପାନୀଗୁଡ଼ିକ ବିରୋଧ କରିଥିଲେ। ବର୍ତ୍ତମାନ ଭାରତର କେବଳ କିଛି ବିଦ୍ୟୁତ୍ ବିତରଣ ଅଞ୍ଚଳ ଯେପରି ଜାତୀୟ ରାଜଧାନୀ ଅଞ୍ଚଳ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟ ଭଳି ଶିଳ୍ପ ଉନ୍ନତ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଘରୋଇକରଣ ହୋଇଛି। ଅଧିକାଂଶ ଅଞ୍ଚଳ ରାଜ୍ୟ ନିୟନ୍ତ୍ରଣରେ ରହିଛି। ବିଦ୍ୟୁତ ବଣ୍ଟନ କମ୍ପାନିଗୁଡ଼ିକ ଗଭୀର ଆର୍ଥିକ କ୍ଷତିରେ ଚାଲୁଛି। ରାଜ୍ୟମାନଙ୍କ ଉପରେ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକର କ୍ଷତି ହ୍ରାସ କରିବା, ଆର୍ଥିକ ସ୍ୱଚ୍ଛତା ଏବଂ ପୁରୁଣା ଭିତ୍ତିଭୂମି ଉନ୍ନତ କରିବା ପାଇଁ ଚାପ ରହିଛି। ଚଳିତ ବର୍ଷର ଆରମ୍ଭରେ ଦେଶର ସବୁଠାରୁ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶ ଏହାର ଚାରୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ମଧ୍ୟରୁ ଦୁଇଟିକୁ ଘରୋଇକରଣ ପାଇଁ ବିଡ୍ ଆହ୍ୱାନ କରିଥିଲା। ୨୦୨୫ ଜୁନ ସୁଦ୍ଧା ରାଜ୍ୟ ବିଦ୍ୟୁତ୍ ୟୁଟିଲିଟିଗୁଡ଼ିକ ବିଦ୍ୟୁତ୍ ଉତ୍ପାଦକମାନଙ୍କୁ ପ୍ରାୟ ୬.୭୮ ବିଲିୟନ ଡଲାର ଦେବାର ଥିଲା। ଏହା ସ୍ୱାଧୀନ ବିଦ୍ୟୁତ ଉତ୍ପାଦକମାନଙ୍କ ପାଇଁ ଗମ୍ଭୀର ନଗଦ ସଙ୍କଟ ସୃଷ୍ଟି କରିଛି ଏବଂ ଫଳସ୍ୱରୂପ ଏହି କ୍ଷେତ୍ରକୁ ଋଣ ପ୍ରବାହ ବାଧାପ୍ରାପ୍ତ ହୋଇଛି ବୋଲି ଇନଷ୍ଟିଚ୍ୟୁଟ ଫର୍ ଏନର୍ଜୀ ଇକୋନୋମିକ୍ସ ଆଣ୍ଡ ଫାଇନାନ୍ସିଆଲ ଆନାଲିସିସ ସେପ୍ଟେମ୍ବରରେ କହିଥିଲା।

ବିଦ୍ୟୁତ୍ ମନ୍ତ୍ରଣାଳୟର ଚିଠା ପ୍ରସ୍ତାବ ମଧ୍ୟ ଏକ ଅଞ୍ଚଳରେ ଏକାଧିକ ଘରୋଇ କମ୍ପାନୀମାନଙ୍କ ପାଇଁ ଖୁଚୁରା ବିଦ୍ୟୁତ୍ ବଜାର ଖୋଲିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନର ବିଦ୍ୟୁତ୍ ଆଇନରେ ସେଭଳି ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଘରୋଇ କମ୍ପାନୀମାନଙ୍କୁ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ୍) ପ୍ରତିଷ୍ଠା କରିବାକୁ ଅନୁମତି ଦେବାକୁ ଚାହୁଁଛନ୍ତି।

## ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂ-୨୦୨୬

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୧।୧୦(ସମିସ):** ପ୍ରକାଶ ଟାଇମ୍ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ୍-୨୦୨୬। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗ୍‌ରେ ବିଶ୍ୱ ତଥା ସର୍ବଭାରତୀୟ ସ୍ତରରେ ତା'ର ସ୍ଥାନରେ ଉନ୍ନତି ଆଣିଛି। ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ରହିବା ସହ ଆକାଡେମିକ୍ ଏକ୍ସଲେନ୍ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି। ଟାଇମ୍ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ରାଙ୍କିଙ୍ଗ ପ୍ରଦାନ କରିଥାନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସ୍‌ନାଲ ଆଉଟଲୁକ୍ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ତେବେ ଟାଇମ୍ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରିଥିବା ବେଳେ ଓଡିଶାରେ ପ୍ରତିଷ୍ଠା ହୋଇ ମଧ୍ୟ ବିଶ୍ୱରେ ପରିଚୟ ସୃଷ୍ଟି କରିଛି। କିଟ୍ ଓଡିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ରାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି।

କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହି ସଫଳତା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି। ଏହା ଓଡିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି।

## ଟ୍ରିବ୍ୟୁନାଲ୍‌ରେ ମହାନଦୀ ଜଳ ବିବାଦ ମାମଲା

# ନଭେମ୍ବର ୧୫ ତାରିଖରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର, ୧୧।୧୦(ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା, ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଥିବା ବେଳେ ଶନିବାର ଟ୍ରିବୁନାଲରେ ମାମଲାର ୪୬ତମ ଶୁଣାଣି ଅନୁଷ୍ଠିତ ହୋଇଛି। ଆଜିର ଶୁଣାଣିରେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମାମଲାର ସମାଧାନ ଦିଗରେ ଅଗ୍ରସର ହେଉଛନ୍ତି ବୋଲି ଟ୍ରିବୁନାଲଙ୍କୁ ଅବଗତ କରାଇଥିଲେ। ଏହାସହ ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ନେଇ ଯାହା ଅଗ୍ରଗତି ଘଟିଛି,

**୨୮ ରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ**

ସେନେଇ ସେ ବିଶଦ୍ ବିବରଣୀ ଉପସ୍ଥାପନ କରିଥିଲେ। ଟ୍ରିବୁନାଲ ଆସନ୍ତା ନଭେମ୍ବର ୧୫କୁ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୮ ତାରିଖରେ ଦୁଇ ରାଜ୍ୟରେ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ସେଥିରେ ଜଳବିଭାଜନ ଏବଂ ପ୍ରକଳ୍ପ ଅନୁମୋଦନ ନେଇ ଚର୍ଚ୍ଚା ହେବ। ବିଶେଷକରି ଲୋୟର୍ ସୁକତେଲ ଜଳ ପ୍ରକଳ୍ପ ଅଗ୍ରସର କରିବା ନେଇ ଉଭୟ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଟ୍ରିବ୍ୟୁନାଲରେ ବିଚାରଧୀନ ରହିଥିଲା।

# ସଂଗଠନର କର୍ମୀଙ୍କୁ କୋର୍ଟ ହଲରୁ ବାହାର କରିଦେବା ସମ୍ବିଧାନ ବିରୋଧୀ

## ଟ୍ରିବୁନାଲ ଅଧ୍ୟକ୍ଷଙ୍କ ନିକଟରେ ଫେରାଦ ହେଲା ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ

**ଭୁବନେଶ୍ୱର, ୧୧।୧୦ (ସମିସ):** ଶନିବାର ନୂଆଦିଲ୍ଲୀରେ ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ଶୁଣାଣି ଚାଲୁଥିବା ବେଳେ ଏକ ଅପ୍ରୀତିକର ଘଟଣା ଘଟିଛି। ଶୁଣାଣି ସମୟରେ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀମାନଙ୍କୁ କୋର୍ଟ ହଲରେ ରହିବାକୁ ବାରଣ କରାଯିବା ସହ ସେଠାରୁ ସେମାନଙ୍କୁ ବାହାର କରିଦିଆଯାଇଥିବା ନେଇ ଆନ୍ଦୋଳନର କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ଓ ଛତିଶଗଡ଼ ସରକାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆଗଭର ହେଉଥିବା ବେଳେ ଟ୍ରିବୁନାଲର ଆଭିମୁଖ୍ୟ କ'ଣ ରହିଛି, ତାହା ଜାଣିବା ଆମର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ଆମେ କୋର୍ଟ ରୁମରେ ଉପସ୍ଥିତ ଥିଲୁ। ମାତ୍ର କେଉଁ ସତ୍ୟକୁ ଲାଚାଇ ରଖିବା ପାଇଁ ଆମକୁ ବାହାର କରି ଦିଆଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାସହ ଏହା ସମ୍ବିଧାନବିରୋଧୀ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

ସଂଗଠନର ଅଭିଯୋଗ ଅନୁଯାୟୀ, ଶନିବାର ଶୁଣାଣି ଆରମ୍ଭ ପୂର୍ବରୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସହ ଆବାହକ ବାସୁଦେବ ଭଟ୍ଟ ଏବଂ ଅନ୍ୟ ସଦସ୍ୟମାନେ କୋର୍ଟ ରୁମରେ ଉପସ୍ଥିତ ଥିଲେ। ମାତ୍ର ଟ୍ରିବୁନାଲର ପ୍ରବନ୍ଧକ ଚନ୍ଦନ ମୁଖାର୍ଜୀ ଆନ୍ଦୋଳନର କର୍ମୀମାନଙ୍କୁ ସେଠାରୁ ବାହାରି ଯିବାକୁ କହିଥିଲେ। କିଛି ସମୟ ପାଇଁ ପ୍ରବନ୍ଧକ ଓ ଆନ୍ଦୋଳନର କର୍ମୀଙ୍କ ଭିତରେ ବଚସା ହେବା ପରେ ଆନ୍ଦୋଳନର କର୍ମୀ ସେଠାରୁ ବାହାରି ଆସି ଲବିରେ ଅପେକ୍ଷା କରିଥିଲେ। ସେହି ସମୟରେ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଓ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସେଠାରେ ପହଞ୍ଚିଥିଲେ। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଘଟଣା ନବୁଝି ବା ଆନ୍ଦୋଳନର କର୍ମୀମାନଙ୍କ କଥା ନଶୁଣି ସେମାନଙ୍କ ଉଦ୍ଦେଶ୍ୟରେ କିଛି ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏପରିକି, ଜନୈକ କର୍ମୀଙ୍କୁ ଏନ୍‌ଏସ୍‌ଏରେ ଭର୍ତ୍ତି କରିଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ଧମକ ଦେଇଥିବା ନେଇ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯ (୧) (ବି) ସୂଚନା ପାଇବାର ଅଧିକାର ସମେତ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁନିଶ୍ଚିତ କରୁଛି। ମାତ୍ର କୋର୍ଟ ପରିସରରୁ ମହାନଦୀ ଆନ୍ଦୋଳନର କର୍ମୀମାନଙ୍କୁ ଆଜି ଏଥିରୁ ବଞ୍ଚିତ କରାଯାଇଛି ଏବଂ ଏହା ସମ୍ବିଧାନବିରୋଧୀ ବୋଲି ସଂଗଠନ କହିଛି। ଏ ସଂକ୍ରାନ୍ତରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଅଭିଯୋଗ ଦାଖଲ କରାଯାଇଛି ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

# ବାଲେଶ୍ୱରରେ ସରକାରଙ୍କ ବିରୋଧରେ ଗର୍ଜିଲା ବିଜେଡି



**ବାଲେଶ୍ୱର, ୧୧।୧୦(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ବିରୋଧରେ ଆଜି ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ପରିପ୍ରେକ୍ଷୀରେ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଯୋଗଦେଇ କହିଲେ, ଯୁବ ଓ ଛାତ୍ର ସମାଜର ଭବିଷ୍ୟତକୁ ନେଇ ବିଜେପି ସରକାର କରୁଥିବା ରାଜନୀତିର ଖୁବ୍‌ଶୀଘ୍ର ଅନ୍ତ ହେବ। ପରୀକ୍ଷା ବାତିଲ ଏବଂ କେଲେଙ୍କାରୀର ପର୍ଦ୍ଦାଫାସ ହେବ। ଓଡ଼ିଶାର ଭବିଷ୍ୟତ ପାଇଁ ଏ ଲଢ଼େଇ ବଜାୟ ରହିବ ବୋଲି ସେ କହିଥିଲେ। ସେହିପରି ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଇପସିତା ସାହୁ କହିଥିଲେ, ସିବିଆଇ ତଦନ୍ତ, ଓପିଆର୍‌ବି ଚେୟାରମ୍ୟାନ୍ ଯେପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି, ସେପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ବିଜେପିର ବଡ଼ ପଣ୍ଡାମାନେ ଖସିଯିବାକୁ ଯେଉଁ ବ୍ୟବସ୍ଥା କରୁଛନ୍ତି, ବିଜେଡି ତାହାର ପର୍ଦ୍ଦାଫାସ କରିବ।

ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଯୋଗଦେଇ ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ବର୍ଷିଥିଲେ।

ସିନେମା ଛକସ୍ଥିତ ସହିଦ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବା ପରେ ହଜାର ହଜାର କର୍ମୀ ଏକ ବିଶାଳ ପଟୁଆରରେ ସହର ପରିକ୍ରମା କରି ଫକୀର ମୋହନ କଲେଜ ଛକରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଯୋଗଦେଇ ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ରଞ୍ଜନ ବାଗ, ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଭରତ ଭୂଷଣ ଦାସ, ଧୀରେନ ନାୟକ, ସେକ ଅନସର, ଉମାଶଙ୍କର ତିଆଡି, ସେକ ଆୟୁବ, ଛାତ୍ରନେତା ବିଭୁଦତ୍ତ ପରିଡା ପ୍ରମୁଖ ସରକାରଙ୍କ ଦୁର୍ନୀତିଗ୍ରସ୍ତ ଶାସନ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା।

# ମନ୍ତ୍ରୀ ଗୋକୁଳାନନ୍ଦଙ୍କ ବଡ଼ଭାଇଙ୍କ ପରଲୋକ



**ପୋଲସରା, ୧୧।୧୦(ସମିସ):** ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ତଥା ଗଂଜାମ ଜିଲ୍ଲା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକଙ୍କ ବଡ଼ ଭାଇ ଗୋପାଳକୃଷ୍ଣ ମଲିକ (୭୦)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପୋଲସରା ନିର୍ବାଚନମଣ୍ଡଳୀରେ ସେ ବହୁ ବିକାଶମୂଳକ କାର୍ଯ୍ୟରେ ଜଡ଼ିତ ରହିବା ସହ ଲୋକଙ୍କ ସୁଖଦୁଃଖରେ ଛିଡ଼ା ହେଉଥିଲେ। ତାଙ୍କ ବିୟୋଗରେ ପୋଲସରା ନିର୍ବାଚମଣ୍ଡଳୀରେ ଶୋକର ଛାୟା ଖେଳିଯାଇଛି। ମନ୍ତ୍ରୀଙ୍କ ପରିବାର ସହ ଜଡ଼ିତ ଥିବା ନେତା, କର୍ମୀ ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ବୁଗୁଡ଼ାସ୍ଥିତ ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ଗୋପାଳକୃଷ୍ଣଙ୍କ ପବିତ୍ର ଆତ୍ମାର ସଦଗତି କାମନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶା ଛାତ୍ରୀଙ୍କୁ...

ମୁଖ୍ୟମନ୍ତ୍ରୀ ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଓ ପୀଡ଼ାଦାୟକ ଦର୍ଶାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟୁଇଟ୍ କରି ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ବାପା ଗଣମାଧ୍ୟମରେ କହିଛନ୍ତି ଯେ ଝିଅର ସାଙ୍ଗଠାରୁ ମୁଁ ଏ ବାବଦରେ ଜାଣିବା ପରେ ହସ୍ପିଟାଲରେ ପହଞ୍ଚିଥିଲି। ।।ସେତେବେଳେ ମୋ ଝିଅର ଅବସ୍ଥା ଗୁରୁତର ଥିଲା ଏବଂ ହସ୍ପିଟାଲ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିଲା।। ସେ କହିଛନ୍ତି ଯେ ତାଙ୍କ ଝିଅଙ୍କ ପୁରୁଷବନ୍ଧୁ ୱାସିଫ ଅଲ୍ଲୀ ତାଙ୍କୁ ଭେଟିବାକୁ ଡାକିଥିବାରୁ ସେ କ୍ୟାମ୍ପସ ବାହାରକୁ ଗୁପଚୁପ୍ ଖାଇବାକୁ ଯାଇଥିଲେ। କ୍ୟାମ୍ପସ ଗେଟ୍ ପାଖରେ ପ୍ରାୟ ଚାରିରୁ ପାଞ୍ଚଜଣ ବ୍ୟକ୍ତି ଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଝିଅକୁ ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତମାନେ ଝିଅର ମୋବାଇଲ୍ ଛଡ଼ାଇ ନେଇଥିଲେ ଏବଂ ଫେରସ୍ତ କରିବା ପାଇଁ ୩ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ପରେ ତାଙ୍କ ଝିଅ ସହ ଥିବା ତାଙ୍କ ପୁରୁଷବନ୍ଧୁ ଜଣକ ତାଙ୍କୁ ଫେରାଇ ଆଣିଥିଲେ। ମୋ ଝିଅକୁ ଡାକ୍ତର କରିବା ପାଇଁ ଉକ୍ତ କଲେଜରେ ନାମ ଲେଖାଇଥିଲି। ମୁଁ ମୋ ଝିଅ ପାଇଁ ନ୍ୟାୟ ଚାହୁଁଛି। ଏଭଳି ଘଟଣା ଅନ୍ୟ କୌଣସି ଝିଅ ସହିତ ନ ଘଟୁ। କ୍ୟାମ୍ପସରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଘଟିଲା ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଓଡ଼ିଶା ପୁଲିସ ପଶ୍ଚିମବଙ୍ଗ ପୁଲିସ ସହ ଯୋଗାଯୋଗ କରିଛି। ଏପରିକି ଓଡ଼ିଶାର ପୁଲିସର ଏକ ସ୍ୱତନ୍ତ୍ର ମହିଳା ଟିମ୍ ପଶ୍ଚିମବଙ୍ଗ ଖୁବ୍‌ଶୀଘ୍ର ଯାଇ ପୀଡ଼ିତାଙ୍କୁ ଭେଟିବା ସହ ସ୍ଥାନୀୟ ପୁଲିସର ତଦନ୍ତର ଅଗ୍ରଗତି ନେଇ ଆଲୋଚନା କରିବ ବୋଲି ସୂଚନା ମିଳିଛି। ଆହୁରି ମଧ୍ୟ ପରିବାର ଲୋକଙ୍କୁ ଭେଟି କିଭଳି ଚିକିତ୍ସା ସଠିକ୍ ହୋଇପାରିବ ସେନେଇ ଆଲୋଚନା କରିବାର ରହିଛି। ପୁଲିସ ମହାନିର୍ଦ୍ଦେଶକ ଛୁଟିରେ ଥିବାରୁ ଅତିରିକ୍ତ ଡିଜି ଏନେଇ ପଶ୍ଚିମବଙ୍ଗ ପୁଲିସ ଡିଜି ସହ ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ଉଦ୍‌ବେଗ ପ୍ରକାଶ କରିବା ସହ ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି।

### ନବୀନ ନିବାସରେ...

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ନିର୍ବାଚକୁ ଦଳ କିପରି ସଫଳ ଭାବେ ଲଢ଼ିବ ସେନେଇ ଆଲୋଚନା ହୋଇଛି। ସଭାପତି ସମ୍ଭାବ୍ୟ ପ୍ରାର୍ଥୀତ୍ୱ ନେଇ ତର୍ଜମା କରୁଛନ୍ତି। ଖୁବଶୀଘ୍ର ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଏବେବି ନବୀନ ବାବୁଙ୍କ ଉପରେ ପୂର୍ବବତ୍ ଲୋକଙ୍କ ଆସ୍ଥା ଅତୁଟ ରହିଛି। ତେଣୁ କିଏ କୋଉଠି ମିଶିବେ ତାହା ଦଳ ଉପରେ ସାମାନ୍ୟତମ ପ୍ରଭାବ ପକାଇବ ନାହିଁ। ନବୀନ ବାବୁ ଯାହାକୁ ଦଳୀୟ ପ୍ରାର୍ଥୀ କରିବେ, ସେ ବହୁ ଭୋଟରେ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଶ୍ୱେତାପର୍ଣ୍ଣାଙ୍କୁ 'ଏକଲବ୍ୟ'...

ଏ ସମସ୍ତ କ୍ରୀଡ଼ାବିତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ପାଇବା ସହ ଓଡ଼ିଶା ତଥା ଭାରତର ଗୌରବ ବୃଦ୍ଧି କରିଛନ୍ତି। ୧୯୯୩ରୁ ପ୍ରତ୍ୟେକ ବର୍ଷ ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ ବା ଇମ୍ପାକ୍ଟ ପକ୍ଷରୁ ଏହି ପୁରସ୍କାର ରାଜ୍ୟର ୨୫ ବର୍ଷରୁ କମ୍ ବୟସର ଶ୍ରେଷ୍ଠ ପ୍ରଦର୍ଶନକାରୀ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯାଏ। ଏକଲବ୍ୟ ପୁରସ୍କାର କମିଟ ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଜୁରୀ କମିଟି ବିଜେତାଙ୍କ ନାମ ଚୟନ କରିଛି। ବିଜେତାମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଇମ୍ପାକ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

O-878 E-Mail ID: eerw_titilagarh@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: TITILAGARH

e Procurement Notice

IFB IDENTIFICATION NO. EETIG-online-05/2025-26

| | | | |
|---|---|---|---|
| 1. | Name of work | : | Road works |
| 2. | Total no of works | : | 01(One) no. |
| 3. | Approximate Estimated Cost | : | Varies from Rs 10.04 lakh |
| 4. | Time for completion | : | 01 (One) calendar month |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | | As per TCN No. EETIG-online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Titilagarh | EETIG-online-05/2025-26 | 13.10.2025 at 11.00 A.M | 23.10.2025 upto 5.00PM | 22.10.2025 to 11.00AM | 24.10.2025 at 11.30A.M |

• Further details can be seen from the website www.tenders.ori.nic.in
• Any Corrigendum/Addendum will be displayed in the above e tender website only.

OIPR-25078/11/0024/2526

Executive Engineer
R.W. Division, Titilagarh

**AFFIDAVIT**
By virtue of an affidavit, S.L. No.1163, dated 01.10.2025, before the Notary Public, Deogarh, I, Swami Nigamananda, resident of Station Road, Po/Ps.- Paralakhemundi, Dist.- Gajapati have changed my name from Brahmachari Surya Chaitanya to Swami Nigamananda for all purposes.

**ଶପଥପତ୍ର**
ଏହି ଶପଥପତ୍ର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ଧରିତ୍ରୀ ରାଣା, ସ୍ୱାମୀ - ରଞ୍ଜନ କୁମାର ରାଣା, ଗ୍ରାମ : ରାଇସୁଆଁ, ଥାନା - ବସ୍ତା, ଜିଲ୍ଲା - ବାଲେଶ୍ୱର, ଓଡ଼ିଶା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୦୮୨୦୦୧୦୬୬, ତା - ୦୭.୦୯.୨୦୨୦, ଖାତା ନଂ. ୫୭୩/୯୩, ମୁଁ ତା ୧୪.୦୭.୨୦୨୫ରିଖରେ ରାଇସୁଆଁରେ ଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଥାଆନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋବାଇଲ୍ ନଂ.- ୮୪୨୦୦୧୧୯୮୫, ନାମ : ସୋମନାଥ ପଟ୍ଟନାୟକ

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an Affidavit before Notary Public, Malkangiri, I, **Jagamaya Ghoshal**, aged about 27 years, W/o.: Samrat Ghosal, D/o.: Benumadhab Chakraborty resident of Village: M.V-23, PO.: Mariwada, P.S.: Korukonda, Dist.: Malkangiri, Odisha, declare by this Affidavit No.: 1429/2025, Dated: 09.10.2025 that I have changed my name from Jagamaya Chakraborty to **Jagamaya Ghoshal**, Henceforth I shall be known as **Jagamaya Ghoshal** for all future purposes.

**ଦଲିଲ ହଜିଛି**
ମୁଁ **ସ୍ୱର୍ଣ୍ଣମୟୀ ଦାସ,** ସ୍ୱାମୀ: ସନ୍ତୋଷ କୁମାର ଦାସ, ଘୋଷଣା କରୁଛି କି, ମୂଳ ବିକ୍ରୟ ଦଲିଲ ନଂ.: ୧୪୨୮, ତା.୧୧.୦୯.୨୦୦୦, ମୌଜା: ଗୋଡିପୁଟ, ମାଟିଆପଡା, ତହସିଲ: ପିପିଲି, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୧୨୮୦/୧୧୭, ପ୍ଲଟ୍ ନଂ.: ୧୪୭୩/୪୫୮୨ କୁ ୧୫.୦୩.୨୦୨୪ ଅପରାହ୍ନ ୧୨.୪୫ରେ କେଉଁଠାରେ ହଜିଯାଇଛି ମୁଁ ଏହାକୁ ଖୋଜି ପାଉନାହିଁ । ଉପରୋକ୍ତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଅଭିଯୋଗ ଥାଏ ତେବେ ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ- ଆଡଭୋକେଟ ପ୍ରଭାକର ପଟ୍ଟନାୟକ, ମୋ.: ୯୭୭୮୦୭୦୫୯୦

**AFFIDAVIT**
By virtue of an affidavit No. 10654, Dtd.08.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./ Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as Ashish Kumar Biswal for all purposes.

**LOST**
ମୁଁ ଶ୍ରୀ ରତିକାନ୍ତ ନନ୍ଦ, ଗ୍ରାମ: କୃଷ୍ଣପଲ୍ଲୀ ପାଟଣା ଜି: କଟକ ସର୍ବସାଧାରଣଙ୍କୁ ଅବଗତ କରୁଅଛି । ଗତ ୦୭/୧୦/୨୦୨୫ ରିଖ ଅପରାହ୍ନ ୩ଟା ସମୟରେ ମୋର ଏକ୍ଟିଭା ସ୍କୁଟର ( OD 33-Z-9725) ନମ୍ବର ଥିବା ପଛ ପାଖ ପ୍ଲେଟ ଟି ଖଣ୍ଡଗିରି -ଡୁମ୍ ଡୁମା ରାସ୍ତାରେ କେଉଁଠି ଖସିପଡ଼ିଛି । ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ବା ଦୃଷ୍ଟିରେ ପଡ଼ିଥାଏ ତେବେ ୯୪୩୯୯୭୭୨୯୨ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ନମ୍ବର୍ ପ୍ଲେଟକୁ ଯଦି କେହି ଅସତ୍ ବିନିଯୋଗ କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ।

**AFFIDAVIT**
By virtue of an affidavit, S.L. No.2579, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Basanti Kanhar have changed my minor daughter's name from Banki Kanhar to Banaki Kanhar. Henceforth she will be known as **Banaki Kanhar** for all purposes.
**Sd/- Basanti Kanhar**

**AFFIDAVIT**
I Devi Debashisha Sahu, S/o- Parsuram Sahu, resident of Vill- Nuabandha Sahi, Jilundi, Dist- Ganjam, , PIN-761133, Odisha declare by this affidavit No-757 dated- 06.08.2025, that now onwards I shall be known as **DEVI DEBASISH SAHU** for all future purposes.

**AFFIDAVIT**
By virtue of an affidavit, S.L. No.2578, dated 10.10.2025, in the court of the Executive Magistrate, Phulbani, Dist.- Kandhamal, I, Gunduri Mallick have changed my minor daughter's name from Baijanti Mallick to Kumari Baijayanti Mallick. Henceforth she will be known as **Kumari Baijayanti Mallick** for all purposes.
**Sd/- Gunduri Mallick**

**AFFIDAVIT**
I, Harshvardan Pal S/o Shri Sampat Singh Pal presently residing at Qtr No B/ 295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6109 dtd 08.10.2025 that now onwards I shall be known as **HARSHVARDHAN SINGH PAL** for all future purposes.

**AFFIDAVIT**
I, Kamlakanta , S/o- Raghunath Behera, resident of At/Po/Ps- Bhograi, District Balasore pin 756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**
I, Subhashis Mohanty, aged about 41 years, S/o- Madhabananda Mohanty, resident of At/Po- Uttamapur, PS- Cuttack Sadar, Dist- Cuttack, Odisha, PIN- 753011 declared by this affidavit No. 2052, dtd- 10/10/2025 that now onwards I shall be known as **SUBHASISH MOHANTY** for all future purposes.

**AFFIDAVIT**
I, Munni Devi Pal W/o Shri Harshvardhan Singh Pal, presently residing at Qtr No B/295, Heavy Water Colony, FCI Township, PS- Vikrampur, Dist-Angul, Odisha-759106 declare by this affidavit No.6110 dtd 08.10.2025 that now onwards I shall be known as **MUNNI DEVI** for all future purposes.

**AFFIDAVIT**
By virtue of an affidavit, S.L. No.359, dated 10.10.2025, in the court of the Executive Magistrate, Semiliguda, Dist.- Koraput, I, Ritu Bagh, D/o- Jayadan Bagh, have changed my name from Rutu Bagh, D/o- Jighnadan Bagh and Date of Birth 03.02.1999 to Ritu Bagh, D/o- Jayadan Bagh and Date of Birth 13.05.2000 for all purposes.
**Sd/- Ritu Bagh**

**AFFIDAVIT**
By virtue of an affidavit sworn before Notary Public Bhubaneswar, dated- 10/10/2025. I, **Preeti Panigrahi,** W/o- Premananda Panigrahi, Address At- Shanti Niwas Angaradia, Satsang Colony, Po- Balasore, Dist- Balasore, Odisha, Pin- 756001 declare that I have changed my name from **Anima Dash** (old Name) to **Preeti Panigrahi** (new Name). Henceforth, I shall be known as **PREETI PANIGRAHI** for all purposes.
**PREETI PANIGRAHI**

**AFFIDAVIT**
By virtue of an affidavit before the Executive Magistrate, Dharakote, Sl. No-306/2025, I Sri Simanchala Gouda, Vill.: Bharatapalli, Po- Baradabilli, Ps.: Dharakote, Dist.- Ganjam have changed my minor son's name from Sibaprasad Gouda to Sibu Prasada Gouda, S/o- Simanchala Gouda. Henceforth he shall be known as **Sibu Prasada Gouda** for all purposes.
**Sd/- Simanchala Gouda**

**AFFIDAVIT**
By virtue of an affidavit before the Executive Magistrate, Affidavit NO-2406, dated 09-10-2025, I SK Tamijuddin, Resident of Vill- Aminabad, P.O- Gujidarada, P.S.: Bhadrak (R), Dist-Bhadrak, Odisha, Pin-756128, declare that, I have changed my name from SK Tamsuddin to SK Tamijuddin. Henceforth I shall be known as SK TAMIJUDDIN for all future Purposes.
**SD/- SK TAMIJUDDIN**

**AFFIDAVIT**
By virtue of an affidavit before the Executive Magistrate, Bhubaneswar, on dated- 13/09/2025. I, **Saibalini Nanda,** aged about 48 years, W/o- Raj Kishor Pattanaik, resident of Flat No. 002, Block-C, Vaisakha Enclave, Bomikhal, Rasulgarh, Bhubaneswar, Dist- Khordha, Odisha, PIN- 751010 have changed my minor daughter's name from **Omm Sree** (old name) to **Omm Sree Pattanaik** (new name). Henceforth, she shall be known as **Omm Sree Pattanaik** (new name) for all purposes.
**Saibalini Nanda**

## ଆନ୍ତର୍ଜାତିକ ବାଳିକା ଦିବସ

# କନ୍ୟା ସନ୍ତାନ ବୋଝ ନୁହଁ

**ଝାରସୁଗୁଡ଼ା, ୧୧।୧୦(ସମିସ)**




ବ୍ରଜରାଜନଗର ସ୍ଥିତ ପିଏମଶ୍ରୀ ଓଡ଼ିଏମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ସଂଗଠନ କମିଶନର ପ୍ରତିଭା ମହାପାତ୍ରଙ୍କର ନେତୃତ୍ୱରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ବବିତା ମିଞ୍ଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ୮ ବର୍ଷର ବାଳିକା ସ୍ରିଷ୍ଟି ଜେନା ଯୋଗ ଦେଇଥିଲେ। ସୁଶ୍ରୀ ପ୍ରତିଭା ମହାପାତ୍ର ଏହି ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ କନ୍ୟା ସନ୍ତାନଙ୍କୁ ପିତାମାତା ବୋଝ ଭାବିବା ଉଚିତ ନୁହେଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଗାଇଡସ୍ ବନିତା ପଣ୍ଡା, ସ୍ମୃତ ନନ୍ଦ, ଦୀପ୍ତି ରାଏ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ, ସୁନନ୍ଦା ଧରୁଆ ବାଳିକା ଦିବସର ମହତ୍ତ୍ୱ ଏବଂ ବାଳିକା ମାନେ ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ପ୍ରଧାନ, କର୍କିକ ସେଠ, ରିଙ୍କୁ ପ୍ରଧାନ, ପ୍ରଦୀପ ନାଏକ, ଅଜୟ ପଟେଲ, ଝିଲି ବାରିକ, ସୁଶାନ୍ତି ଡିଗା, ସୁଜାତା ପଟେଲ, ମୁକ୍ତା ଶୋରେନ, ବୁଧରାମ ବାଗ, ଗୌତମ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଝାରସୁଗୁଡ଼ା ଆନୁକୂଲ୍ୟରେ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ରାଧାରମଣ ବିରିଆ ଏଡିଏମ୍‌ଓ, ଅଶିଷ ପଣ୍ଡା, ଅଧକ୍ଷ, ଶିଶୁ ମଙ୍ଗଳ ଅଧିକାରୀ, ଆନନ୍ଦିନି ପାଢ଼ି, ନିର୍ଦ୍ଦେଶିକା ସେହଡ଼ା, ସୁନନ୍ଦ ମହାରଣା, ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପୁନ୍ୟବତି ସେଠେଲ ଖେଷ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ବ୍ରଜବନ୍ଧୁ ଭୋଇ ସମାଜରେ କନ୍ୟା ସନ୍ତାନ ମାନଙ୍କର ଆବଶ୍ୟକତା ଓ ଭୂମିକା ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟିର କିଶୋରୀ ବାଳିକା, ସଖୀ ସହେଲୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ସିଡିପିଓ, ସୁପରଭାଇଜର, ୱାନ ଷ୍ଟପ ସେଣ୍ଟର କର୍ମକର୍ତ୍ତା, ସକ୍ତିସଦନ କର୍ମକର୍ତ୍ତା ଯୋଗ ଦେଇଥିଲେ। କିଶୋରୀ ବାଳିକା ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, କୁଇଜ୍, ବକ୍ତୃତା, ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀ ବାଳିକା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହିଳା ସୁରକ୍ଷା ପ୍ରଧାନ ଅଧିକାରୀ ଯାଜ୍ଞସେନି ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ସମସ୍ତ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରିଆମାଳ ମାଁ ଗଜଲକ୍ଷ୍ମୀ ପୂଜା ଭସାଣି ଯାତ୍ରାରେ ଭକ୍ତଙ୍କ ଭିଡ଼

**ରିଆମାଳ, ୧୧।୧୦(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକର ପ୍ରସିଦ୍ଧ ରିଆମାଳ ମାଁ ଗଜଲକ୍ଷ୍ମୀ ପୂଜାର ଭସାଣି ଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରୁ ମାଁଙ୍କୁ ଏକ ଫୁଲରେ ସଜ୍ଜିତ ରଥରେ ବସାଇ ନୃତ୍ୟ ତାଳେ ତାଳେ ଓ ଡିଜେ ଗୀତରେ ଗାଁ ପରିକ୍ରମା କରାଯାଇ ମାଁଙ୍କୁ ମେଲାଣୀ ଦିଆଯାଇଥିଲା। ଭସାଣୀରେ ରିଆମାଳ, କାଦୋପଡ଼ା, ତେଲିମୁଣ୍ଡା, ବାବରାକୋଟ ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବା ସହ ଝାଡଖଣ୍ଡ ରାଜ୍ୟ ରାଞ୍ଚିର ଅଘୋରୀ ନୃତ୍ୟ ବିଶେଷ ଆକର୍ଷଣ ହୋଇଥିଲା। ପୁରୀର ଦେବଦାସୀ ନୃତ୍ୟ ମଧ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ମହାବଳୀ ହନୁମାନଙ୍କ କଳା ପ୍ରଦର୍ଶନ, ଦୁଲଦୁଲି ବାଜା, ଡିଜେ ସାଉଣ୍ଡ ଆଦି ଲୋକଙ୍କୁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ମଣ୍ଡପ ଠାରୁ ବ୍ରାହ୍ମଣ ସାହି ପର୍ଯ୍ୟନ୍ତ ପରିକ୍ରମା କରାଯାଇ ଥିବା ବେଳେ ରାସ୍ତାରେ ମହିଳା ମାନେ ହୁଳହୁଳି ଦେଇ ମାଁଙ୍କୁ ଦର୍ଶନ କରିଥିଲେ। ଗାଁ ପରିକ୍ରମା ପରେ ମାଁଙ୍କୁ ବନ୍ଧରେ ମେଲାଣି ଦିଆଯାଇଥିଲା। କମିଟି ସଭାପତି ବିରେନ ପ୍ରଧାନ, ସମ୍ପାଦକ ତ୍ରିନାଥ ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳ, କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବିସର୍ଜନ ଓ ଭସାଣି ଯାତ୍ରାର ମୁଖ୍ୟ ପରିଚାଳକ ଭୁବନେଶ୍ୱର ସାହୁ, ଉପମୁଖ୍ୟ ଆଲୋକ ନାୟକ, ସଞ୍ଜୀବ ଦାସ, ହେମନ୍ତ ପ୍ରଧାନ, ଧିରେନ ପ୍ରଧାନ, ରାମଚନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ବେହେରା, ଗୋକୁଳାନନ୍ଦ ସାହୁ, ଲୁଲୁରାଉତ୍, ସୁବାସ ବେହେରା, ବାଲ୍ମିକୀ ସାହୁ, ପ୍ରତାପ ଜେନା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଗଇଲୋ ଘାଟିରେ ସ୍କୁଟି ଦୁର୍ଘଟଣା: ମହିଳା ମୃତ

**ଦେବଗଡ଼, ୧୧।୧୦(ସମିସ):** ଲଇମୁରା ଥାନା ଅଧୀନ ଗଇଲୋ ଘାଟିରେ ଶନିବାର ଏକ ସ୍କୁଟି ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଘଟଣା ସ୍ଥଳରେ ଜଣେ ୫୫ ବର୍ଷିଆ ମହିଳାଙ୍କ ମୃତ୍ୟୁ ଘଟିଛି। ଆଜି ମଧ୍ୟାହ୍ନରେ କଂସର ଫାଣ୍ଡି ଉପକଣ୍ଠ ଭଙ୍ଗାମୁଣ୍ଡା ଗାଁର ବିଟର ଏକ୍କା ତାଙ୍କ ସହଧର୍ମିଣୀ ଅଜିତା ଏକ୍କା ଓ ଜଣେ ସମ୍ପର୍କୀୟ ଯୁବକ ସୁଲେମାନ ଲାକ୍ରା ଏକ ସ୍କୁଟି ଯୋଗେ ବେଡେଇ ଗାଁକୁ ନିଜ ଅସୁସ୍ଥ ନାତୁଣୀକୁ ଭେଟିବାକୁ ଯାଉଥିଲେ। ଗଇଲୋ ଘାଟିରେ ସ୍କୁଟି ଚାଳକ ସୁଲେମାନ ଭାରସାମ୍ୟ ହରାଇବାରୁ ରାସ୍ତା କଡରେ ଥିବା ଗାର୍ଡ ୱାଲରେ ଗାଡ଼ି ପିଟି ହୋଇଥିଲା। ଫଳରେ ସ୍କୁଟିରେ ବସିଥିବା ବିଟର ଓ ତାଙ୍କ ପତ୍ନୀ ଆଜିତା ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ତେବେ ଘଟଣା ସ୍ଥଳରେ ଅଜିତାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ବିଟର ଜିଲ୍ଲା ମୁଖ୍ୟ ଚିକିତ୍ସିତ ହେଉଥିବା ଜଣା ପଡ଼ିଛି। ସୂଚନା ପାଇ ଲଇମୁରା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣା ଗ୍ରସ୍ତ ସ୍କୁଟିକୁ ଜବତ କରିବା ସହ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୋଇଲି ଘୁଘରରେ ବୁଡ଼ି ଯୁବକ ମୃତ

**ଝାରସୁଗୁଡ଼ା, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କୋଇଲି ଘୁଘର ଜଳପ୍ରପାତରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ପଞ୍ଚଗାଁର



ମହାଦେବ ମେହେରଙ୍କ ପୁଅ ପିୟୁଷ ମେହେର (୧୮) ବୋଲି ପୁଲିସ ସୂଚନା ଦେଇଛି। ପିୟୁଷ ନିଜ ପରିବାର ବର୍ଗଙ୍କ ସହ କୋଇଲି ଘୁଘର ଶୈବ ପୀଠକୁ ପୂଜାର୍ଚ୍ଚନା କରିବାକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ବିଭିନ୍ନ ସାମଗ୍ରୀ ଭସାଇବାକୁ କୋଇଲି ଘୋଘର ଜଳପ୍ରପାତକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବେଲପାହାଡ ଗୁମାଡେରାର ଏକ ଘରୋଇ ଡାକ୍ତର ଖାନାକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ପିୟୁଷଙ୍କୁ ମୃତ ଘୋଷଣା କରିଥିଲେ।

## ହାତୀ ଆକ୍ରମଣରେ ଚାଷୀ ମୃତ

**ଦେବଗଡ଼, ୧୧।୧୦(ସମିସ):** ଲଇମୁରା ଥାନା ଅଧୀନ ଖୋଲଡିହ ଗାଁରେ ଶନିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଖୋଲଡିହ ଗାଁର ଚାଷୀ ଶୋଭାରାମ ରୋହିଦାସ (୪୧) ଆଜି ସନ୍ଧ୍ୟାରେ ନିଜ ଧାନ ବିଲରେ କରିଥିବା ମଞ୍ଚା ନିକଟକୁ ଯାଉଥିବା ସମୟରେ ଉକ୍ତ ଅଞ୍ଚଳରେ ବୁଲୁଥିବା ୧୭ ଟିକିଆ ହାତୀ ପଲ ହାବୁଡରେ ପଡ଼ିଯାଇଥିଲେ। ମଞ୍ଚା ନିକଟରେ ଶୋଭାରାମଙ୍କୁ ହାତୀ ପଲରୁ ଗୋଟିଏ ହାତୀ ଆକ୍ରମଣ କରିଥିଲା। ଏହା ଦେଖି ଗ୍ରାମବାସୀ ନିଆଁ ହୁଳା ଦେଖାଇ ହାତୀ ପଲଙ୍କୁ ଘଉଡାଇବା ସହ ଶୋଭାରାମଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ଅଞ୍ଚଳରେ ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ବିଲରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼, ୧୧।୧୦(ସମିସ):** ଦେବଗଡ଼ ପୌରାଞ୍ଚଳ ଅଧୀନ ପତ୍ରାପାଲି ସାହିର ନିଖୋଜ ଯୁବକର ମୃତଦେହ



ଶନିବାର ଧାନ ବିଲରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ପତ୍ରାପାଲି ସାହିର ଅଜିତ କେରକେଟା (୩୬)। ଗତ ୨ ତାରିଖରୁ ଘରୁ ନିଖୋଜ ଥିବା ବେଳେ ପରିବାର ଲୋକେ ଏ ସମ୍ପର୍କରେ ଦେବଗଡ଼ ଥାନାରେ ଗତ ୪ ତାରିଖ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଦେବଗଡ଼ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## 'ଶିକ୍ଷକଙ୍କ ସହ ଚା' ଶୀର୍ଷକ ଆଲୋଚନାଚକ୍ର

**ଇବଥର୍ମାଲ, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଶିକ୍ଷା ବ୍ଲକ ଅଧୀନ ମନୋଜ ପାଢ଼ୀ ହାଇସ୍କୁଲ ସରଣ୍ଡାମାଲ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆଙ୍କ



ମାର୍ଗଦର୍ଶନରେ 'ଶିକ୍ଷକଙ୍କ ସହ ଚା' ଶୀର୍ଷକ ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବନ୍ଧବାହାଲ, ଫଟା ଏବଂ ପିପିଲିକାନି କ୍ଲଷ୍ଟରର ୧୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଖନପୁର ରାଜେନ୍ଦ୍ର ପ୍ରସାଦ ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପାଠ୍ୟ ଯୋଜନା ପ୍ରସ୍ତୁତି କରିବା, ଶିକ୍ଷଣ ଉପକରଣ ପ୍ରସ୍ତୁତି କରିବା ଏବଂ ସର୍ବୋପରି ବିଦ୍ୟାଳୟ ପରିବେଶକୁ ନିଜ ଘର ଓ ଶିଶୁମାନଙ୍କୁ ନିଜ ପୁଅଝିଅ ମନେକରି ତାଙ୍କର ବିକାଶ ପାଇଁ କାମ କରିବାକୁ ଗଡ଼ତିଆ ଉପଦେଶ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ସମସ୍ୟା ବିଷୟରେ ଆଲୋଚନା କରି ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କ୍ଲଷ୍ଟର ସିଆରସିସି ଲଳିତ ପଧାନ, ବନ୍ଧବାହାଲ କ୍ଲଷ୍ଟର ସିଆରସିସି ତୀର୍ଥବାସୀ ପଧାନ, ପିପିଲିକାନି ସିଆରସିସି ରାଜେଶ ସା ଓ ମନୋଜ ପାଢ଼ୀ ପ୍ରମୁଖ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ କେଶବ ସା ଧନ୍ୟବାଦ ଅର୍ପଣ କରିଥôଲେ।

## ଯୁବକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର

**ଝାରସୁଗୁଡ଼ା, ୧୧।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ଏକ ଛୋଟିଆ ଗାଁ ପିପିଲିମାଲର ଜଣେ ଯୁବକଙ୍କ ପାଖକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଏକ ପ୍ରଶଂସା ପତ୍ର ତଥା ଧନ୍ୟବାଦ ପତ୍ର ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦୀ ୨୧ ବର୍ଷୀୟ ଯୁବକ ହୃଦାନନ୍ଦ ବଡ଼େଇଙ୍କୁ ତାଙ୍କର ଚିତ୍ରକଳା ପାଇଁ ପ୍ରସଂଶା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ଗତ ୨୭ ତାରିଖ ସେବା ପର୍ବ ଆନୁକୂଲ୍ୟରେ ଯୁବ ସମାବେଶରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଆସିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏକ ପେନସିଲ ଚିତ୍ରକଳା ତିଆରି କରି ହୃଦାନନ୍ଦ ଭିଡ ଭିତରେ ଛିଡା ହୋଇଥିଲେ। ପ୍ରଧାନମନ୍ତ୍ରୀ ଏହାକୁ ଦେଖିବା ପରେ ଚିତ୍ରଟିକୁ ମଗାଇଥିଲେ। ଏହାକୁ ନିଜ ସହିତ ନେବା ସହ ହୃଦାନନ୍ଦଙ୍କୁ ଏକ ଧନ୍ୟବାଦ ପତ୍ର ପଠାଇ ନିଜ କଳାକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଛନ୍ତି। ନିଖୁଣତାର ସହ ଚିତ୍ରଟି ତିଆରି କରିଥିବାରୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଚିଠି ଆସିବ ବୋଲି ସ୍ୱପ୍ନରେ ବି ଭାବି ନଥିବା ହୃଦାନନ୍ଦ ଏବଂ ତାଙ୍କ ପରିବାର ଲୋକଙ୍କ ମନରେ ବେଶ୍ ଆନନ୍ଦ ଉତ୍ସାହ ଭରି ଯାଇଛି।



## ଦୁର୍ଘଟଣାରେ କାର୍ ଚୁରମାର

**ଝାରସୁଗୁଡ଼ା, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ପିପିଲିମାଲରେ ଭୟଙ୍କର ଦୁର୍ଘଟଣାରେ ଏକ ପାଚେରିକୁ ଧକ୍କା ଦେଇ କାର୍ ଚୁରମାର ହୋଇଛି। ଏଥିରେ ଜଣେ ଗୁରତର ଆହତ ହୋଇଥିବା ବେଳେ ଆଉ



ଜଣେ ସାମାନ୍ୟ ଆହତ ହୋଇଛନ୍ତି। ସେମାନେ କଦେଲପିଟାର ଯତୀନ ପ୍ରଧାନ ଏବଂ ଛୋଟୁ ଖଡିଆ ବୋଲି ସୂଚନା ମିଳିଛି। ଉଭୟଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଛି। ଶନିବାର ସକାଳେ କଦେଲପିଟା ପଟୁ ଏହି କାରଟି ପିପିଲିମାଲ ପଟକୁ ଯାଉଥିବା ବେଳେ ଦ୍ରୁତଗତି ଯୋଗୁଁ ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୪୦ରୁ ୫୦ ଫୁଟ ଦୂରରେ ଥିବା ଏକ ପାଚେରିକୁ ଧକ୍କା ଦେଇଥିଲା। ଫଳରେ କାନ୍ଥ ଭାଙ୍ଗି କାରଟି ଭିତରେ ପଶିଥିଲା। ଦୁର୍ଘଟଣାରେ କାରଟି ଚୁରମାର ହୋଇ ଯାଇଛି।

## ସବ୍ ଜୋନ୍‌ସ୍ତରୀୟ ଫୁଟବଲ ପ୍ରତିଯୋଗିତା

**ଝାରସୁଗୁଡ଼ା, ୧୧।୧୦ (ସମିସ):** ଛୁଆଲିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରମାନଙ୍କ ନାନୋନୟନ ଉଦ୍ଦେଶ୍ୟରେ ବେଲପାହାଡ ସବ୍ ଜୋନ୍‌ସ୍ତରୀୟ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମିର୍ଦ୍ଧାଡେରା ସନ୍‌ରାଇଜ୍ କ୍ଲବ୍‌ର ସଭାପତି ମନବୋଧ ଭଇଁସାଲ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ନରସିଂହ ଉଚ୍ଚ ବିଦ୍ୟାଳୟ ଛୁଆଲିବେର୍ଣ୍ଣା, ବିଆର୍. ଉଚ୍ଚ ବିଦ୍ୟାଳୟ ବେଲପାହାଡ ଓ ପିଏମ୍‌ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡ ଏହିଭଳି ୩ଟି ବିଦ୍ୟାଳୟର ମୋଟ ୪୫ ଜଣ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ଛାତ୍ର ଆସନ୍ତା ମଙ୍ଗଳବାର ପିପିଲିମାଲ ଠାରେ ଆୟୋଜିତ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜନ୍ମଜୟ ବାଦି, ମଙ୍ଗଳ ଡିଗି ଓ ଅରୁଣ ପାଢ଼ୀ ପ୍ରମୁଖ ରେଫରୀର ଦାୟିତ୍ୱ ତୁଲାଇଥିଲେ। କ୍ରୀଡ଼ା ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ, ଦେବେନ୍ଦ୍ର ବେହେରା ଓ ଲୋଚନ କାଣ୍ଡରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ବିଶ୍ୱ ଅଣ୍ଡା ଦିବସ

**ଝାରସୁଗୁଡ଼ା, ୧୧।୧୦(ସମିସ):** ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁକୁଡା ପାଳନ ଓ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ପ୍ରତି ଯତ୍ନବାନ ହେବା ଦ୍ୱାରା ଲୋକେ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସମୀର ରଞ୍ଜନ ଦାଶ ଉନ୍ନତ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ପୂର୍ବକ ଲେୟାର କୁକୁଡା ଫାର୍ମ ପ୍ରତି ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅଣ୍ଡାର ବ୍ୟବହାର ଓ ଅଣ୍ଡାରେ ଥିବା ଭିଟାମିନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୟସାଗର ଦୂରି, ଏମ୍‌ଏସ୍‌ଏମ୍‌ଇ ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ, ବୈଜ୍ଞାନିକ ଡାକ୍ତର ତାରକା ପଣ୍ଡା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଲେୟାର ଫାର୍ମ ତଥା ଅଣ୍ଡା ଖୋଳର ବ୍ୟବହାର ଓ ଗୁଣ୍ଡୁରି ପାଳନର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଚାଷୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବୟସ୍କ ନାଗରିକଙ୍କ ଦିବସ

**ଝାରସୁଗୁଡ଼ା, ୧୧।୧୦(ସମିସ):** ଜିଲ୍ଲାସ୍ତରୀୟ ବୟସ୍କ ନାଗରିକଙ୍କ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମାରୋହର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଆଲୋଚକ ସୀତାରାମ ବିର୍ତ୍ତିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଆଲୋକମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ, ଡ.ରାଧାରମଣ ବିର୍ତ୍ତିଆ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ପ୍ରଫେସର ଟହଲୁ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବୟସ୍କ ନାଗରିକମାନଙ୍କୁ ସମାଜର ସ୍ତମ୍ଭ ଭାବେ ଅଭିହିତ କରି ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ବରିଷ୍ଠ ନାଗରିକମାନଙ୍କ ପ୍ରତି ଯେକୌଣସି ଅନ୍ୟାୟ, ଅସୁବିଧାକୁ ପ୍ରତିହତ କରିବା ପାଇଁ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ହିନ୍ଦୁ ଆଇନ, ହିନ୍ଦୁ ଆଡପସନ ଓ ମେଣ୍ଟେନାନ୍ସ ଆଇନ ଓ ଘରୋଇ ହିଂସା ସମ୍ପର୍କିତ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କ୍ଷେତ୍ର ସ୍ତରରେ ବରିଷ୍ଠ ନାଗରିକମାନଙ୍କ ନିକଟରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବାକୁ ଧ୍ୟାନ ଦିଆ ଯାଉଥିବା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ବିର୍ତ୍ତିଆ ବର୍ତ୍ତମାନର ସମାଜରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ଉଦ୍‌ବେଗଜନକ ବୋଲି କହିଥିଲେ। ଡ.ବିର୍ତ୍ତିଆ ବୟସାଧିକ୍ୟ ଜନିତରୋଗ ତଥା ବିଭିନ୍ନ ଅସୁବିଧାର ସମାଧାନ ପାଇଁ ବରିଷ୍ଠ ନାଗରିକ ମାନେ ନିୟମିତ ଯୋଗାଭ୍ୟାସ, ସନ୍ତୁଳିତ ଖାଦ୍ୟ ଗ୍ରହଣ ସହିତ ନିଜର ଶାରୀରିକ ଓ ମାନସିକ ସୁସ୍ଥତା ପ୍ରତି ଯତ୍ନଶୀଳ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହାସହ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକଙ୍କ ପରିଚାଳନାରେ ଆଦିତ୍ୟ ବାଦୀ, ସୁସ୍ମିତା ଭୋଇ, ସଂଯୁକ୍ତା ମେହେର, ସୁରମା ବେସନ, ପ୍ରଜ୍ଞା ମିଶ୍ର, ଆରତିବାଇ ସାଂଘାଇ, ଅଙ୍କିତା ବେହେରା, ଶାନ୍ତିରଞ୍ଜନ ଦାସ, ଆଲିଶ ପଟେଲ, ରାଜେଶ ସେଠ ଓ ଧିରଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



### ଝାରସୁଗୁଡ଼ା ପୌରପରିଷଦ କାଉନସିଲ ବୈଠକ

# ପରିମଳ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ




**ଝାରସୁଗୁଡ଼ା, ୧୧।୧୦(ସମିସ)**

ଝାରସୁଗୁଡ଼ା ପୌର ପରିଷଦ ସଭା ଗୃହରେ ୧୫ ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି। ପୌରାଧକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନତିମୂଳକ ବିଷୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ୱାର୍ଡର ସଦସ୍ୟମାନେ ଉପସ୍ଥିତ ରହି ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ।୧୪ ରୁ ୮ ଟି ଏଲସିଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ବେଳେ ଚାର୍ଜର ଅଭାବରୁ ସମସ୍ତ ୧୪ ଟି ବିଓଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଘରକୁ ଘର ଯାଇ ଅଳିଆ ସଂଗ୍ରହ ପାଇଁ ୧୦ଟି ବିଓଭି ଗାଡ଼ି ଓ ୧୦ଟି ଏଲସିଭି ଗାଡ଼ି ଭଡ଼ା ସୂତ୍ରରେ ନିୟୋଜିତ କରିବା ପାଇଁ ଗତ ଅଗଷ୍ଟ ୮ ତାରିଖରେ ହୋଇଥିବା ୧୪ତମ କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏନେଇ ଜିଲ୍ଲା ପ୍ରଶାସନର ଅନୁମତି ନ ମିଳିବାରୁ ଆଜି ପର୍ଯ୍ୟନ୍ତ ଟେଣ୍ଡର ହୋଇ ପାରିନଥିବା ଯୋଗୁଁ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ ସମସ୍ତ କାଉନସିଲର। ବୈଠକରେ ଉପନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ, ବିଭିନ୍ନ ୱାର୍ଡ ର କାଉନସିଲ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଇଏଏସ ପ୍ରବେଶନର ପ୍ରଜ୍ଞାନନ୍ଦନ ଗିରି ପ୍ରମୁଖଙ୍କ ସହ ମୁଖ୍ୟଯନ୍ତ୍ରୀ ସିମାଞ୍ଚଳ ଦାସ, କନିଷ୍ଠ କିରାଣୀ ସୁବ୍ରତ ସରାଫ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ




**ଝାରସୁଗୁଡ଼ା, ୧୧।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲମଟିବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ଶନିବାର ରାମପୁର କୋଲିୟାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ୮ଟି ବିଦ୍ୟାଳୟର ୧୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇଟାଭଟାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃତାର୍ଥ ସେଠ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନି ଉତ୍ସବରେ ରାଜକିଶୋର ଜେନା ସମ୍ମାନିତ ଅତିଥି ଭାବେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ରାମପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସୁଜିତ ପ୍ରଧାନ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲମଟିବାହାଲ କ୍ଲଷ୍ଟରର ସିଆରସିସି ଦେବଦତ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଝାରବନ୍ଧରେ ପୋଷଣ ମାସ କାର୍ଯ୍ୟକ୍ରମ

ଝାରବନ୍ଧ, ୧୧।୧୦(ସମିସ): ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଝାରବନ୍ଧ ଦ୍ୱାରା ପଞ୍ଚାୟତ ସମିତି ଝାରବନ୍ଧ ସଭାଗୃହ ଠାରେ ସିଡିପିଓ ସୁଷମା ପଟେଲଙ୍କ ଅଧ୍ୟକ୍ଷତାରେ ପୋଷଣ ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏବିଇଓ ବିସିକେଶନ ଶତପଥି, ସୁପରଭାଇଜର ତିଲୋତ୍ତମା ଦାଶ, ସୂର୍ଯ୍ୟ ବରିହା, ପାର୍ବତୀ ତାଣ୍ଡି, ପ୍ରମିଳା ମୁନା, ଜାହ୍ନବୀ ମେହେର, ହୀରାବତୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହିତ ମାଆ ଓ ଶିଶୁ, କିଶୋରୀଙ୍କ ସୁଷମ ଖାଦ୍ୟ, ପ୍ରତିମାସ ଓଜନ ବିଷୟ, ପୁରୁଷ ମାନେ ପରିବାରରେ ସ୍ତ୍ରୀ, ଶିଶୁଙ୍କ ସମାନ ଯତ୍ନ ନେବା, ସ୍ତ୍ରୀ ମାନଙ୍କୁ ଘର କାମରେ ତଥା ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରିବେ, ଏକ ହଜାର ଦିନର ମହତ୍ତ୍ୱ, ଶିଶୁ ଓ କିଶୋରୀ ମାନଙ୍କ ଆଇରନ ଟାବଲେଟ ସେବନ, ରକ୍ତହୀନତା ଦୂରୀକରଣ ଆଦି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୋଷଣ ବିସି ନିମାଇଁ ଚରଣ ସାହୁ, ମମତା ପିଏ ବିଦ୍ୟୁତପ୍ରଭା ପାଣିଗ୍ରାହୀ ଏବଂ ମୋହନ ବନଛୋର ସାମିଲ ଥିବା ବେଳେ ଶିକ୍ଷୟିତ୍ରୀ, ସ୍କୁଲ ଛାତ୍ରୀ ବିଭିନ୍ନ ଗାଁରୁ ମହିଳା ଏବଂ ଶିଶୁ, କିଶୋରୀ ବାଳିକା ଯୋଗ ଦେଇଥିଲେ। ଏହି ଅବସରରେ ପୋଷଣ ଖାଦ୍ୟ ଷ୍ଟଲ ପ୍ରଦର୍ଶନୀ ହେବା ସହିତ କୁଇଜ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାକାର ଘନଶ୍ୟାମ ନାଗ, ଚକ୍ରପାଣି ସେଠ ଏବଂ ତାରାକାନ୍ତ ଛତର ପୋଷଣ ବିଷୟରେ ଲୋକ ଗୀତ ମାଧ୍ୟମରେ ସଞ୍ଚାର ପରିବେଷଣ କରିଥିଲେ।



## ବରାହଗୋଡ଼ା ସରପଞ୍ଚଙ୍କ ଇସ୍ତଫା

# 'ମୋ ଜୀବନ ପ୍ରତି ବିପଦ, ଅଟୋ ଚଳାଇ ପରିବାର ପୋଷିବି'

ବରଗଡ଼, ୧୧।୧୦(ସମିସ)



ବରଗଡ଼ ସଦର ବ୍ଲକ ଉପକଣ୍ଠ ବରାହଗୋଡା ସରପଞ୍ଚ ଶରତ କୁମ୍ଭାରଙ୍କ ଇସ୍ତଫାକୁ ନେଇ ବରଗଡ଼ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି। ଜଣେ ଅଟୋ ଚାଳକରୁ ୱାର୍ଡ ମେମ୍ବର, ନାଏବ ସରପଞ୍ଚ ହୋଇଥିଲେ। ସରପଞ୍ଚଙ୍କ ଅକାଳ ବିୟୋଗ ପରେ ବରାହଗୋଡା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ହେଲେ ୨ ବର୍ଷ ସରପଞ୍ଚ ହେବା ପରେ ଏବେ ହଠାତ୍ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କୁ ନିଜ ଇସ୍ତଫାପତ୍ର ଦେଇ ଶରତ ପୁଣି ଅଟୋ ଚଳାଉଥିବା ଦେଖିବାକୁ ମିଳିଛି। ରାଜନୈତିକ ଚାପ ପଡୁଥିବାରୁ ସରପଞ୍ଚ ପଦବୀରୁ ଇସ୍ତଫା ଦେଇଥିବା ସେ ଜଣାଇଛନ୍ତି। ସରପଞ୍ଚଙ୍କ ଅଜାଣତରେ କାର୍ଯ୍ୟ କରାଯାଉଛି, କୌଣସି କାର୍ଯ୍ୟକୁ ବିରୋଧ କଲେ ଧମକ ଚମକ ଦିଆଯାଉଥିବା ପ୍ରତିକ୍ରିୟା ରଖିଛନ୍ତି। ବାପା, ମା, ସ୍ତ୍ରୀ ଓ ଦୁଇ ପୁଅଙ୍କୁ ନେଇ ଶରତଙ୍କ ପରିବାର। ଗତ ନିର୍ବାଚନ ସମୟରେ ଶରତଙ୍କ ଆମ୍ବସଡ଼ା ଗାଁର ତାଙ୍କ ପଡ଼ାବାସୀଙ୍କ ଅନୁରୋଧ କ୍ରମେ ୱାର୍ଡ ମେମ୍ବର ପଦବୀରେ ଠିଆ ହୋଇ ବିଜୟୀ ହୋଇଥିଲେ। ପରେ ନାଏବ ସରପଞ୍ଚ ପଦବୀରେ ମଧ୍ୟ ନିର୍ବାଚିତ ହୋଇଥିଲେ। ହେଲେ ସରପଞ୍ଚଙ୍କ ଅକାଳ ବିୟୋଗ ପରେ ଶରତ ସରପଞ୍ଚ ଦାୟିତ୍ୱରେ ରହି ନିଜର କାର୍ଯ୍ୟ ତୁଲାଇ ଆସୁଥିଲେ। ମାତ୍ର ତାଙ୍କ କହିବାନୁଯାୟୀ ବର୍ତ୍ତମାନ ରାଜନୈତିକ ଚାପ ଅଧିକ ପଡୁଛି। ଏପରିକି ତାଙ୍କର ଜୀବନ ପ୍ରତି ବିପଦ ଅଛି। ଏ ସବୁ ବିଷୟରେ ପରିବାର ଲୋକେ ଜାଣିବା ପରେ ତୁରନ୍ତ ଇସ୍ତଫା ଦେବାକୁ କହିଥିଲେ। ଆଜି ଉପ ଜିଲ୍ଲାପାଳ ତଥା ସରପଞ୍ଚ ସଂଘ ସଭାପତିଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ ଛାତ୍ର ବିଭାନ ପଟ୍ଟନାୟକ ସମ୍ମାନିତ



ବରଗଡ଼, ୧୧।୧୦(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ ପଞ୍ଚମ ଶ୍ରେଣୀର ଛାତ୍ର ବିଭାନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ବିଭାନ ସିବିଏସ୍‌ଇ ଜାତୀୟ ସନ୍ତରଣ ପ୍ରତିଯୋଗିତା ୨୦୨୫-୨୬ରେ ଅଣ୍ଡର ୧୧ ପୁରୁଷ ୫୦ ମିଟର ଫ୍ରି ଷ୍ଟାଇଲ୍ ବିଭାଗରେ ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ ତରଫରୁ ପ୍ରତିଯୋଗୀ ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ହରିୟାଣାର ଏମ୍‌ଡି ୟୁନିଭର୍ସିଟି, ରୋହତକର ୟୁନିଭର୍ସିଟି କ୍ୟାମ୍ପସରେ ଆୟୋଜିତ ହୋଇଥିଲା। ସମଗ୍ର ଭାରତ ସହିତ ସାଉଦି ଆରବ, ଦୁବାଇ ଏବଂ ଓମାନରୁ ପ୍ରାୟ ୩୩୦ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବିଭାନ ପଟ୍ଟନାୟକ ୩୪.୩୮ ସେକେଣ୍ଡରେ ତାଙ୍କର ପ୍ରଦର୍ଶନ ସମାପ୍ତ କରି ଜାତୀୟ ସ୍ତରରେ ନବମ ସ୍ଥାନ ଅଧିକାର କରିଛନ୍ତି।

ଗତ ଜୁଲାଇ ୨୦ ତାରିଖରେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଫାର୍ ଇଷ୍ଟ ଜୋନ୍ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ମଣିପୁର, ଆସାମ ଆଦି ରାଜ୍ୟରୁ ପ୍ରାୟ ୯୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଭାନ ଅଣ୍ଡର ୧୧ ଫ୍ରି ଷ୍ଟାଇଲ୍ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ଜାତୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ପାରା ଅଲମ୍ପିକ ମାପର ସ୍ୱିମିଂ ପୁଲ୍ ରହିଛି। ଏହି ପୁଲରେ ସ୍କୁଲର ପିଇଟି ହେଡ୍ ସୁସ୍ମିତ ଖାନ୍ରା ବିଭାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରଶିକ୍ଷିତ କରିଥିଲେ। ବିଭାନଙ୍କ ପିତାମାତା ମନୋଜ ଓ ରୋଶନୀ ପଟ୍ଟନାୟକ ବିଭାନଙ୍କ ସଫଳତା ପାଇଁ ଅନେକ ଶ୍ରମ କରିଥିଲେ। ସ୍କୁଲ ଅଧ୍ୟକ୍ଷ ସୁମନ ସାୱଡିଆ ବିଭାନଙ୍କ ସଫଳତାକୁ ସମଗ୍ର ବରଗଡ଼ ଜିଲ୍ଲାର ଗର୍ବର ବୋଲି କହିଛନ୍ତି। ବରଗଡ଼ ଜିଲ୍ଲାରୁ ପ୍ରଥମଥର ପାଇଁ କୌଣସି ଛାତ୍ର ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପ୍ରଧାନଶିକ୍ଷକ କରନ ସାହୁ ସକାଳ ପ୍ରାର୍ଥନା ସଭାରେ ବିଭାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ସିଦ୍ଧାର୍ଥ ସାୱଡିଆ, ପରିଚାଳନା ସମିତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ବିଭାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ନୃସିଂହନାଥ ଆୟୁର୍ବେଦ କଲେଜରେ ବିଶ୍ୱ ମାନସିକ ସଚେତନତା ଦିବସ

ପାଇକମାଲ, ୧୧।୧୦(ସମିସ): ବରଗଡ଼ ଜିଲ୍ଲା ନୃସିଂହନାଥ ଆୟୁର୍ବେଦ କଲେଜ ପରିସରରେ ବିଶ୍ୱ ମାନସିକ ସଚେତନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଏଡିଜେ ତଥା ତାଲୁକ ଆଇନ ସେବା କମିଟି ଚେୟାରମ୍ୟାନ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ପଦ୍ମପୁର ଏସଡିଜିଏମ ଧ୍ରୁବ ସୋଲାଙ୍କି, କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରଫେସର ନାଇଡୁ ଜଗନ୍ନାଥ, ପରିଚାଳନା କମିଟି ସମ୍ପାଦକ ମନୋଜ ତ୍ରିବେଦୀ ଯୋଗ ଦେଇଥିଲେ। ଶରୀର ଓ ମନକୁ ଅତିଶୟ ଚାପଗ୍ରସ୍ତ ନକରି ଉଭୟ ମନ ଓ ଶରୀରକୁ ମଝିରେ ମଝିରେ ବିରତି ଦେଇ କାମ କଲେ ସୁସ୍ଥ ଜୀବନ ବଞ୍ଚି ପାରିବ ବୋଲି ଅତିଥି ମାନେ ଦିଗଦର୍ଶନ ଦେଇଥିଲେ। ଶେଷରେ ଡାକ୍ତର ନିହାରରଞ୍ଜନ ମହନ୍ତ ଧନ୍ୟବାଦ ଦେଇଥିଲେ।

# ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ଫଳାଫଳ ଘୋଷିତ

## ● ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ କୃତୀଙ୍କୁ ପୁରସ୍କାର

ବରଗଡ଼, ୧୧।୧୦(ସମିସ): ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକର ଫଳାଫଳ ଘୋଷିତ ହୋଇଯାଇଛି। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ନଭେମ୍ବର ୨୦ ତାରିଖରୁ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ ପାଠାଗାର ପକ୍ଷରୁ ପୁରସ୍କୃତ କରାଯିବ। ପ୍ରତିଯୋଗିତାର ସଫଳ ପ୍ରତଯୋଗୀ ମାନେ ହେଲେ ଜୁନିଅର ବିଭାଗ ବକ୍ତୃତା ପ୍ରତିଯୋଗିତାରେ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରୀ ସୁପ୍ରୀତି ଭୋଇ ପ୍ରଥମ, ସେହି ସ୍କୁଲର ଛାତ୍ରୀ ପ୍ରତୀକ୍ଷା ଦାଶ ଦ୍ୱିତୀୟ ଓ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବରଗଡ଼ର ଛାତ୍ରୀ ଆସ୍ଥା ଅନ୍ୱେଷା ମଙ୍ଗୁଆଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ବିଭାଗର ବକ୍ତୃତା ପ୍ରତିଯୋଗିତାରେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଅବିନାଶ ନାଗ ପ୍ରଥମ, କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀ ଜିଜ୍ଞାସା ଜ୍ୟୋତିର୍ମୟୀ ମହାପାତ୍ର ଦ୍ୱିତୀୟ ଓ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ମୃଣାଳ ମୁଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ପକ୍ଷରେ ସବଜୁନିଅର ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବରଗଡ଼ର ଛାତ୍ରୀ ଶିବ୍ୟାନ୍ସି ବେହେରା ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଜେପୁରର ଛାତ୍ର ଶାଶ୍ୱତ ବାରିକ ଦ୍ୱିତୀୟ, ଏଇଏମ୍ ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରୀ ପ୍ରିୟାରାଣୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ବେଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଅର୍ଣ୍ଣବ୍ ଠାକୁର ପ୍ରଥମ, ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରୀ ମିନି ପ୍ରଧାନ ଦ୍ୱିତୀୟ ଓ ବେଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଶିବାଂସ୍ ଭୋଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର୍ ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାରେ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରୀ ଅନ୍ୱେଷା ବାଗ ପ୍ରଥମ, କ୍ରିଷ୍ଣା ବିକାଶ ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରୀ ଅନନ୍ୟା ସା ଦ୍ୱିତୀୟ ଓ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ର ଶ୍ରୀଶାନ୍ତ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଜୁନିୟର ବିଭାଗରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀ ଅଂଶିକା ଦାଶ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରର ଛାତ୍ରୀ ଆଦ୍ୟାଶା ବାରିକ ଦ୍ୱିତୀୟ, ରେନବୋ ପବ୍ଲିକ ସ୍କୁଲର ଛାତ୍ର ଲକ୍ଷ୍ମୀ ପ୍ରସନ୍ନ ଟେକୁରି ତୃତୀୟ ହୋଇଥିବା ବେଳେ ସିନିଅର ବିଭାଗରେ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାଶ୍ରୀ ଦାଶ ପ୍ରଥମ, ବିକାଶ ଆଇନ ସ୍କୁଲର ଛାତ୍ର ଆକାଶ ପଟ୍ଟନାୟକ ଦ୍ୱିତୀୟ ଓ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଆଶିଷ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।


ଅନ୍ୟ ପକ୍ଷରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଜୁନିୟର ବିଭାଗରେ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀ ସୃଷ୍ଟି ପ୍ରଜ୍ଞା ପଣ୍ଡା ପ୍ରଥମ, ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରୀ ସଂସ୍କୃତି ଜେନ ଦ୍ୱିତୀୟ ଓ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀ ଅଭିପସା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାର ସିନିୟର ବିଭାଗରେ ଟ୍ରଷ୍ଟ ଫଣ୍ଡ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଜୟନ୍ତ ସାହୁ ପ୍ରଥମ, ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁରର ଛାତ୍ରୀ କଲ୍ୟାଣୀ ସାହୁ ଦ୍ୱିତୀୟ ଓ ବିକାଶ ଆଇନ ସ୍କୁଲର ଛାତ୍ର ଦେବାଶିଷ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ନଭେମ୍ବର ୨୦ ପୁସ୍ତକମେଳାର ଉଦ୍‌ଘାଟନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ପ୍ରକାଶ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ବରଗଡ଼, ୧୧।୧୦(ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ବରଗଡ଼ ଠାରେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଦ୍ୱାରା ଗତ ଅକ୍ଟୋବର ୧୦ ତାରିଖ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜିତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସମ୍ପାଦକ ବିଭୁତି ଭୂଷଣ ନାୟକ ଛାତ୍ରୀ ମାନଙ୍କୁ ଉତ୍ତମ ମାନସିକ ସ୍ୱାସ୍ଥ୍ୟର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ଜିଲ୍ଲା ଆଇନ ସହାୟତା ସୁରକ୍ଷା ପରାମର୍ଶଦାତା ଅପ୍ରମିତ ମିଶ୍ର ଏବଂ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ପ୍ୟାନେଲ ଓକିଲ ବିମଳ ଦାଶ ଛାତ୍ରୀ ମାନଙ୍କୁ ମାନସିକ ରୋଗର ଉପଚାର ବିଷୟରେ କହିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅନେକ ଛାତ୍ରୀ, କର୍ମଚାରୀ ଓ ଅଧ୍ୟାପିକା ଚୂଳମୁକ୍ତା ପ୍ରଧାନ, ସୁଶ୍ରୀ ଅଙ୍କିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ଅର୍ପିତା ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

# ମହୁଲପାଲିରେ ଗଜଲକ୍ଷ୍ମୀ ପୂଜା



ପଦ୍ମପୁର, ୧୧।୧୦(ସମିସ): ପଦ୍ମପୁର ନିକଟସ୍ଥ ମହୁଲପାଲିରେ ୨୪ ତମ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ପୁରାଣପାଠ, ଆଳତୀ, ପୁଷ୍ପାଞ୍ଜଳି ବିଧି ପୂର୍ବକ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଜା କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ବୀରେନ୍ଦ୍ର ସାହୁ, ଉପସଭାପତି ରାଜ ବେହେରା, କୋଷାଧ୍ୟକ୍ଷ ମାଧବ ସାହୁ ସମ୍ପାଦକ ବିଭୀଷଣ ସାହୁ, ଉପସମ୍ପାଦକ ଦୟାନିଧି ସାହୁ, ଉପ କୋଷାଧ୍ୟକ୍ଷ ଜନ୍ମେଞ୍ଜୟ ବାରିକ, ଉପଦେଷ୍ଟା ତୋଷବନ୍ତ ସାହୁ, ହରିଶ୍ଚନ୍ଦ୍ର ଧରୁଆ, ବଲ୍ଲଭ ସାହୁ, କବିରାଜ ବେହେରା ସଦସ୍ୟ ଗଣ ସହଯୋଗ କରିଥିଲେ।

# ଯୁଗ୍ମ ନିର୍ଦ୍ଦେଶକଙ୍କ ମାଣ୍ଡିଆ ଚାଷ କ୍ଷେତ୍ର ପରିଦର୍ଶନ

ପଦ୍ମପୁର, ୧୧।୧୦(ସମିସ): ପଦ୍ମପୁର ବ୍ଲକରେ ତ୍ରିରଙ୍ଗା ଯୁବକ ସଂଘ ଦ୍ୱାରା ପରିଚାଳିତ ଶ୍ରୀ ଅନ୍ନ ଅଭିଯାନରେ ମାଣ୍ଡିଆ ଚାଷ କୁ ପରିଦର୍ଶନ କଲେ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବାବୁଲି ଚରଣ ସେଠି ଏବଂ ବରଗଡ଼ ଜିଲ୍ଲା ପ୍ରକଳ୍ପ ଅଫିସର ଶ୍ରୀ ଅନ୍ନ ଅଭିଯାନ ଯୋଜନା ଅଧିକାରୀ ଅଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ପଣ୍ଡା, ବ୍ଲକ କୃଷି ଅଧିକାରୀ ଝୁମି ମେହେର, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ପୁଷ୍ପରାଜ ସାହୁ, ତ୍ରିରଙ୍ଗା ଯୁବକ ସଂଘର ସଭାପତି ହୃଦାନନ୍ଦ ନାୟକ, ବ୍ଲକ ସଂଯୋଜକ ତରଣୀସେନ ଦ୍ୱାରି, ଅତିରିକ୍ତ ବ୍ଲକ ସଂଯୋଜକ ପପୁ ବେହେରା, ହିସାବରକ୍ଷକ ରାଜୀବ ହର୍ପାଲ, ଉଜଚ ବଳରାମ ସାହୁ, ଏବଂ ଚାଷୀଙ୍କ ଉପସ୍ଥିତରେ ମାଣ୍ଡିଆ ଚାଷ ପରିଦର୍ଶନ କରି ମାଣ୍ଡିଆ ଚାଷ ଉପରେ ଆଲୋକପାତ କରିଥିଲେ।

# ଟାଙ୍ଗୁରୁପଦରରେ କରମସାନି ମହୋତ୍ସବ

ବିଜେପୁର, ୧୧।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଟାଙ୍ଗୁରୁପଦର ଠାରେ ବ୍ଲକ ସ୍ତରୀୟ କରମସାନି ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଭକ୍ତ ବୃନ୍ଦ କରମା ଡାଳକୁ ଶୋଭାଯାତ୍ରାରେ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ନୀତି ନିଷ୍ଠାର ସହିତ ମାଆଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସନତ ଗଡ଼ତିଆ, ସମାଜସେବୀ ସୁରେଶ୍ୱର ଶତପଥି, ଲାଉମୁଣ୍ଡା ଡାକ୍ତର ଅଶ୍ୱିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଉତ୍ସବରେ ଶହେ ଜଣ କରମସାନି କଳାକାର ମାନଙ୍କୁ ସୁର ଝଙ୍କାର ସାଂସ୍କୃତିକ ଅନୁଷ୍ଠାନ ଟାଙ୍ଗୁରୁପଦର ପକ୍ଷରୁ ଜମିଦାର ତୁଳସୀ ପ୍ରସାଦ ଗଡ଼ତିଆ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ନାଟ୍ୟଶ୍ରୀ ଦେବରାଜ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଗଣେଶ, ଗୁରୁଦେବ, ସୁକ୍ରୁ, ଦେବରାଜ ଡାନସନାଖ, ସୁରେଶଙ୍କ ସମେତ ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନବା ସାହୁଙ୍କ ପରଲୋକ

ବିଜେପୁର, ୧୧।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ସଦର ଗାଁର ବ୍ୟବସାୟୀ ନବା ସାହୁଙ୍କ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ଦୁଇ ପୁଅ ବୁନୁ ସାହୁ, ଚିନ୍ମୟ ସାହୁ, ଦୁଇ ପୁତ୍ରବଧୂ, ଝିଅ ଜ୍ୱାଇଁ ସମେତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବିଜେପୁର ବିଧାୟକ ସନତ ଗଡ଼ତିଆ, ରେଡିଏନ୍ସ ଶିକ୍ଷାନୁଷ୍ଠାନ ଚେୟାରମେନ ଅଜିତ ମେହେର, ବଣିକ ସଂଘର କର୍ମକର୍ତ୍ତା ତଥା ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ହୋଇ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଉନ୍ନତି କରଣର ଭିତ୍ତିପ୍ରସ୍ତର

ବରଗଡ଼, ୧୧।୧୦(ସମିସ): ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍ ଉନ୍ନତି କରଣ ସକାଶେ ବରଗଡ଼ ବିଧାୟକ ଶନିବାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ରଙ୍କ ପୌରୋହିତ୍ୟ ଓ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଭିତ୍ତିପ୍ରସ୍ତର ସ୍ଥାପନ ସହ ଷ୍ଟାଡିୟମର ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଆଗାମୀ କିଛି ମାସ ମଧ୍ୟରେ ହାଇ ମାଷ୍ଟ ଲାଇଟ୍ ଲାଗିବା ସହ ଜମୂର୍ଡ଼ା ଖେଳପଡ଼ିଆର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଷ୍ଟାଡିୟମ୍ ତୋରା ମୌଜା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ମଧ୍ୟ ଘୋଷଣା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, କ୍ରୀଡା ସମ୍ପାଦକ ହରଦିପ ସିଂ, ଫାଓ ଉପ ସଭାପତି ରବି ପଣ୍ଡା, ଫୁଟବଲ ସମ୍ପାଦକ ସେକ ସବଦର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟ୍‌ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ, ଦିଲୀପ ସାୱଡିଆ, ଆଜୀବନ ସଦସ୍ୟ ରାଜ ବିଶି, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅରୁଣ ପାଣ୍ଡେ, ଅନୁକ୍ଷଣ ଯନ୍ତ୍ରୀ ଶତୃଘ୍ନ କାଲୋ, କନିଷ୍ଠ ଯନ୍ତ୍ରୀ ସପନ ଜେନା, କାର୍ଯ୍ୟଗ୍ରାହୀ ଅନିଲ ହୋତା, ଅନ୍ତର୍ଯ୍ୟାମୀ ପରିଡ଼ା, ପ୍ରାକ୍ତନ ଖେଳାଳି ପ୍ରଦୀପ ନନ୍ଦ, ଜ୍ଞାନରଞ୍ଜନ ପୂଜାରୀ, ପ୍ରତାପ ଦାଶ, ବାବଲୁ ଦାଶ, ପ୍ରଶାନ୍ତ ଜେନା, ବିକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ ଉନ୍ନତି କରଣ ପାଇଁ ରାଜ୍ୟ ସରକାର ୨ କୋଟି ଅନୁଦାନ ଦେବାକୁ ଘୋଷଣା କରିଥିଲେ। ଷ୍ଟାଡିୟମର ଉନ୍ନତି କରଣ ପାଇଁ ୧କୋଟି ୪ ଲକ୍ଷ ୨୮ ହଜାର ଟଙ୍କା ଓ ହାଇମାଷ୍ଟ ଲାଇଟ୍ ଲଗାଇବାକୁ ୨ କୋଟି ୫ ଲକ୍ଷ ୭୨ ହଜାର ୩ ଶହ ଟଙ୍କା ଅନୁଦାନ ରାଜ୍ୟ ସରକାର ଯୋଗାଇ ଦେଇଥିବା ଘୋଷଣା କରିଥିଲେ। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ଆଜି ବିଧାୟକ ସ୍ଥାପନ କରିଛନ୍ତି। ବିଧାୟକ ଶ୍ରୀ ଷଡଙ୍ଗୀଙ୍କୁ ଜିଲ୍ଲା କ୍ରୀଡା ସଂସଦର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# କ୍ଲଷ୍ଟରସ୍ତରୀୟ 'ସୁରଭି' ମହୋତ୍ସବ





ଗାଇସିଲେଟ, ୧୧।୧୦(ସମିସ)

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନସ୍ଥ ସନ୍ଧିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧିବାହାଲ କ୍ଲଷ୍ଟର ଅଧୀନସ୍ଥ ଜାମୁଟବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡପାଲି ପ୍ରାଥମିକ ବିଦ୍ୟାଳୟ, ବାଞ୍ଛାନଗର ପ୍ରାଥମିକ ବିଦ୍ୟାଳୟ ପିୟୁପିଏସ, ବଡ ଡୁଙ୍ଗୁରିପାଲି ପିୟୁପିଏସ, ଡଙ୍ଗାବାହାଲ ପିୟୁପିଏସ, ଜାମମାଲ ବେହେରାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ, କଂସଡୋଲ ସେବାଶ୍ରମ ପିୟୁପିଏସ, ସନ୍ଧିବାହାଲର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ସ୍ୱପ୍ନା ସରାଫ, ରୋଶନ ପାତ୍ର ଆର୍ଯ୍ୟା, ଆକସ୍ମିତା ପାତ୍ର, ତୃପ୍ତି ଅଧାନ, ଧରିତ୍ରୀ ସାହୁ, ରୁଦ୍ର ଭୋଇ ପ୍ରମୁଖ ବ୍ଲକସ୍ତରୀୟ ସୁରଭି ମହୋତ୍ସବରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ସନ୍ଧିବାହାଲ ସିଆରସିସି ଲିଙ୍ଗରାଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀ ମୁଖ୍ୟ ଅତିଥି ଭାବେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଧର ବାରିକ, କଳାମଣୀ ଧାରୁଆ, ଜବାହର ଭୋଇ, ସନ୍ତୋଷିନୀ ସାହୁ, ସୁଶୀଳ ଭୋଇ, ଆଲ୍‌ହାଦିନୀ ଭୁଏ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରହଲ୍ଲାଦ ମିଶ୍ର, ଫିରୋଜ ବରିହା, ରାକେଶ ପୁରୋହିତ, ସୁନେମିଆନ ଛତ୍ରିଆ, ତାପସ ତ୍ରିନାଥ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ● ଗାଇସୀମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

ବରଗଡ଼: ବରଗଡ଼ ବ୍ଲକ ଅଧୀନ ଗାଇସୀମା ପଞ୍ଚାୟତ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସିଆରସିସି ସୁଦର୍ଶନ ଲୁହାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗାଇସୀମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଶଙ୍କର ଦାଶଙ୍କ ସଭାପତିତ୍ୱରେ ପ୍ରାରମ୍ଭିକ ସଭା ଏବଂ ଶିଶୁମାନଙ୍କର ବିଭିନ୍ନ ପ୍ରତିଯୋଗିତା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଞ୍ଜନ ତନସନା ସମ୍ମାନିତ ଅତିଥି ଗାଇସୀମା ସରପଞ୍ଚ ଧିରନ ମହାପାତ୍ର ସହ ପ୍ରଧାନଶିକ୍ଷକ ମୋହନ ସାହୁ, ପ୍ରଦୀପ ସାହୁ, ସ୍କୁଲ ଚେୟାରମ୍ୟାନ ସରୋଜ ସାହୁ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ଛାତ୍ରଛାତ୍ରୀ ସହ କ୍ଲଷ୍ଟରର ବିଭିନ୍ନ ଗାଁର ବହୁ ଅଭିଭାବକ ଅଭିଭାବିକା ଏବଂ ଗାଁବାସୀ ଉପସ୍ଥିତ ଥିଲେ।

## ● ଚେରଙ୍ଗାଝାଞ୍ଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ପାଇକମାଳ: ପାଇକମାଳ ବ୍ଲକ ମାଣ୍ଡୋସିଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚେରଙ୍ଗାଝାଞ୍ଜି ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଉଗ୍ରସେନ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ରାଧେଶ୍ୟାମ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦାନନ୍ଦ ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଶିୟା ବିବି ଓ ଅନୁପମା ନାଥ ଶର୍ମା ଓ ମଳୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କ୍ଲଷ୍ଟରର ପ୍ରତ୍ୟେକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ସ୍ତରରେ ଯେଉଁ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଥିଲେ ସେମାନେ ସୁରଭି ମହୋତ୍ସବରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସହଦେବ ମାଝୀ, ନିତ୍ୟାନନ୍ଦ ସୁନା, ପ୍ରଫୁଲ୍ଲ ବେହେରା, ମାଧବ ପୁରୋହିତ, ହରିକୃଷ୍ଣ ତନସନା ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସହଦେବ ଦାଉ, ଭକ୍ତ ବେହେରା, ତିଲୋତ୍ତମା ନାଗ, ସବନମ ସାମଲ, ରୁତୁବାଲା ତ୍ରିପାଠୀ, ଝରଣା ଦାସ, ଲିପ୍ସା ସାହୁ, ରିଙ୍କି ମେହେର, ପଦ୍ମିନୀ ଭୂଏ, ପଦ୍ମାବତୀ ବିଶ୍ୱାଲ, ପଦ୍ମାବତୀ ବରିହା, ସୁରମା ପ୍ରଧାନ, ପ୍ରିୟଙ୍କା ପଟେଲ, ଇନ୍ଦ୍ର ନାଏକ ଏବଂ ପ୍ରଫୁଲ୍ଲ ମେହେର ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଥିବା ଛାତ୍ରଛାତ୍ରୀ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଯିବେ ବୋଲି ସୂଚନା ରହିଛି।

ନୂଆପଡ଼ା ଉପନିର୍ବାଚନ

# ଜୟଙ୍କ ବିଜେପିରେ ଯୋଗଦାନକୁ ନୂଆପଡ଼ାରେ ବିରୋଧ

**ନୂଆପଡ଼ା, ୧୧।୧୦(ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂଆପଡ଼ାରେ ନଭେମ୍ବର ୧୧ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ଉପନିର୍ବାଚନ ତାରିଖ ଘୋଷଣା ପରେ ସମସ୍ତ ରାଜନୈତିକ ଦଳରେ ପ୍ରାର୍ଥୀତ୍ୱକୁ ନେଇ ଚର୍ଚ୍ଚା ଯୋର ଲୋକଙ୍କ ସମର୍ଥନର ସ୍ୱର ଶୁଣାଯାଉଥିବା ବେଳେ ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ବିରୋଧର ସ୍ୱର ମଜବୁତ ହୋଇଛି। ସୂଚନାଯୋଗ୍ୟ ଯେ ସକାଳ ତରଫରୁ ଆମେ ବିଭିନ୍ନ ସମୟରେ ଜୟଙ୍କ ବିଜେପିରେ ଯୋଗଦାନ କରିବାର ସମ୍ଭାବନା ରହିଥିବା ଗଣିତକୁ ସ୍ପଷ୍ଟ କରିସାରିଥିଲୁ। ତଥାପି ବିଜେପିରେ ଦୀର୍ଘ ଦଶ ବର୍ଷ ଧରି ଅନ୍ତଃକଳହ ଲାଗିରହିଥିବା ବେଳେ ଅମିତ ସାହଙ୍କ ସହ ଦେଖା ହୋଇଥିଲା। ସେଠାରୁ ଶନିବାର ସକାଳେ ଭୁବନେଶ୍ୱର ପାର୍ଟି କାର୍ଯ୍ୟାଳୟକୁ ଆସିଥିଲେ। ସେଠାରୁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତିଙ୍କୁ ଭେଟିଥିଲେ। ପରେ ଅପରାହ୍ନ ସାଢେ ୩ଟାବେଳେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପିର ଦଳୀୟ ଟୋପି ପିନ୍ଧିଥିଲେ। ଏହି ଖବର ପ୍ରଚାରିତ ହେବାପରେ ଖରିଆରରୋଡରେ ସ୍ଥିତିରେ ଆମେ ନିର୍ବାଚନ ଲଢ଼ିବୁ। ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ଆମେ ପରିଚାଳିତ ବୋଲି କହିଥିଲେ।





ଧରିଥିବା ବେଳେ ଶନିବାର ଦିନ ସ୍ୱର୍ଗତ ବିଧାୟକ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ବିଧିବଦ୍ଧ ଭାବେ ଯୋଗଦାନ କରିବା ପରେ ସବୁ ଗଣିତ ଓଲଟପାଲଟ ହୋଇଯାଇଛି। ଜୟଙ୍କ ବିଜେପିରେ ଯୋଗଦେବା ଏକ ପ୍ରକାର କମ୍ପନ ସୃଷ୍ଟି ହୋଇଥିବା ବେଳେ ବିଜେଡିରେ ମଧ୍ୟ ବହୁ ନବାଗତଙ୍କ ଧାଡି ଆରମ୍ଭ ହୋଇଯାଇଛି। ଏହାକୁ ନେଇ ଖରିଆରରୋଡରେ ପରାଜୟ ଭୟରେ ବିଜେପି ଜୟଙ୍କ ଉପରେ ନଜର ରଖିଥିବା ଚର୍ଚ୍ଚା କ୍ଷେତ୍ରରେ ସତ ବାହାରିଲା। ଆଜିକୁ ଚାରି/ପାଞ୍ଚ ଦିନ ହେବ ଜୟଙ୍କ ଦିଲ୍ଲୀ ଗସ୍ତ ଉପରେ ସମସ୍ତଙ୍କ ନଜର ରହିଥିଲା। ଶନିବାର ନାଟକୀୟ ଢଙ୍ଗରେ ତାଙ୍କର ଯୋଗଦାନ ପରେ ସମସ୍ତ ଗଣିତ ଓଲଟ ପାଲଟ ହୋଇପଡ଼ିଛି। ଦୁଇ ଦିନ ତଳେ କୁଆଡେ ଦିଲ୍ଲୀରେ ଜୟ ବିଜେପିର ଆଗଧାଡିର ନେତା ତାଙ୍କର ସମର୍ଥକମାନଙ୍କର ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। ଜୟଙ୍କ ବିଜେପିରେ ଯୋଗଦାନକୁ ବିଭିନ୍ନ ସ୍ଥାନରେ ବିଜେପି ତରଫରୁ ବିରୋଧ କରାଯାଉଥିବା ଦେଖାଯାଇଛି। ଏସମ୍ପର୍କରେ ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀଙ୍କୁ ପଚାରିବାରୁ ଜୟଙ୍କ ଦଳ ଛାଡିବା ଦଳ ପାଇଁ କୌଣସି କ୍ଷତିନାହିଁ। ଦଳର ସ୍ଥିତି ବରାବର ରହିଛି। ମଜବୁତ

## ବିଜେଡିରେ ଆଶାୟୀଙ୍କ ଲମ୍ବା ଲାଇନ

ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ କୋଲକିଆଙ୍କ ବିଜେପିରେ ଯୋଗଦାନ ପରେ ବିଜେଡିରେ ବିଧାୟକ ପ୍ରାର୍ଥୀ ପାଇଁ ଲମ୍ବା ଲାଇନ ଲାଗିଛି। ଏହି ଲମ୍ବା ତାଲିକାରେ ନୂଆପଡ଼ା ଏନ୍ଏସି ଅଧ୍ୟକ୍ଷ ମହମ୍ମଦ ଆଦମ ଖାନଙ୍କ ନାମ ତାଲିକାରେ ପ୍ରଥମ ରହିଥିବା ବେଳେ ବିଜେଡିର ରାଜ୍ୟ ସମ୍ପାଦକ ରାଜେଶ କୁମାର ନିଗମ, ଜିଲ୍ଲା ଓକିଲ ସଂଘ ସଭାପତି ସିତୁ ବୋଧନକର, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ଏବର ସଭାପତି ଅବନୀ ରଞ୍ଜନ ଯୋଷୀ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଧନୀରାମ ସାହୁ ଚର୍ଚ୍ଚାରେ ରହିଛନ୍ତି। ଏହିଭଳି ଦଳରୁ କିଛି ଦିନ ଧରି ବାହାରେ ରହିଥିବା ଜିଲ୍ଲାପରିଷଦ ସଭ୍ୟ ତଥା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝୀ ମଧ୍ୟ ଆଶାୟୀ ତାଲିକାରେ ରହିଛନ୍ତି।

# ମହୁଲପଟଣା ଘାଟିରାସ୍ତା ଶୋଚନୀୟ

ପ୍ରହସନ ପାଲଟିଛି ପ୍ରତିଶ୍ରୁତି

**ଜୟପାଟଣା, ୧୧।୧୦(ସମିସ):** ମହୁଲପଟଣା ଘାଟି ଅତି ଶୋଚନୀୟ ହୋଇପଡ଼ିଛି ଫଳରେ ଯାତାୟାତ କରୁଥିବା ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ରାସ୍ତା ନିର୍ମାଣ ପାଇଁ ଅନେକ ଥର ଦାବି ହେଉଥିଲେ ମଧ୍ୟ କେବଳ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତିରେ ରହିଯାଇଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡା ଉପର ଇନ୍ଦ୍ରାବତୀ ପ୍ରକଳ୍ପ ମହୁଲପଟଣାଘାଟି ଲଘୁଚାପଜନିତ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଦୈନିକ ଶହ ଶହ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତା ଦୀର୍ଘ ବର୍ଷ ହେଲା ଆବଶ୍ୟକୀୟ ମରାମତି ହୋଇନାହିଁ। ଏ ନେଇ ବିଗତ ଦିନରେ ସ୍ଥାନୀୟ ଜନସାଧାରଣ ପ୍ରକଳ୍ପ ଅଧିକାରୀ, କଳାହାଣ୍ଡି ଜିଲ୍ଲାପାଳ ଓ ଥୁଆମୂଳରାମପୁର ବିଡ଼ିଓଙ୍କୁ ଦାବି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ରେ ସୀମିତ ରହିଯାଇଛି। ଅନେକ ଥର ଅଭିଯୋଗ ହେଲାପରେ ମଧ୍ୟ ସାମାନ୍ୟ ମରାମତି କାର୍ଯ୍ୟ ମଧ୍ୟ କରୁନାହାନ୍ତି ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀ। ଘାଟିରାସ୍ତା ଅନେକ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି କରିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇଯାଇଛି। ଏହି ରାସ୍ତା ଦେଇ ଥୁଆମୂଳରାମପୁର ବ୍ଲକ, ଜୟପାଟଣା ବ୍ଲକ ତଥା ନବରଙ୍ଗପୁର ଜିଲ୍ଲାର ଅନେକ ଯିବା ଆସିବା କରନ୍ତି। ପ୍ରକଳ୍ପ ଓ ଇନ୍ଦ୍ରାବତୀ ଡ୍ୟାମ୍ ଦେଖିବା ପାଇଁ ମଧ୍ୟ ବର୍ଷସାରା ଏହି ଅଞ୍ଚଳରେ ଭିଡ଼ ଦେଖିବାକୁ ମିଳିଥାଏ। କୋଟି କୋଟି ରାଜସ୍ୱ ଦେଉଥିବା ପ୍ରକଳ୍ପ ଅଞ୍ଚଳରେ ସାଧାରଣ ରାସ୍ତା ଏଭଳି ସ୍ଥିତିକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ପ୍ରକଳ୍ପ ଅଧିକାରୀଙ୍କ ଅଞ୍ଚଳପ୍ରତି ଉଦାସୀନତା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି।



## ଡାକ୍ତରଙ୍କୁ ଦୁର୍ବ୍ୟବହାର କରି ଏବିଇଓ ଗିରଫ

**ଖପ୍ରାଖୋଲ, ୧୧।୯ (ସମିସ):** ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସୁରଜ ଦୀପଙ୍କୁ ବାଘମୁଣ୍ଡ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମଙ୍କ ସ୍ୱାମୀ ରଘୁନାଥ ମହରା ଗାଳି ଗୁଲଜ ସହ ଆକ୍ରମଣ କରିବା ମହଙ୍ଗା ପଡ଼ିଛି। ଏହି ଅଭିଯୋଗରେ ଶନିବାର ଲରମ୍ଭା ପୁଲିସ ତାଙ୍କୁ ଗିରଫ କରିଛି। ଗତ ୮ ତାରିଖ ମେଡିକାଲ ଅଫିସର ଡାକ୍ତର ଦୀପ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିରୀକ୍ଷଣ ପାଇଁ ଯାଇଥିଲେ। ସେଠାରେ ଅବସ୍ଥାପିତ ଏଏନଏମ କଳ୍ପନା ମହରା କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କୁ ତାଗିଦ କରିଥିଲେ। ଏହା ପରେ ସମ୍ପୃକ୍ତ ଏଏନଏମ ତାଙ୍କ ସ୍ୱାମୀ ବେଲପଡ଼ାରେ କାର୍ଯ୍ୟରତ ବ୍ଲକ ସହ ଶିକ୍ଷା ଅଧିକାରୀ ରଘୁନାଥ ମହାରଙ୍କୁ ଫୋନ କରିଥିଲେ। ଡାକ୍ତର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ରଘୁନାଥ ପହଞ୍ଚି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ଲରମ୍ଭା ଥାନାରେ ଡାକ୍ତର ଲିଖିତ ଅଭିଯୋଗ କରିଥିଲେ। ଏନେଇ ଲରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ କରି ଅଭିଯୁକ୍ତ ଏଏନଏମଙ୍କ ସ୍ୱାମୀ ବେଲପଡ଼ା ଏବିଇଓ ରଘୁନାଥ ମହାରଙ୍କୁ ପୁଲିସ ଗିରଫ କରିଥିବା ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବ ସୂଚନା ଦେଇଛନ୍ତି।

## ନାଳରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଲାଞ୍ଜିଗଡ଼, ୧୧।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳରେ ହତ୍ୟା, ଆତ୍ମହତ୍ୟା, ଓ ଗୁଣିଗାରେଡି ହତ୍ୟା ଦିନ ପ୍ରତିଦିନ ବୃଦ୍ଧି ପାଉଛି। ଅନେକ ସଚେତନତା ପରେ ମଧ୍ୟ ସଚେତନ ହେଉ ନାହାନ୍ତି ଲୋକେ। ମିଳିଥିବା ସୂଚନା ଅନୁସାରେ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଟକଲାସୁର ଗାଁ ନିକଟରେ ବହି ଯାଉଥିବା ଏକ ନାଳରେ ଜଣେ ୫୪ବର୍ଷୀୟା ବୃଦ୍ଧଙ୍କ ମୃତ ଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ବିଶ୍ୱନାଥପୁର ପୁଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା। ସୂଚନା ଅନୁସାରେ ଡଙ୍ଗରିଗାଁର କାଳିଆ ହରିଜନ ନାମକ ଜଣେ ବ୍ୟକ୍ତି ଶୁକ୍ରବାର ସକାଳ ୭ଘଣ୍ଟା ସମୟରୁ ଘରୁ କାମରେ ବାହାରି ଥିଲା। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ପହଞ୍ଚିନଥିଲା। ଘରଲୋକେ ଅନେକ ଖୋଜାଖୋଜି ପରେ ମଧ୍ୟ ପତ୍ତା ମିଳିନଥିଲା। ଶନିବାର ସକାଳୁ ଟକଲାସୁର ନାଳରେ ମୃତଦେହ ଭାସୁଥିବାର ଦେଖି ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ଆସି ମୃତ ଦେହ ନାଳରେ ଭାସିଥିବା ଦେଖି ବିଶ୍ୱନାଥପୁର ପୁଲିସକୁ ଖବର ଦେଇଥିଲେ। ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀ ରାମଙ୍କ ନେତୃତ୍ୱରେ ଏକ ଟିମ୍ ଆସି ଶବ ଜବତ କରିବା ସହ କେସ ନଂ ୩/୨୫ରେ ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏପଟେ ମୃତକାଳିଆ ହରିଜନଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି କହିଥିବା ବେଳେ ଏହାର ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସତ୍ୟା ସତ୍ୟ ସାମ୍ନାକୁ ଆସିବ ବୋଲି ବିଶ୍ୱନାଥପୁର ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ମନମୁଣ୍ଡା, ୧୧।୧୦(ସମିସ):** ମନମୁଣ୍ଡା ଏବଂ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ବିଡିଏମ ଉଦିତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମାନସିକ ବିକାରଗ୍ରସ୍ତ ଲୋକଙ୍କୁ କେମିତି ଚିହ୍ନଟ କରାଯାଇ ପାରିବ, ସାଧାରଣଲୋକ ସେମାନଙ୍କୁ କିପରି ବ୍ୟବହାର ପ୍ରଦର୍ଶନ କରିବେ, ମୁଖ୍ୟସ୍ରୋତକୁ କିପରି ସେମାନଙ୍କୁ ଫେରାଇ ଅଣାଯାଇପାରିବ, ସେନେଇ କ'ଣ ପନ୍ଥା ଅବଲମ୍ବନ କରାଯିବ ପିଏଚଇଓ ସୁଦର୍ଶନ ପ୍ରଧାନ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଅର୍ଚ୍ଚନା କୁମାରୀ ଦାସ ମହାପାତ୍ର, ଡାକ୍ତର ବେଲାରାଣି ପ୍ରିୟଦର୍ଶିନୀ ସେଠୀ ପ୍ରମୁଖ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ସେହିପରି ରୋଗାକ୍ରାନ୍ତ ଲୋକଙ୍କ ଡାକ୍ତରୀ ଚିକିତ୍ସା ଆବଶ୍ୟକ ଥିଲେ ଡାକ୍ତରଖାନାକୁ ପଠାଇବାକୁ କିମ୍ବା ଖବର ଦେବାକୁ ମଧ୍ୟ କୁହାଯାଇ ସଚେତନତା କରାଯାଇଥିଲା। ଶେଷରେ ଏସଟିଏସ ରମାନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଡାକ୍ତର ଜଗଦୀଶ ସେଠୀ, ଏଲଏଚବି ସନ୍ତୋସିନୀ ସାହୁ, ଏମପିଏଚଡବ୍ଲୁ ମାନସୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

■ ଆଟିଗାଁ-ତେଲ ନଦୀ ସେତୁ ରାସ୍ତା ମରଣଯନ୍ତା

# କାର୍ଯ୍ୟାନୁଷ୍ଠାନ ଦାବି କଲେ ସ୍ଥାନୀୟ ବାସିନ୍ଦା

**ଭବାନୀପାଟଣା, ୧୧।୧୦ (ସମିସ):** ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକକୁ ସଂଯୋଗ କରୁଥିବା ଆଟିଗାଁ-ତେଲ ନଦୀ ସେତୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୩୦ ଫୁଟ ଚଉଡ଼ା ଓ ୧.୫ କିଲୋମିଟର ଲମ୍ବା ରାସ୍ତା କାଦୁଅ ଭରି, ଗାତ ଓ ଜଳବନ୍ଦୀରେ ବିକଳ ହୋଇପଡ଼ିଛି। ସ୍କୁଲ ବସ୍, ଆମ୍ବୁଲାନ୍ସ ଏବଂ ଦୁଇଚକିଆଯାନ ପାଇଁ ପ୍ରତିଦିନ ଯାତ୍ରା ବିପଦପୂର୍ଣ୍ଣ ହେଉଛି। ସ୍ଥାନୀୟମାନଙ୍କ କହିବା ଅନୁସାରେ, ବର୍ଷକୁ ବର୍ଷ ଅଭିଯୋଗ ହେଲେ ମଧ୍ୟ ପ୍ରଶାସନ ମରାମତି କାମ କରିନାହିଁ।ଫଳରେ ହଜାର ହଜାର ଚାଷୀ, ଛାତ୍ର ଓ ରୋଗୀ ସୁରକ୍ଷିତ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସମାଜସେବୀ ଡ଼କ୍ଟର ଲୋକେଶ ଦୁର୍ଗା ପରିସ୍ଥିତିକୁ ଜରୁରୀ ଜନସୁରକ୍ଷା ବିଷୟ ବୋଲି ବର୍ଣ୍ଣନା କରି କହିଛନ୍ତି। ତେଲ ନଦୀ ସେତୁ କେବଳ ଏକ ରାସ୍ତା ନୁହେଁ ଦୁଇଟି ବ୍ଲକର ଜୀବନ ସଂଯୋଗ। ଆମ୍ବୁଲାନ୍ସ ଫସିଯାଇଥିବା ବେଳେ ଓ ପିଲାମାନେ କାଦୁଅ-ଗର୍ତ୍ତ ଭିତରୁ ଯିବାକୁ ବାଧ୍ୟ ହେବାକୁ, ଏହା ମାନବିକ ଅଧିକାର ଓ ଶାସନୀୟ ଦାୟିତ୍ୱର ପ୍ରଶ୍ନ ହୁଏ। ସ୍ଥାନୀୟଅନ୍ୟମାନେ ସତର୍କ କରିଛନ୍ତି ଯେ, ଯଦି ପ୍ରଶାସନ ବିଳମ୍ବ କରେ, ତେବେ ଗ୍ରାମବାସୀ ବିକଳ୍ପ ବ୍ୟବସ୍ଥାକୁ ଆହ୍ୱାନ କରି, ଓଭରଲୋଡ୍ ଯାନଚଳାଚଳକୁ ରୋକି, ରାସ୍ତାକୁ ଆହୁରି କ୍ଷତିରୁ ବଞ୍ଚାଇବେ। ଆଟିଗାଁର ଅନ୍ୟ ଜଣେ ବାସିନ୍ଦା ଶାସକପକ୍ଷକୁ କଠୋର ସମାଲୋଚନା କରି ଶାସକ ସରକାର ପୂର୍ଣ୍ଣ ଦାୟୀ ବୋଲି କହିଛନ୍ତି। ବିଧାୟକ ଓ ସାଂସଦ, ଆମର ଭୋଟରେ ବିଜୟୀ ହେଲେ ମଧ୍ୟ କୌଣସି ତୁରନ୍ତ ପଦକ୍ଷେପ ନେଇନାହାଁନ୍ତି। ସେମାନେ ଜନବିକାଶ ପାଇଁ ଶପଥ ନିଅନ୍ତି, କିନ୍ତୁ ଏହି ରାସ୍ତା ସୁଧାରରେ ବିଳମ୍ବ ଅକ୍ଷମ୍ୟ। ସ୍ଥାନୀୟ ଲୋକମାନେ ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର ଓ କଳାହାଣ୍ଡି ଜିଲ୍ଲା ପ୍ରଶାସନକୁ ତୁରନ୍ତ ସ୍ଥାନ ପରିଦର୍ଶନ କରି, ଆବଶ୍ୟକ ମରାମତି କାମ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି।



# ୬ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**ଧର୍ମଗଡ଼, ୧୧।୧୦(ସମିସ):** ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ସଂଘ ସଭାପତି ହିମାଂଶୁ ଶେଖର ମୁଣ୍ଡ, ସମ୍ପାଦକ ସୁନୀଲ କୁମାର ପାତ୍ର, ଅବସର କର୍ମଚାରୀ ସଂଘ ସଭାପତି କବିରାଜ ଦୁର୍ଗା, ସମ୍ପାଦକ ରାଜେନ୍ଦ୍ର କୁମାର ଭୋଇ, ବିଭାଗୀୟ ଅଧିକାରୀ ମନୋଜ କୁମାର ଠାକୁର, ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଯଶୋଦା ଅନାଥ ଆଶ୍ରମ ପରିଚାଳକ ଶ୍ୟାମ ସୁନ୍ଦର ଜାଲ, ନିତ୍ୟାନନ୍ଦ ପାତ୍ର, କାଳିଆ ଗୁଞ୍ଜନ ପାତ୍ର, ଧନେଶ୍ୱର ଗୋପାଳ, ପ୍ରତାପ କିଶୋର ଆଚାର୍ଯ୍ୟ, ଦୟାନିଧି ଜାଲଙ୍କୁ ବରିଷ୍ଠ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି ଓ କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ପଞ୍ଚାୟତ ବିଭାଜନ ନ କରିବା ପାଇଁ ୫ ଖଣ୍ଡ ଗ୍ରାମବାସୀଙ୍କ ବୈଠକ

**ଥୁଆମୂଳରାମପୁର, ୧୧।୧୦ (ସମିସ):** ରାଜ୍ୟରେ ପଞ୍ଚାୟତ ପୁନର୍ଗଠନ ଯୋଜନା ଉପରେ ସରକାର ପଦକ୍ଷେପ ନେଇଥିବା ବେଳେ ନୂଆ ପଞ୍ଚାୟତ ବଢ଼ିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଘୋଷଣା କରିଥିବା ବେଳେ ଏହାକୁ ନେଇ ଏବେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମନରେ ଅନେକ ଭାବନା ଦେଖାଦେଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭାଜନ ହେବାର ସନ୍ଦେହ ନେଇ ଏଠାକାର ପଞ୍ଚାୟତବାସୀ ଶନିବାର ଖମାରପଦର ଗ୍ରାମର ବଲେନ୍ ଭଟ୍ଟା ଠାରେ ବୈଠକ ଆୟୋଜିତ କରି ଆଲୋଚନା କରିଛନ୍ତି।ବୈଠକରେ ୫ ଖଣ୍ଡ ଗାଁର ପୁରୁଷ ଓ ମହିଳା ଉପସ୍ଥିତ ରହି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଳଚନା କରିଥିଲେ। ଗୋପାଳପୁର ପଞ୍ଚାୟତକୁ ଯଦି ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ବିଭାଜନ କରାଯାଏ ତାହେଲେ ବଡଧରଣର ଆନ୍ଦୋଳନ ସହ ଭୋଟ ବର୍ଜନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ଆମକୁ ନୂଆ ପଞ୍ଚାୟତ ଦରକାର ନାହିଁ ଆମେ ବର୍ଷ ବର୍ଷ ଧରି ଗୋପାଳପୁର ପଞ୍ଚାୟତ ରହିଛୁ ଏଣୁ ଆମେ ପଞ୍ଚାୟତର ସବୁପ୍ରକାର ସୁବିଧା ସୁଯୋଗ ପାଇପାରୁଛୁ। ଏଣୁ ଆମେ କେବେବି ଏହି ପଞ୍ଚାୟତରୁ ଅଲଗା ହୋଇ ନୂଆ ପଞ୍ଚାୟତରେ ସାମିଲ୍ ହେବା ପାଇଁ ଆମର ଇଚ୍ଛା ନାହିଁ ବୋଲି ବୈଠକରେ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ଯଦି ଆଗାମୀ ଦିନରେ ନୂଆ ପଞ୍ଚାୟତ ଗଠନ ପାଇଁ ବିଜ୍ଞପ୍ତି ଜାରି କରାଯାଏ ତେବେ ପୋଖରୀ ଗୁଡା, ସର୍ଗିଗୁଡା ଓ କୁମଯୋର ଏହି ୩ଟି ଗାଁର ଯେକୌଣସି ସ୍ଥାନରେ ପଞ୍ଚାୟତ ହେବାର ନିଷ୍ପତ୍ତି ନିଆଯାଏ ତାହେଲେ ଏଥିରେ ୫ ଖଣ୍ଡ ଗାଁ ସାମିଲ୍ ହେବ ନାହିଁ ବୋଲି ବୈଠକରେ ଲୋକେ ନିଷ୍ପତ୍ତି ନେଇଛନ୍ତି। ଯାହାକି ତୁକୁଗୁଡା, ତୁନାପାରୀ, ଗୁଞ୍ଜିଗୁଡା, ଲହରାଯୋର, ଖମାରପଦର, ଗ୍ରାମବାସୀ ନୂଆ ପଞ୍ଚାୟତରେ ସାମିଲ୍ ହେବେ ନାହିଁ। ଏ ସମ୍ପର୍କରେ ବ୍ଲକ ପ୍ରଶାସନ, ଜିଲ୍ଲାପାଳ, ସାଂସଦ, ବିଧାୟକ ପାଖରେ ଅଭିଯୋଗ କରାଯିବ ବୋଲି ଶନିବାର ଆୟୋଜିତ ବୈଠକରେ ଉପସ୍ଥିତ ଗ୍ରାମବାସୀ କହିଛନ୍ତି।ଗୋପାଳପୁର ପଞ୍ଚାୟତକୁ ବିଭାଜନ କରାନଯାଉ ବୋଲି ବୈଠକରେ ଉପସ୍ଥିତ ଲୋକଙ୍କ ଦାବି ହୋଇଥିଲା।



## ଆର୍ଏସ୍ପି ଦ୍ୱାରା ସ୍ୱଚ୍ଛତା ନିମନ୍ତେ ସ୍ୱତନ୍ତ୍ର ଅଭିଯାନ

**ରାଉରକେଲା, ୧୧।୧୦(ସମିସ):** ସେଲ୍ଫ, ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି)ର ସ୍ୱତନ୍ତ୍ର ଅଭିଯାନ ୫.୦ ଆଧାରରେ ସ୍ୱଚ୍ଛତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରୁଛି। ଏହି ଅଭିଯାନର ଏକ ଅଂଶ ସ୍ୱରୂପ, ଆର୍ଏସ୍ପିର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅକ୍ଟୋବର ୬ ତାରିଖରେ ସେକ୍ଟର-୩ ବସ୍ଷ୍ଟାଣ୍ଡ ଅଞ୍ଚଳରେ ସଫେଇ କରାଯାଇଥିଲା। ଏହି ଅଭିଯାନରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବିଜୟ କୁମାର ଜୋଜୋ ନେତୃତ୍ୱ ନେଇଥିଲେ। ସହର ଇଞ୍ଜିନିୟରିଂ ସିଭିଲ ବିଭାଗର ଜିଏମ୍ ଇନ୍ଚାର୍ଜ ଏସ୍. ନାୟକ ଏବଂ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍ଓ ଡକ୍ଟର ଦୀପା ଲାଭାଙ୍ଗରେଙ୍କ ସମେତ କାରଖାନାର ବହୁ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଚାରୋଟି ସ୍ୱଚ୍ଛତା ସ୍ୱାଭିମାନ ଦଳର ପ୍ରାୟ ୮୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀମାନେ ଉକ୍ତ ଅଞ୍ଚଳରେ ସଫେଇ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ଶୂନ୍ୟ ପ୍ଲାଷ୍ଟିକ୍ ପ୍ରଦୂଷଣ ଉପରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମକୁ ସହର ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ଏହି ସ୍ୱତନ୍ତ୍ର ଅଭିଯାନ ୫.୦ ର ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଛି।

## ୩୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ଉପକୃତ



**ରାଉରକେଲା, ୧୧।୧୦ (ସମିସ):** ରାଉରକେଲା ଇସ୍ପାତ କାରଖାନାର କୋକ୍ ଓଭେନ ଅଞ୍ଚଳରେ କାର୍ଯ୍ୟରତ ୩୦୦ ଜଣରୁ ଅଧିକ ଠିକା ଶ୍ରମିକ କୋକ୍ ଓଭେନ ବ୍ୟାଟେରୀ-୬ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରୁ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଏଚଆର ଠିକା ଶ୍ରମିକ ସେଲ ଦ୍ୱାରା କର୍ମଚାରୀ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲ ଓ ଆଇଜିଏଚ (ଓଏଚଏସସି) ର ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଇଏସଆଇସି ଏବଂ ଓଏଚଏସସିର ଡାକ୍ତର ଓ ଟେକନିସିଆନମାନେ ଠିକା ଶ୍ରମିକଙ୍କର ସ୍ୱାସ୍ଥ୍ୟପରୀକ୍ଷା ସମ୍ପନ୍ନ କରିଥିଲେ। ଆରଏସ୍ପି ସିଓ ଏବଂ ସିସି ବିଭାଗର ସିଜିଏମ୍ ରାକେଶ ଯୋଶୀ, ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ, ଏଚ୍ଆର-ପ୍ରୋଜେକ୍ଟ ଓ ସିଏଲସି ବିଭାଗର ଜିଏମ୍ ଜି.ଆର ଦାସ ଏବଂ କୋକ ଓଭେନ ବିଭାଗର ଜିଏମ କେ ଶ୍ରୀନିବାସୁଲୁ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିବା ସହିତ ଡାକ୍ତର ଓ ଠିକା ଶ୍ରମିକଙ୍କ ସହ ମତବିନିମୟ ମଧ୍ୟ କରିଥିଲେ। ଏହି ଅବସରରେ କାର୍ମିକ ଠିକା ଶ୍ରମିକ ସେଲର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର ଉକ୍ତ ସ୍ୱାସ୍ଥ୍ୟ ଶିବିର ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଠିକାଶ୍ରମିକମାନଙ୍କର ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ୍ ଗ୍ରୁପିଂ, ହେପାଟିଟିସ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ଶିବିରରେ ଚିହ୍ନଟ ରୋଗୀଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ତଥା ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ସେମାନଙ୍କୁ ସଚେତନ କରାଯାଇଥିଲା। ମାନବ ସମ୍ବଳ ସିଏଲସି ବିଭାଗ ଦ୍ୱାରା କୋକ ଓଭେନ ବିଭାଗୀୟ ଦଳର ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ସୁଖ ଆସିଥିଲା ଭଗାରୀ ହୋଇ' ମଞ୍ଚସ୍ଥ

**ବୌଦ୍ଧ, ୧୧।୧୦(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ସାହୁ ଗଳିରେ ମା ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ନାଟକ 'ସୁଖ ଆସିଥିଲା ଭଗାରୀ ହୋଇ' ମଞ୍ଚସ୍ଥ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ତେଲିବନ୍ଧ ସରପଞ୍ଚ ରତ୍ନାକର ନାଏକ, ତେଲିବନ୍ଧ ସେବା ସମବାୟ ସମିତିର ସଭାପତି ତ୍ରିପୁର ମହାକୁଡ଼, ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ପଲସ୍ତି ମେହେର ସଭାପତିତ୍ୱ କରିଥିଲେ। ବିଜୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଝରିଆ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ପାତ୍ର ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ନାଟକର ବିଭିନ୍ନ ଭୂମିକାରେ ଝରିଆ ମେହେର, ପଲସ୍ତି ମେହେର, ଗୁରୁ ମେହେର, ଗୌତମ ମେହେର, ହରି ଶଙ୍କର ମେହେର, ମଧୁସୂଦନ ମେହେର, ମୁନା ମେହେର, ସୁନୀଲ ମେହେର, ସୁରୁବାବୁ ମେହେର, ଟଙ୍କଧର ମେହେର, ବଣ୍ଡକି ମେହେର, ଗୌତମ ମେହେର, ଚେରୁ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଚେରୁ ମେହେର, ଟିକୁନ ମେହେର, ସୁନୀଲ ମେହେର, ସୁରେଶ ମେହେର, ପିଣ୍ଟୁ ମେହେର, ରଞ୍ଜିତ ମେହେର, , ସୁଦନ ମେହେର ପ୍ରମୁଖ ସହଯୋଗ ଓ ଅଭିନୟ କରିଥିଲେ। ଜଗନ୍ନାଥ ସାହୁ ଓ ରବୀନ୍ଦ୍ର ମେହେର ନାଟକ ପରିଚାଳନା କରିଥିଲେ।



# ଇନ୍ଦିରା ଗାନ୍ଧୀ ପାର୍କ ଓ ଚିଡ଼ିଆଖାନାରେ 'ବନ୍ୟପ୍ରାଣୀ ସପ୍ତାହ' ଉଦ୍‌ଯାପିତ

**ରାଉରକେଲା, ୧୧।୧୦(ସମିସ)**

ସେଲ୍ଫ ରାଉରକେଲା ଇସ୍ପାତ କାରଖାନାର ଇନ୍ଦିରା ଗାନ୍ଧୀ ପାର୍କ ଚିଡିଆଖାନାରେ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ବନ୍ୟପ୍ରାଣୀ ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଉଦ୍‌ଯାପନୀ ସମାରୋହରେ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବିକେ ଜୋଜୋ ଏବଂ ଡ. ଅଭିଜିତ ବିଶ୍ୱାସ ମଞ୍ଚାସୀନ ଥିଲେ। ଉତ୍ସବରେ କାରଖାନାର ଅନେକ ବରିଷ୍ଠ ଅଧିକାରୀ, ପରିବେଶ ପ୍ରେମୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ବନ୍ୟପ୍ରାଣୀଙ୍କୁ ବୁଝିବା, ପ୍ରଭାବଶାଳୀ ସଂରକ୍ଷଣ ଅଭ୍ୟାସ ଗ୍ରହଣ କରିବା ଏବଂ ବିଲୁପ୍ତପ୍ରାୟ ପ୍ରଜାତିକୁ ସୁରକ୍ଷା ଦେବାରେ ଚିଡ଼ିଆଖାନାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଜୋଜୋ ଯୁବପିଢ଼ିକୁ ବନ୍ୟପ୍ରାଣୀ ସଂରକ୍ଷଣ ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ପରିବେଶ ପ୍ରତି ଗଭୀର ଦାୟିତ୍ୱବୋଧ ବିକଶିତ କରିବାକୁ ଉତ୍ସାହିତ କରିଥିଲେ। ଏହି ସପ୍ତାହ ପାଳନ ପାଇଁ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଶ୍ରୀ ମିଶ୍ର ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ, ଉଦ୍ୟାନ ବିଭାଗ ଦ୍ୱାରା ସଚେତନତା ଅଭିଯାନ, ଛାତ୍ରଛାତ୍ରୀମାନଙ୍କ ପାଇଁ ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତା ଏବଂ ସପ୍ତାହ ମଧ୍ୟରେ ଚିଡିଆଖାନାର ମାର୍ଗଦର୍ଶିତ ପରିଦର୍ଶନ ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକଳାପଗୁଡ଼ିକ ଯୁବପିଢ଼ିଙ୍କୁ ଜଡ଼ିତ କରିବା ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସାମୂହିକ ପ୍ରୟାସକୁ ପ୍ରେରଣା ଦେବା ପାଇଁ ଡିଜାଇନ୍ କରାଯାଇଥିଲା। ଉଦ୍ୟାନକୃଷି ବିଭାଗର ଏଜିଏମ ତଥା କ୍ୟୁରେଟର ଏବଂ ଜୀବବିଜ୍ଞାନୀ ଡ. ସତ୍ୟ ନାରାୟଣ ମିଶ୍ର ସଂଯୋଜନା କରିଥିଲେ।





# ଦୀପାବଳିରେ 'ଲଢ଼େଇ'

ଦୀପାବଳିରେ ଆସୁଛି 'ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍' ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଢ଼େଇ'। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି । ଏଥିରେ ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ତାଙ୍କୁ ଦେଖିବାକୁ ମିଳିବ । ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନବାଗତା ଅଭିଲିପ୍ସା ନଜର ଆସିବେ । ଏହାର ସଙ୍ଗୀତ ଦେଇଛନ୍ତି ଗୌରବ-ସୋମେଶ । ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ରଚିତ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ । ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ । 'ଲଢ଼େଇ' ଏକ ବଳିଷ୍ଠ ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ । ତେବେ ପ୍ରଯୋଜନା ସଂସ୍ଥା ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ■

# ଅକ୍ଟୋବର ୧୩ ରୁ 'ଭାଗ୍ୟରେଖା'ର ନୂଆ କାହାଣୀ

ଏକ ନୂତନ ମୋଡ଼ ନେଇଛି ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। ଏହି ମେଗା ଧାରାବାହିକରେ ଆସୁଛି ନୂଆପିଢ଼ିର ନୂଆ କାହାଣୀ। କାହାଣୀର ନାୟିକା ସ୍ମୃତିରେଖା ଜଣେ କଲେଜ ଛାତ୍ରୀ। ବାପା ବିଜୟ ହେଉଛନ୍ତି ରଘୁରାଜପୁର ଗାଁର ଜଣେ ପ୍ରସିଦ୍ଧ ପଟ୍ଟଚିତ୍ରକାର। ପରିବାରର ଭରଣପୋଷଣ ପାଇଁ ସ୍ମୃତିରେଖା ମଧ୍ୟ ବାପାଙ୍କୁ ପଟ୍ଟଚିତ୍ର କଳାରେ ସାହାଯ୍ୟ କରନ୍ତି । ଜୀବନରେ ଦୃଢ଼ ସଙ୍କଳ୍ପ ରଖିଥିବା ସ୍ମୃତିରେଖା ଛୋଟବେଳୁ ନିଜ ମା'ଙ୍କୁ ହରାଇ ନିଜ ବାପା, ସାବତ ମା' ଓ ଭାଇ ଭଉଣୀ ସହ ଜୀବନ କାଟୁଥାନ୍ତି । ଏହିପରି ଏକ ସଂଘର୍ଷମୟ ଜୀବନରେ ଆସନ୍ତି ନାୟକ ସୌଭାଗ୍ୟ, ଯିଏ ପେଷାରେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର ନାୟକ ଭାବରେ ଲୋକପ୍ରିୟ, କିନ୍ତୁ ସୌଭାଗ୍ୟ ପ୍ରକୃତ ପ୍ରେମରେ ବିଶ୍ୱାସ କରନ୍ତି ନାହିଁ । ଏପଟେ ସ୍ମୃତିରେଖା ହେଉଛନ୍ତି ସୌଭାଗ୍ୟଙ୍କର ଜଣେ ବଡ଼ ପ୍ରଶଂସକ । ତେବେ ସୌଭାଗ୍ୟ କ'ଣ ନିଜର ଜଣେ ବଡ଼ ପ୍ରଶଂସକ ସ୍ମୃତିରେଖାଙ୍କ ପ୍ରେମରେ ପଡ଼ିବେ? ସ୍ମୃତିରେଖାଙ୍କ ସଂଘର୍ଷମୟ ଜୀବନରେ ଆସିବ କି ନୂଆ ପରିବର୍ତ୍ତନ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସୁଛି ଜୀ-ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'। କାହାଣୀରେ ଆସୁଥିବା ପରିବର୍ତ୍ତନ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି ଆଶା କରାଯାଉଛି । ■



## ଟେଲିଭିଜନ ପ୍ରିମିୟର

# 'କବିତା ବନିତା ଲତା-୨'

ଅକ୍ଟୋବର ୧୨ ତାରିଖ ସନ୍ଧ୍ୟା ୬ଟା ୩୦ରେ ତରଙ୍ଗରେ ଟେଲିଭିଜନ ପ୍ରିମିୟର ହେବ 'କବିତା ବନିତା ଲତା-୨'। ବର୍ଷକ ତଳେ ତରଙ୍ଗ ଟିଭିରେ ପ୍ରଦର୍ଶିତ ହୋଇଥିଲା 'କବିତା ବନିତା ଲତା'ର ପ୍ରଥମ ଭାଗ। ଯାହା ଖୁବ୍ ଦର୍ଶକୀୟ ଆଦୃତି ପାଇଥିଲା । ଏଥିରେ ସିମ୍ରନ, ଶୁଭଶ୍ରୀ, ଆଦିତି ଅଭିନୟ କରିଥିଲେ । ଏଥର 'କବିତା ବନିତା ଲତା-୨'ରେ ସିମ୍ରନଙ୍କୁ ରିପିଟ୍ କରାଯାଇଥିବାବେଳେ କବିତା ବନିତା ଚରିତ୍ରରେ ହିତୈଷା ଓ ସୁଲଗ୍ନା ନଜର ଆସିବେ । ଏଥର ବି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ଥିବାବେଳେ ଲେଖକ ଅଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ । ବିଭୂତି ସ୍ୱାଇଁ ଓ ଦେବୀଦତ୍ତ ମହାନ୍ତି ଗୀତ ରଚନା କରିଛନ୍ତି ଓ ଦୀପକ ସଂଗୀତ ନିର୍ଦ୍ଦେଶନା ଏବଂ ଲୁବନ ଟୁବୁନ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । 'କବିତା ବନିତା ଲତା-୨'କୁ ଦର୍ଶକ ଭଲପାଇବା ଦେବେ ବୋଲି ଆଶାବାଦୀ ଅଛି ପ୍ରଯୋଜନା ସଂସ୍ଥା । ■





# ଆଓ ନେକ୍ସଟ୍‌ରେ 'ଭାବାନ୍ତର'

ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଅକ୍ଟୋବର ୧୨ ରେ ଉପଲବ୍ଧ ହେବ ଫିଲ୍ମ 'ଭାବାନ୍ତର' । ପୂର୍ବରୁ ବଡ଼ ପରଦାରେ ଏହି ଫିଲ୍ମ ଓଡ଼ିଆ ଦର୍ଶକଙ୍କ ମନ ଜିତିଥିଲା । ଶ୍ରୀତମ, ଶ୍ରାବଣୀ ଓ ମିଲନଙ୍କ ତିନୋଟି ଚରିତ୍ର ଅତ୍ୟନ୍ତ ଅସାଧାରଣ ପରିସ୍ଥିତିରେ ଗୋଟେ ତ୍ରିଭୁଜର ତିନି କୋଣରେ ଅବସ୍ଥାନ କରିବା ପରି ମନେ ହୁଏ । ଶ୍ରୀତମ ନିଜ ଭାଗ୍ୟକୁ ଆଦରି ନିଅନ୍ତି ଆଉ ସେ କ'ଣ ପୁଣି ଫେରିବେ? ଶ୍ରୀତମ, ଶ୍ରାବଣୀ ଏକାଠି ହେବେ? ବାକି କାହାଣୀ ଦର୍ଶକ ଦେଖିବା ପରେ ଜାଣିପାରିବେ । 'ଭାବାନ୍ତର' ଏକ ଭିନ୍ନ ସ୍ୱାଦର କାହାଣୀ । ଯେଉଁଥିରେ ତ୍ୟାଗ, ଭଲ ପାଇବା, ପ୍ରେମ ଓ ବିରହର ବେଦନା ସହିତ କାହାଣୀରେ ପ୍ରେମର ଏକ ନୂତନ ପରିଭାଷା ଦର୍ଶକ ଦେଖିବାକୁ ପାଇବେ ବୋଲି କହିଛନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା ତଥା ସିଇଓ କୌଶିକ ଦାସ । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନେତା ଅଭିଷେକ ଗିରି ରହିଥିବା ବେଳେ ତାଙ୍କ ବିପକ୍ଷରେ ରହିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର । ଅନ୍ୟାନ୍ୟ ଭୂମିକାରେ ସରୋଜ ନନ୍ଦ, ରବି ତ୍ରିପାଠୀ, ବିନାୟକ ମିଶ୍ର, ମମତା ସାହୁ ଓ ପ୍ରିୟା ବିଶୋଇ ରହିଛନ୍ତି । ତେବେ ଇମାଜିନେସନ୍ ଅନଲିମିଟେଡ୍ ବ୍ୟାନରରେ ଫିଲ୍ମଟି ପ୍ରସ୍ତୁତ ହୋଇଛି । ଏହାର କାହାଣୀ, ଚିତ୍ରନାଟ୍ୟ ସଂଳାପ, ପ୍ରଯୋଜକ ଓ ନିର୍ଦ୍ଦେଶନାରେ ଅନନ୍ତ ମହାପାତ୍ର ଥିବା ବେଳେ ସହ ନିର୍ଦ୍ଦେଶକ ରହିଛନ୍ତି ଅଜୟ ରଥ । ସଂଗୀତରେ ରହିଛନ୍ତି ଶକ୍ତି ପ୍ରସାଦ ମିଶ୍ର । ■

## ପରଦା ପଛର କାହାଣୀ

# ଆମିଷ ପାଇଁ ଅଧାରୁ ଫିଲ୍ମ ଛାଡ଼ିଥିଲେ ଅଭିନେତ୍ରୀ

ସାଧାରଣତଃ ଫିଲ୍ମରେ ସ୍ୱଳ୍ପ ସମୟ ଅଭିନୟ କିମ୍ବା ମନପସନ୍ଦ ଚରିତ୍ର ନ ମିଳିଲେ ଅନେକ ଅଭିନେତା ଅଭିନେତ୍ରୀ ଅଧାରୁ ଫିଲ୍ମ ଛାଡ଼ିଥାନ୍ତି । ତେବେ ନବେ ଦଶକରେ ଜଣେ ଅଭିନେତ୍ରୀ ରାତ୍ରିଭୋଜନରେ ଆମିଷ ନ ମିଳିବାରୁ ଫିଲ୍ମ ଅଧାରୁ ଛାଡ଼ି ଥିଲେ । ସେଇ ଅଭିନେତ୍ରୀ ଜଣକ ହେଉଛନ୍ତି 'ଦିୱାନା ଆଶିକ୍' ଫିଲ୍ମର ଅଭିନେତ୍ରୀ ଫରାହ ନାଜ । ତତ୍କାଳୀନ ଏକାଧିକ ହିଟ୍ ଫିଲ୍ମରେ ସେ ଅଭିନୟ କରିଥିଲେ । ଫରାହ ଖୁବ୍ କମ୍ ବଜେଟ୍‌ରେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ । କାରଣ ଏହି ଫିଲ୍ମରେ ତାଙ୍କ ବୟଫ୍ରେଣ୍ଡ



ବିନ୍ଦୁ ଦାରା ସିଂଙ୍କୁ ଏଣ୍ଟ୍ରି କରାଯାଉଥିଲା । ବିନ୍ଦୁ ହେଉଛନ୍ତି ଦାରା ସିଂଙ୍କ ପୁଅ । ବିନ୍ଦୁଙ୍କ ପାଇଁ ଫରହା ଖୁବ୍ କମ୍ ଟଙ୍କାରେ ନିର୍ଦ୍ଦେଶକ ଗୁଲସନ୍ ଅରୋଡ଼ାଙ୍କ ଫିଲ୍ମ କରିବାକୁ ରାଜି ହୋଇଥିଲେ । ଗୁଜୁରାଟର ଏକ ଗାଁରେ ଫିଲ୍ମର ସୁଟିଂ କାର୍ଯ୍ୟ ଜୋରସୋରରେ ଚାଲିଥିଲା । ସୁଟିଂରେ ସକାଳ ଜଳଖିଆ ହେଉ ଅବା ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନରେ କେବଳ ଶୁଦ୍ଧ ଶାକାହାରୀ ଖାଦ୍ୟ ପରଷା ଯାଉଥିଲା । ଆମିଷ ପ୍ରିୟ ଫରହା ଡାଲି, ଭାତ, ଭେଣ୍ଡି ଖାଦ୍ୟ ଖାଇ ବିରକ୍ତ ହୋଇଯାଇଥିଲେ । ଫଳରେ ସେ ପ୍ରଡକ୍‌ସନ୍ ମ୍ୟାନେଜରଙ୍କୁ ରାତ୍ରିଭୋଜନରେ ଚିକେନ୍ ଆଣିବା ପାଇଁ କହିଥିଲେ । ହେଲେ ପ୍ରଡକ୍‌ସନ୍ ମ୍ୟାନେଜର ତାଙ୍କ କଥା ଶୁଣି ଟାଳି ଦେଇଥିଲେ । ଖାଇବାରେ ଆମିଷ ନ ମିଳିବାରୁ ଫରାହ ଦ୍ୱିତୀୟଥର ପୁଣି ମ୍ୟାନେଜରଙ୍କୁ କହିଲେ । ହେଲେ ପ୍ରଡକ୍ସନ ମ୍ୟାନେଜର୍ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ଏହାପରେ ତୃତୀୟ ଦିନ ମଧ୍ୟ ଆମିଷ ଖାଇବାକୁ ନ ମିଳିବାରୁ ଫରାହ ରାଗି ଯାଇଥିଲେ । ବାରମ୍ବାର ମାଗିବା ସତ୍ତ୍ୱେ କାହିଁକି ଚିକେନ୍ ଦେଉ ନାହାନ୍ତି ବୋଲି ସେ ପ୍ରଡକ୍ସନ୍ ମ୍ୟାନେଜରଙ୍କୁ ପ୍ରଶ୍ନ କଲେ । ଉତ୍ତରରେ ମ୍ୟାନେଜର କହିଥିଲେ, "ଫିଲ୍ମ ସୁଟିଂ ଚାଲିଥିବା ଗାଁଟି ସମ୍ପୂର୍ଣ୍ଣ ଶାକାହାରୀ । ଏଠାରେ ଆମିଷ ମିଳେନି ।" ଏହାଶୁଣି ଫରାହ ରାଗି ଯାଇଥିଲେ । ସେ ସଙ୍ଗେ ସଙ୍ଗେ ନିଜ ସେକ୍ରେଟେରୀଙ୍କୁ ନେଇ ଆମିଷ ଖୋଜିବାକୁ ଯାଇଥିଲେ । ଗାଁରୁ ବାହାରିବା ମାତ୍ରେ ତାଙ୍କୁ ଏକ ରେସ୍ତୋରାଁରେ ଚିକେନ୍ ଖାଇବାକୁ ମିଳିଥିଲା । ସେଠାରେ ସେ ଚିକେନ୍ ଖାଇଥିଲେ । କିନ୍ତୁ ପ୍ରଡକ୍ସନ ମ୍ୟାନେଜର୍ ମିଛ କହିବାରୁ ତାଙ୍କ ରାଗ ଦ୍ୱିଗୁଣା ହୋଇଯାଇଥିଲା । ଏହି ମାମଲା ଏତେ ବଢ଼ିଗଲା ଯେ ଶେଷରେ ରାଗରେ ଏହି ଫିଲ୍ମ ଅଧାରୁ ଛାଡ଼ି ଦେଇଥିଲେ । ■

## ସାକ୍ଷାତକାର

# "ଶିଖିବାର ମନୋବୃତ୍ତି ହିଁ ସଫଳତାର ସ୍ୱାଦ ଚଖାଏ"

**ଅଙ୍କିତ କୁମାର, ଅଭିନେତା**

ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ସେ ସ୍ୱପ୍ନ ଦେଖିଥିଲେ । ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଓଡ଼ିଆ ଫିଲ୍ମ ଜଗତକୁ । ଜିମ୍‌ରେ ବ୍ୟାୟାମ କରୁଥିଲେ । ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ତାଙ୍କର ସାକ୍ଷାତ ହେଲା । ସେ ତାଙ୍କୁ ଅଭିନୟ ଜଗତରେ କାମ କରିବାକୁ ସୁଯୋଗ ଦେଲେ । କଟକର ଅଙ୍କିତ କୁମାର ଏକାଧିକ ଧାରାବାରିକ ଓ ଓଡ଼ିଆ ସିନେମାରେ କାମ କରିଛନ୍ତି । 'ପରୀ' ତାଙ୍କର ଡେବ୍ୟୁ ଧାରାବାହିକ । 'ଭୋକ' ଚଳଚ୍ଚିତ୍ରରେ ବଳିଷ୍ଠ ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛନ୍ତି । ଆଉ ଖୁବ୍‌ଶୀଘ୍ର ଅଙ୍କିତ ହରର ସିନେମା 'ଦର୍ପଣ'ରେ ନଜର ଆସିବେ । ଏହି ସିନେମାରେ ତାଙ୍କ ବିପକ୍ଷରେ ଅଛନ୍ତି ନାୟିକା ତୃପ୍ତି ମୀରାମ୍ବିକା । ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ତାଙ୍କ ସଂଘର୍ଷ ବିଷୟରେ ଶୁଣିବା ତାଙ୍କ ମୁହଁରୁ ।

**କଳାକାର ହେବାକୁ କାହିଁକି ମନ ବଳାଇଲେ ?**

● ପିଲାଦିନୁ ମୁଁ ପାଠକୁ ଗୁରୁତ୍ୱ ଦେଇଆସୁଥିଲି । ଅଭିନେତା ହେବି ବୋଲି କେବେ ଭାବି ନଥିଲି । ଜାଣି ନଥିଲି ଦର୍ଶକଙ୍କ ସହ ସିଧାସଳଖ ମୋର ସମ୍ପର୍କ ହେବ । ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ହେବାକୁ ଇଚ୍ଛା ଥିଲା । ମୁଁ ଜିମ୍ ଯାଉଥାଏ । ସୌଭାଗ୍ୟବଶତଃ ସିନେମା ଲାଇନ୍‌ର ଜଣେ ସାର୍‌ଙ୍କ ସହ ସାକ୍ଷାତ ହେଲା । ସେ ଏହି ଲାଇନ୍‌ରେ ଯିବାକୁ ସୁଯୋଗ ଦେଲେ । 'ପରୀ' ମୋର ପ୍ରଥମ ଡେବ୍ୟୁ ଧାରାବାହିକ । 'ଆମ ଘରର ଲକ୍ଷ୍ମୀ', 'ମୋ ଅଗଣାର ତୁଳସୀ ତୁ' ଆଦି ଅନେକ ଧାରାବାହିକରେ କାମ କରିଛି । 'ଭୋକ', 'ପ୍ରତ୍ୟାଘାତ', 'ମୋ ମମି ପାପାଙ୍କ ବାହାଘର', 'ପାଦେ ଆକାଶ', 'ପାପ', ଆଦି ସିନେମାରେ ଅଭିନୟ କରିବାକୁ ସୁଯୋଗ ପାଇଛି । ବିଜ୍ଞାପନ, ଟକ୍ ଶୋ, ମ୍ୟୁଜିକ୍ ଭିଡିଓରେ ବି କାମ କରିଛି ।

**ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ପ୍ରଥମ ପ୍ରୋଜେକ୍ଟରେ ନର୍ଭସ ଥିଲି । ମାର୍କେଟରେ ସିନ୍ ଥାଏ, ଚାରିଆଡ଼େ ଲୋକ ଆଉ ଆମ ଟିମ୍ ମେମ୍ବର । ତେଣୁ କେମିତି ଅଭିନୟ ଭଲ କରିବି ତାହାକୁ ନେଇ ମନରେ ଆଶଙ୍କା ଥାଏ । ହେଲେ ନିର୍ଦ୍ଦେଶକ ସାର୍ ବହୁତ ମାପିଚୁପି ମୋର ସିନ୍ ନେଇଥିଲେ । ଏମିତି ଧୀରେ ଧୀରେ କାମ ଶିଖିଛି । ଆଜି ବି ଲାଗେ ମୋତେ ବହୁତ କିଛି ଶିଖିବାର ଅଛି । ତେଣୁ ପ୍ରତିଦିନ କିଛି ନୂଆ କରିବାକୁ ଚେଷ୍ଟା କରୁଛି । ଆଗକୁ ବି ଏହି ଶିଖିବା ମନୋବୃତ୍ତି ରହିବ । ଏହା ଦ୍ୱାରା ଜଣେ ତା ଜୀବନରେ ଆଗକୁ ବଢ଼ିପାରେ ।

**ରିଲିଜ୍ ହେବାକୁ ଥିବା 'ଦର୍ପଣ' ସିନେମାକୁ ନେଇ କ'ଣ କହିବେ?**

● 'ଦର୍ପଣ' ଗୋଟିଏ ହରର ସିନେମା । ଏଥିରେ ଭୟଙ୍କର ଚେହେରା, ମଣିଷ ଭିତରର ରାକ୍ଷସ ଚରିତ୍ର ପଦାକୁ ଫୁଟି ଆସିବ । ସିନେମାରେ ଫ୍ୟାମିଲି ଡ୍ରାମା, ହରର୍, ସସପେନ୍ସ, କମେଡି, ରୋମାନ୍ସ, ଇମୋସନ୍ ଆଦି ରହିଛି । ଡ୍ରାମା ବି ଜବରଦସ୍ତ ରହିଛି । ଏମିତି ଏକ ନିଆରା ରହସ୍ୟଭରା କାହାଣୀ ଭିତରେ ଫଶି ଯାଉଥିବା ପିଲାଙ୍କୁ ମୁକୁଳାଇବା ଦାୟିତ୍ୱ ମୋର ।



**ଆପଣଙ୍କ କେଉଁ ଫିଲ୍ମକୁ ଦର୍ଶକ ଅଧିକ ଭଲପାଇବା ଦେଇଛନ୍ତି?**

● 'ଭୋକ'ରେ ଅଭିନୟ କରିଥିଲି । ଏହା ଲକ୍‌ଡାଉନ୍ ଉପରେ ନିର୍ମିତ ଥିଲା । 'ଭୋକ' ଫିଲ୍ମ ପାଇଁ ମୁଁ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲି । ଏହା ମୋତେ ବହୁତ ଖୁସି ଦେଇଥିଲା । ଆଜି ବି ସେହି ଫିଲ୍ମର କାହାଣୀ ବହୁତ ଭଲ ଥିଲା ବୋଲି ଅନେକ ପ୍ରଶଂସକଙ୍କଠାରୁ ଶୁଣିବାକୁ ପାଏ ।

**ସ୍ମରଣୀୟ ମୁହୂର୍ତ୍ତ?**

● 'ଦର୍ପଣ' ଫିଲ୍ମର ପ୍ରାୟତଃ ସୁଟିଂ ବିଳମ୍ବିତ ରାତିରେ ହେଉଥିଲା । ଜଙ୍ଗଲ ମଝିରେ ସିନ୍ ଥାଏ । ବହୁତ ଦୂରରୁ ମୁଁ ଆଉ ତୃପ୍ତି ଚାଲି ଚାଲି ଆସୁଥାଉ । ହଠାତ୍ ଏମିତି ଏକ ଶବ୍ଦ ଆସିଲା ଆମେ ଦୁହେଁ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିଲୁ । ବାସ୍ତବରେ ସେହି ସମୟର ଅନୁଭୂତି ନିଆରା । ଏହି ସିନେମା ସୁଟିଂ ପାଇଁ ବହୁତ ପରିଶ୍ରମ କରିଛୁ । ଏଥିରେ ବହୁତ ସୁନ୍ଦର ସୁନ୍ଦର ଗୀତ ଅଛି । ଆଶା କରୁଛୁ ଏହି ସିନେମା ଦର୍ଶକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ ।

**ଫିଟ୍‌ର ରାଜ୍ କ'ଣ?**

● ନିୟମିତ ୱାର୍କଆଉଟ୍ ଆଉ ଡାଏଟ୍ ।

**ଡ୍ରିମ୍ ରୋଲ୍?**

● ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା । ମୁଁ ଚାହେଁ, ଜୀବନରେ ଯେତେ ବି ଚରିତ୍ର ରହଛି ସେ ସବୁ ମୁଁ କରେ ।

**ଅଙ୍କିତଙ୍କ ଆଗାମୀ ଯୋଜନା?**

● ବଡ଼ ପ୍ରୋଜେକ୍ଟର ସିନେମା 'ଜୟହିନ୍ଦ' ଓ 'ଅଧା ରହିଗଲା ଆମ କାହାଣୀ'ରେ ଦର୍ଶକ ଆଗକୁ ଦେଖିବାକୁ ପାଇବେ । ଏହାବାଦ୍ ଗ୍ରାମାଞ୍ଚଳର ପରିବେଶକୁ ନେଇ ବାସ୍ତବଧର୍ମୀ କାହାଣୀ ଓ ସାମାଜିକ ବାର୍ତ୍ତା ଥିବା ପରି ସିନେମାରେ ଅଭିନୟ କରିବାକୁ ମୋର ଇଚ୍ଛା ।

**ରିଆଲିଟି ଶୋ' ମାଧ୍ୟମରେ ନୂଆ କରି ଆସୁଥିବା କଳାକାରଙ୍କୁ କ'ଣ କହିବେ?**

● ଆଗରୁ ବହୁତ କଷ୍ଟ କରି ପିଲାମାନେ ଏହି ଲାଇନ୍‌ରେ ଆସୁଥିଲେ । ଏବେ ସୋସିଆଲ୍ ମିଡିଆ ଯୁଗରେ ସବୁ ସହଜ ହୋଇଯାଇଛି । ତେଣୁ ସମସ୍ତଙ୍କୁ କହିବି କାମକୁ ଧ୍ୟାନ ଦେଇ କରିବା ଦରକାର । ନିଜକୁ ଗ୍ରୁମିଂ କରନ୍ତୁ । ସ୍କ୍ରିପ୍ଟକୁ ବୁଝି ଚରିତ୍ର ଭିତରେ ପଶନ୍ତୁ । ■



# କ୍ରୀଡ଼ା


ସକାଳ THE SAKALA
www.sakalaepaper.com


# କୋହଲିଙ୍କ ରେକର୍ଡ ସହ ସମକକ୍ଷ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଏହି ଟେଷ୍ଟରେ ଶତକ ହାସଲ କରିଥିବା ଶୁବମନ ଗିଲ ଗୋଟିଏ ବର୍ଷରେ ଜଣେ ଅଧିନାୟକ ଭାବେ ୫ଟି ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ବିରାଟ କୋହଲିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କୋହଲି ୨୦୧୭ ଓ ୨୦୧୮ରେ ଏହି ରେକର୍ଡ କରିଥିଲେ। ଅଧିନାୟକ ଭାବେ ଗିଲ ୮୪.୮୧ ହାରରେ ରନ୍ ସଂଗ୍ରହ କରିଛନ୍ତି। ଡନ୍ ବ୍ରାଡମ୍ୟାନ୍ ତାଙ୍କଠାରୁ ଅଧିକ ୧୦୧.୫୧ ହାରରେ ରନ୍ ସଂଗ୍ରହ କରିଥିଲେ।

ଏହି ଟେଷ୍ଟରେ ଭାରତ ସଂଗ୍ରହ କରିଥିବା ୫/୫୧୮ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ସଂଗୃହୀତ ହୋଇ ନ ଥିଲା। ଟେଷ୍ଟ କ୍ରିକେଟରେ ଏଭଳି ସ୍କୋର ସଂଗ୍ରହରେ ଭାରତ ରେକର୍ଡ କରିଛି। ପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ସଂଗ୍ରହ କରିଥିବା ୫୧୩ ରନ୍‌ରେ ଗୋଟିଏ ହେଲେ ବାଇ କିମ୍ବା ଲେଗ୍‌ବାଇରୁ ରନ୍ ନ ଥିଲା। ଏହି ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଏକଦା ୩୧୮ଟି ବଲ୍ ପକାଇ ମଧ୍ୟ ୱିକେଟ ପାଇ ନ ଥିଲା। ୱେଷ୍ଟଇଣ୍ଡିଜ୍ ପୂର୍ବରୁ ୨ଥର ୩୦୦ କିମ୍ବା ଅଧିକ ବଲ ବୋଲିଂ କରି ୱିକେଟ ପାଇ ନ ଥିଲା।

ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ବର୍ଷ ପୂରିବା ପୂର୍ବରୁ ୭ଟି ଟେଷ୍ଟ ଶତକ ହାସଲ କରି ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ଏହା ମଧ୍ୟରେ ୫ଟି ୧୫୦ ପ୍ଲସ୍ ସ୍କୋର ରହିଛି। ୨୪ ବର୍ଷରେ ପହଞ୍ଚିବା ପୂର୍ବରୁ କେବଳ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ୮ଥର ୧୫୦ ପ୍ଲସ୍ ସ୍କୋର କରିଥିଲେ। ସେହିପରି ଏହି ସମୟରେ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗ୍ୟାରୀ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଜୟସ୍ୱାଲଙ୍କ ପୂର୍ବରୁ ମାତ୍ର ୨ଜଣ ଖେଳାଳି ସେମାନଙ୍କ ପ୍ରଥମ ୭ଟି ଟେଷ୍ଟ ଶତକରେ ୫ଥର ୧୫୦ ପ୍ଲସ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସେମାନେ ହେଲେ ବବ୍ ସିମ୍ପସନ ଓ ବ୍ରାଏନ୍ ଲାରା।

■ ସୁଲତାନ ଅଫ୍ ଜୋହର କପ୍ ହକି

# ଭାରତର ବିଜୟ ଅଭିଯାନ

ଜୋହନ ବାହରୁ, ୧୧।୧୦ (ଏଜେନ୍ସି): ମାଲେସିଆରେ ଶନିବାରଠାରୁ ସୁଲତାନ ଅଫ୍ ଜୋହର କପ୍‌ର ତ୍ରୟୋଦଶ



ସଂସ୍କରଣ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଭାରତୀୟ ଦଳ ୩-୨ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଗ୍ରେଟ୍ ବ୍ରିଟେନକୁ ହରାଇଦେଇଛି। ଏହି ମ୍ୟାଚରେ ଅଧିନାୟକ ରୋହିତ୍ ଏକାକୀ ଦୁଇଟି ଗୋଲ୍ ଦେଇ ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ରବନୀତ୍ ସିଂହ ଅନ୍ୟ ଗୋଲଟି ଦେଇଥିଲେ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ମାଇକେଲ୍ ରୟଡେନ ଓ କାଡେନ ଡ୍ରାୟସୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ରୋହିତ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଭାରତ ଦ୍ୱିତୀୟ ମୁକାବିଲାରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।

## ଗିଲ୍‌ଙ୍କ ୧୦ମ ଶତକ, ଜାଡେଜାଙ୍କ ଯାଦୁକରୀ ବୋଲିଂ

# ଭାରତ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ



ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):

ଅଧିନାୟକ ଶୁବମନ ଗିଲ୍‌ଙ୍କ ୧୦ମ ଶତକ ଓ ଜାଡେଜାଙ୍କ ଯାଦୁକରୀ ବୋଲିଂ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଛି। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଗିଲ୍ ଶତକ (ଅପରାଜିତ ୧୨୯) ହାସଲ କରିବା ପରେ ଭାରତ ୫ ୱିକେଟରେ ୫୧୮ ରନ୍ କରି ତାହାର ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୪୩ ଓଭର ବ୍ୟାଟିଂ କରି ୪ ୱିକେଟ ବିନିମୟରେ ୧୪୦ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଲ୍‌ରାଉଣ୍ଡର ସାଇ ହୋପ୍ ୩୧ ଓ ୱିକେଟ ରକ୍ଷକ ତେଭିନ ଇମ୍‌ଲାଚ ୧୪ ରନ୍‌ରେ ବ୍ୟାଟିଂ କରୁଥିଲେ। ୱେଷ୍ଟଇଣ୍ଡିଜ୍ ଆଜି ହରାଇଥିବା ୪ଟି ୱିକେଟ ମଧ୍ୟରୁ ଜାଡେଜା ୩ଟି ୱିକେଟ ଅକ୍ତିଆର କରି ବୋଲିଂ ସଫଳତା ପାଇଥିଲେ। ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଉଭୟ ଇନିଂସରେ ୯୦ ଓଭର ତିଷ୍ଠି ନ ଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଦଳ ୪ଟି ୱିକେଟ ହରାଇ ୪୩ ଓଭର ବ୍ୟାଟିଂ କରି ଖେଳରେ ଉନ୍ନତି ଆଣିଥିଲା। ପ୍ରଥମ ଟେଷ୍ଟରେ ଭାରତ ଇନିଂସ ବିଜୟ ହାସଲ କରି ୧-୦ରେ ଆଗୁଆ ରହିଛି।

ଶନିବାର ସକାଳେ ଏହି ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ ୨ ୱିକେଟରେ ୩୧୮ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥିଲା। ଯାହା ଫଳରେ ଅନାବଶ୍ୟକ ଭାବେ ଯଶସ୍ୱୀ ଜୟସ୍ୱାଲ ପୂର୍ବଦିନର ସ୍କୋରରେ ଆଉ ୨ ରନ୍ ଯୋଗ କରି ୧୭୫ ରନ୍‌ରେ ରନ୍‌ଆଉଟ ହୋଇଥିଲେ। ସଟ୍ ମାରିବା ପରେ ଜୟସ୍ୱାଲଙ୍କ କଲ୍‌କୁ ଗିଲ ଗ୍ରହଣ କରି ନ ଥିଲେ, ଯାହା ଫଳରେ ଠିକଣା ସମୟରେ ସେ କ୍ରିଜ୍‌ରେ ପହଞ୍ଚିବାରେ ଅସମର୍ଥ ହୋଇଥିଲେ। ଘରୋଇ ଦଳ ୩୨୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଗିଲ ଭାରତୀୟ ବ୍ୟାଟିଂର ନେତୃତ୍ୱ ନେଇଥିଲେ। ସେ ଚତୁର୍ଥ ୱିକେଟରେ ଯୋଡିରେ ବ୍ୟାଟିଂରେ ଉନ୍ନତି ପାଇଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ (୪୩)ଙ୍କ ସହ ୧୦୩ ବଲ୍‌ରେ ୯୧ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ସହ ୧୫୫ ବଲ୍‌ରୁ ୧୦୨ ରନ୍ ଉଠାଇଥିଲେ। ତୃତୀୟ ୱିକେଟରେ ଜୟସ୍ୱାଲଙ୍କ ସହ ୭୪ ରନ୍ ଉଠାଇଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୦ମ ଶତକ ହାସଲ କରିଥିଲେ। ଜୁରେଲ ୪୪ ରନ୍‌ରେ ଆଉଟ ହେବା ପରେ ଗିଲ ଭାରତର ପ୍ରଥମ ଇନିଂସ ଘୋଷଣା କରିଥିଲେ। ଇନିଂସ ଘୋଷଣା ହେଲାବେଳକୁ ଗିଲ୍ ୧୨୯ ରନ୍‌ରେ ଅପରାଜିତ ରହିଥିଲେ। ଏହି ସ୍କୋର ହାସଲ ଲାଗି ତାଙ୍କୁ ୧୯୬ଟି ବଲ୍‌ର ସାମ୍ନା କରିବାକୁ ପଡ଼ିଥିଲା ଓ ଏଥିରେ ସେ ୧୬ ଚୌକା ଓ ୨ ଛକା ମାରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ୧୦ମ ଓ ଦଳର ନେତୃତ୍ୱ ନେବା ପରେ ୫ମ ଶତକ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ସର୍ବାଧିକ ୩ଟି ଓ ଅଧିନାୟକ ରୋଷ୍ଟୋନ ଚେଜ୍ ଗୋଟିଏ ୱିକେଟ ପାଇଥିଲେ। ଭାରତର ଜଣେ ଖେଳାଳି ଜୟସ୍ୱାଲ ରନ୍‌ଆଉଟ ହୋଇଥିଲେ।

### ସ୍ପିନ୍‌ରଙ୍କୁ ମୁକାବିଲା କରିବାରେ ୱେଷ୍ଟଇଣ୍ଡିଜ୍ ପୁଣି ବିଫଳ

ଭାରତର ୫୧୮ ରନ୍‌ର ବିଶାଳ ସ୍କୋର ପରେ ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ଆରମ୍ଭ କରି ଦୃଢ଼ତାର ସହ ଖେଳିଥିଲା। ଏପରିକି ପ୍ରଥମଥର ଲାଗି ଦଳ ପ୍ରଥମ ବୋଲିଂ ଚେଞ୍ଜରେ ୱିକେଟ ହରାଇ ନ ଥିଲା। ଉଭୟପଟୁ ସ୍ପିନ୍ ଆକ୍ରମଣକୁ ଦୁଇ ଓପନର ଯଥାସମ୍ଭବ ମୁକାବିଲା କରିଥିଲେ। କିନ୍ତୁ ଏହା ୮ମ ଓଭର ଯାଏ ତିଷ୍ଠି ରହିଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ଓପନର ଜନ୍ କ୍ୟାମ୍ପବେଲଙ୍କୁ ଆଉଟ କରି ଜାଡେଜା ଭାରତକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। କ୍ୟାମ୍ପବେଲ ମାରିଥିବା ସଟ୍‌ରେ ସାଇ ସୁଦର୍ଶନ ଆହତ ହୋଇଥିଲେ ମଧ୍ୟ ତାଙ୍କୁ ପାଭିଲିୟନର ବାଟ ଦେଖାଇଥିଲେ। ସେ ନିଜେ ମଧ୍ୟ ପଡ଼ିଆ ବାହାରକୁ ଯାଇଥିଲେ। ଦ୍ୱିତୀୟ ୱିକେଟ ଯୋଡିରେ ଭାରତୀୟ ସ୍ପିନ୍ ବନାମ ଟାଗେନାରିନ୍ ଚନ୍ଦରପଲ ଓ ଆଲିକ୍ ଆଥାନାଜେଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏହି ଲଢ଼େଇ ୧୨୨ଟି ବଲ ପର୍ଯ୍ୟନ୍ତ ଚାଲିଥିଲା। ଜାଡେଜାଙ୍କ ଚକ୍ରବ୍ୟୁହରେ ହାର୍ ମାନିଥିଲେ ଚନ୍ଦରପଲ। ୬୬ ରନ୍‌ର ପାର୍ଟନରସିପ୍ ପରେ ଚନ୍ଦରପଲ ୩୪ ରନ୍‌ରେ ଆଉଟ ହୋଇଥିଲେ। ଏହା ପରେ କୁଲଦୀପ ଯାଦବ ଦଳର ଟପ୍ ସ୍କୋରର ଆଲିକ୍ ଆଥାନାଜେଙ୍କୁ ଜାଡେଜାଙ୍କ ହାତରେ କ୍ୟାଚ୍‌ଆଉଟ କରାଇ ପ୍ରଥମ ସଫଳତା ପାଇଥିଲେ। ତାଙ୍କ ପରେ ଖେଳିବାକୁ ଆସିଥିବା ଅଧିନାୟକ ଚେଜ୍‌ଙ୍କ ଇନିଂସ ୭ଟି ବଲଯାଏ ତିଷ୍ଠିଥିଲା। ସେ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇ ପାଭିଲିୟନ ଫେରିଯାଇଥିଲେ। ହୋପ୍ ୩୧ ଓ ଇମ୍‌ଲାଚ ୧୪ ରନ୍‌ରେ ମଙ୍ଗ ସମ୍ଭାଳିଥିଲେ। ଭାରତ ପକ୍ଷରୁ ଜାଡେଜାଙ୍କ ଯାଦୁକରୀ ବୋଲିଂ ସଫଳ ହୋଇଥିଲା ଓ ସେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ସେ ମଧ୍ୟ ସମସ୍ତ ୪ ଜଣ ଖେଳାଳିଙ୍କୁ ଆଉଟ କରାଇବାରେ ସହଯୋଗ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ : ୫୧୮/୫, ୧୩୪.୨ ଓଭର**, ଘୋଷଣା (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ : ୧୪୦/୪, ୪୩ ଓଭର** (ଆଥାନାଜେ-୪୧, ଚନ୍ଦରପଲ-୩୪, ହୋପ୍-ବ୍ୟାଟିଂ-୩୧, ଜାଡେଜା-୩/୩୭)।

ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୪ ପଦକ

ଭୁବନେଶ୍ୱର,୧୧।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶା ୧୪ ପଦକ ବିଜୟୀ ହୋଇଛି। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଥିଲା। ଉତ୍ତରପ୍ରଦେଶର ସାହରଣପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ଫଳରେ ପ୍ରଥମ ଦୁଇ ଦିନ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୭ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିଛି।

ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଅନୁପମାଙ୍କୁ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ମିଳିଛି। ନିରୁପମା ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ମହନ୍ତ, କାହ୍ନା ସାହୁ ଓ ସିଦ୍ଧାର୍ଥ ଭୂୟାଁଙ୍କୁ ରୌପ୍ୟ ପଦକ ମିଳିଛି। ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ସିଭର-ବ୍ରଣ୍ଟଙ୍କ ଶତକରେ ଇଂଲଣ୍ଡର ହ୍ୟାଟ୍ରିକ ବିଜୟ

କଲମ୍ବୋ, ୧୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୨ତମ ମ୍ୟାଚରେ ଶନିବାର ଇଂଲଣ୍ଡ ୮୯ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି।

ମହିଳା ବିଶ୍ୱକପ୍: ଆଜିର ମ୍ୟାଚ୍
ଭାରତ - ଅଷ୍ଟ୍ରେଲିଆ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : ବିଶାଖାପାଟଣମ୍




ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ୧୧୭ ରନ ବଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୯ ୱିକେଟ୍‌ରେ ୨୫୩ ରନର ସମ୍ମାନଜନକ ସ୍କୋର କରିଥିଲା। ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣୱୀରା ୩ଟି ୱିକେଟ୍ ନେଇଥିଲେ। ଜବାବରେ ଘରୋଇ ଶ୍ରୀଲଙ୍କା ୪୫.୪ ଓଭରରେ ୧୬୪ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ହସିନୀ ପେରେରା ୩୫, ହର୍ଷିତା ସମରବିକ୍ରମା ୩୩ ରନ କରିଥିଲେ। ବିଜୟୀ ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଇକଲେଷ୍ଟୋନ ୪ଟି ୱିକେଟ ନେଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶକୁ ପରାସ୍ତ କରିଥିବା ଇଂଲଣ୍ଡ ଏଥିସହ ହ୍ୟାଟ୍ରିକ ବିଜୟ ହାସଲ କରି ୬ ପଏଣ୍ଟ ସହ ଶୀର୍ଷକୁ ଉଠିଛି। ଆସନ୍ତାକାଲି ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ଖେଳାଯିବ।

## ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍: ଭାରତକୁ କାଂସ୍ୟ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଇଣ୍ଡୋନେସିଆକୁ ହରାଇ ଚୀନ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଟିମ୍ ଚାମ୍ପିଅନସିପ୍ ଟାଇଟଲ ହାସଲ କରିଛି। ଏହା ଫଳରେ ଚୀନ୍ ୧୫ଥର ଲାଗି ସୁହାଦିନ୍ତା କପ୍ ହାସଲ କରିଛି। ସେମିଫାଇନାଲରେ ପରାଜିତ ଭାରତ ଓ ଜାପାନ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରଥମ ପଦକ ମିଳିଛି। ଶନିବାର ଫାଇନାଲରେ ଚୀନ୍ ସହଜରେ ବିଜୟୀ ହୋଇଥିଲା। ଚୀନ୍ ଦଳରେ ୩ଜଣ ଏସୀୟ ଚାମ୍ପିଅନ ଓ ୨ ଜଣ ରନର୍ସ ଅପ୍ ଖେଳୁଥିଲେ।

## ୨୦୪ ର୍‍ୟାଙ୍କ୍ ଖେଳାଳିଙ୍କଠୁ ହାରିଲେ ଜୋକୋଭିଚ୍

ସାଙ୍ଘାଇ, ୧୧।୧୦ (ଏଜେନ୍ସି): ସାଙ୍ଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ଶନିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୨୦୪ତମ ସ୍ଥାନରେ ରହିଥିବା ମୋନାକୋର ଭାଲେଣ୍ଟିନ ଭାଚେରଟ୍‌ଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି। ଯୋଗ୍ୟତା ଅର୍ଜନକାରୀ ୨୬ ବର୍ଷୀୟ ଭାଲେଣ୍ଟିନ ଏହି ମ୍ୟାଚକୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟ ଇତିହାସରେ ସବୁଠୁ କମ୍ ର୍‍ୟାଙ୍କ ଖେଳାଳି ଭାବେ ଭାଲେଣ୍ଟିନ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

ଟି-୨୦ କ୍ରିକେଟରେ ବିପର୍ଯ୍ୟୟ

## ଦକ୍ଷିଣ ଆଫ୍ରିକାକୁ ହରାଇଲା ନାମିବ୍ୟା

ୱିଣ୍ଡୋହକ୍,୧୧।୧୦(ଏଜେନ୍ସି): ଟି-୨୦ ବିଶ୍ୱକପ୍ ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ନାମିବ୍ୟା ପରାସ୍ତ କରିଛି। ଏହା ଫଳରେ ନାମିବ୍ୟା ଟି-୨୦ କ୍ରିକେଟରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୧୩୪ ରନ୍ କରିଥିଲା। ଜବାବରେ ନାମିବ୍ୟା ୬ ୱିକେଟ ହରାଇ ଶେଷ ବଲ୍‌ରେ ଚୌକା ସହ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଏହା ଫଳରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟଥର ଲାଗି ଏକ ଆସୋସିଏଟ ଦେଶଠାରୁ (୨୦୨୨ ବିଶ୍ୱକପ୍‌ରେ ନେଦରଲାଣ୍ଡସଠାରୁ) ପରାଜିତ ହୋଇଛି। ସେହିପରି ଆୟର୍ଲାଣ୍ଡ, ଜିମ୍ବାୱେ ଓ ଶ୍ରୀଲଙ୍କା ପରେ ଚତୁର୍ଥ ଟେଷ୍ଟ ଖେଳୁଥିବା ଦେଶ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ନାମିବ୍ୟା ପକ୍ଷରୁ ୨୮ ରନ୍‌ରେ ୩ ୱିକେଟ ନେବା ସହ ୮ ବଲ୍‌ରୁ ଅପରାଜିତ ୧୧ ରନ୍ କରିଥିବା ରୁବେନ ଟ୍ରମ୍ପଲମ୍ୟାନ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଆରମ୍ଭ




ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ) ଆନୁକୂଲ୍ୟରେ ଏବଂ ଇଣ୍ଟରନ୍ୟାସନାଲ ଟେନିସ ମହାସଂଘ (ଆଇଟିଏଫ୍) ଓ ରାଜ୍ୟ କ୍ରୀଡ଼ା ବିଭାଗର ସହଯୋଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୧୫ ତାରିଖରେ ଉଦ୍‌ଯାପିତ ହେବ। କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ଓଟିଏ ସଭାପତି ଅସିତ ତ୍ରିପାଠୀ, ପରାମର୍ଶଦାତା ମଧୁସୂଦନ ପାଢ଼ୀ, ଉପସଭାପତି ସତ୍ୟଜିତ ମହାନ୍ତି, ସମ୍ପାଦକ ସଞ୍ଜୀବ ପଣ୍ଡା, ଓଟିଏର ସମ୍ବିତ ପଟ୍ଟନାୟକ ଓ ଆଇଟିଏଫ୍ ସୁପରଭାଇଜର ପ୍ରବୀଣ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଦେଶର ୧୨୦ଜଣ ପ୍ରଫେଶନାଲ ଖେଳାଳି ଓ ବିଦେଶର ୩ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି।

## ବିନୁ ମଙ୍କଡ ଟ୍ରଫି: ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୧୧।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଶନିବାର ଉତ୍ତରପ୍ରଦେଶର ଗୁରୁଗ୍ରାମ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୩ ୱିକେଟ୍‌ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୪୮.୩ ଓଭରରେ ୨୨୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂରେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ୩ଟି ଓ ସୟଦ ଟଫେଲ ଅହମ୍ମଦ ୨ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଆଦିତ୍ୟ ଆନନ୍ଦଙ୍କ ଅପରାଜିତ ୫୭ ରନ ବଳରେ ୪୫.୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ପିୟୂଷ ମନ୍ତ୍ରୀ ମଧ୍ୟ ୧୫ ବଲରେ ୩୮ ରନର ଦ୍ରୁତ ପାଳି ଖେଳିଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୪ ୱିକେଟ୍‌ରେ ଗୁଜରାଟ ନିକଟରୁ ହାରିଯାଇଥିଲା।

## ପରାଜୟ ଓଡ଼ିଶାର ପିଛା ଛାଡୁନି

ଭୁବନେଶ୍ୱର, ୧୧।୧୦ (ସମିସ): ଗ୍ୱାଲିୟରର କ୍ୟାପଟେନ ରୂପ ସିଂହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ରେ ପରାଜୟ ଓଡ଼ିଶାର ପିଛା ଛାଡୁନି। ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଛତିଶଗଡ଼ ୪୭ ରନରେ ଓଡ଼ିଶାକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ୫ ୱିକେଟ୍‌ରେ ହାଇଦରାବାଦ୍ ଓ ୪୨ ରନରେ ହିମାଚଳ ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା। ଶନିବାର ଅନୁଷ୍ଠିତ ମ୍ୟାଚରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ୧୧୪ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସୁଶ୍ରୀ ୪ ଓଭରରେ ୧୫ ରନ ବ୍ୟୟରେ ୫ଟି ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ଇନିଂସର ଶେଷ ବଲରେ ମାତ୍ର ୬୭ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଓଡ଼ିଶା ପକ୍ଷରୁ ମାଧୁରୀ ମେହେଟା ୧୮ ଓ ସଙ୍ଗୀତା ଖାଡ଼ିଆ ୧୫ ରନ କରିଥିଲେ।



ଜାତୀୟ ସିନିଅର ମହିଳା ଟି-୨୦

# ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଆଲୋକିକାଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୧।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣର ଦ୍ୱିତୀୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମଧ୍ୟ ଆୟୋଜକ ଓଡ଼ିଶାକୁ ପଦକ ସଫଳତା ମିଳିଛି। ଓଡ଼ିଶାର ଆଲୋକିକା ସ୍ୱାଇଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୮ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଆଲୋକିକା ଏହି ସଫଳତା ପାଇଛନ୍ତି। ଫାଇନାଲ ରାଉଣ୍ଡରେ ଆଲୋକିକା ୪୭.୫୬ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର




୩ୟ ସ୍ଥାନରେ ରହିଥିଲେ। ଏଥିରେ ହରିୟାଣାର ଭବ୍ୟା ପିଲାନିଆ (୫୩.୫୧ମି) ଓ ଝାଡ଼ଖଣ୍ଡର ସବିତା ମୁର୍ମୁ (୪୭.୯୭ମି) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାତେଇନେଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରତୀକ ମହାରଣା ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ଚାଲିବାକୁ ଥିବାରୁ ଓଡ଼ିଶା ଆହୁରି ଅଧିକ ପଦକ ଜିତିବାର ସମ୍ଭାବନା ରହିଛି।

ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

# ଭାରତ-ହଂକଂ କ୍ୱାର୍ଟର ଫାଇନାଲ ଆଜି

ଭୁବନେଶ୍ୱର,୧୧।୧୦(ସମିସ):



ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୮ତମ ଏସୀୟ ଟେବଲ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଶନିବାର କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହା ମଧ୍ୟରୁ ପୁରୁଷ ବିଭାଗରେ ୧୬ଟି ଓ ମହିଳା ବିଭାଗରେ ୧୪ଟି ଦଳ ଭାଗ ନେଇଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବିଭାଗରେ ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ଏଲିଟ ଚାମ୍ପିଅନ୍ସ ଡିଭିଜନକୁ ଯୋଗ୍ୟତା ଅର୍ଜନ କରିବେ। ଏଲିଟ ଡିଭିଜନକୁ ୬ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ଚୀନ୍ ଓ ମହିଳା ବିଭାଗରେ ଜାପାନ୍‌କୁ ଶୀର୍ଷ ମାନ୍ୟତା ମିଳିଛି। ଉଭୟ ବିଭାଗରେ ଭାରତକୁ ଚତୁର୍ଥ ମାନ୍ୟତା ମିଳିଛି। ଆସନ୍ତାକାଲି ଏଲିଟ ବା ଚାମ୍ପିଅନ ଡିଭିଜନର କ୍ୱାର୍ଟର ଫାଇନାଲ ମୁକାବିଲା ଆରମ୍ଭ ହେବ। ଏଥିରେ ଭାରତ ସହ ୬ଷ୍ଠ ସିଡ ହଂକଂର ମୁକାବିଲା ହେବ। ନକ୍‌ଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚ୍ ହାରିଲେ ଟୁର୍ଣ୍ଣାମେଣ୍ଟରୁ ବିଦା ହେବାକୁ ପଡ଼ିବ। ପୁରୁଷ ଦଳ କ୍ୱାଲିଫାୟର-୧ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ୨ଟି ଲେଖାଏଁ ୪ଟି ଚାମ୍ପିଅନ ଡିଭିଜନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଜି ପୁରୁଷ ବିଭାଗ ଗ୍ରୁପ୍-୫'ରେ ଥାଇଲାଣ୍ଡ ଓ କତାର, ଗ୍ରୁପ୍-୧ରେ ଶ୍ରୀଲଙ୍କା ୨ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗ୍ରୁପ୍-୧ରେ ଶ୍ରୀଲଙ୍କା ୩-୧ରେ କିରଜୀଜସ୍ତାନକୁ ଓ ୩-୦ରେ ମଙ୍ଗୋଲିଆକୁ ପରାସ୍ତ କରିଛି। ପୁରୁଷ ବିଭାଗରେ ୫ଟି ଓ ମହିଳା ବିଭାଗରେ ୪ଟି ଗ୍ରୁପ୍ କରାଯାଇଛି। ପୁରୁଷ ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଓ ଏହା ପରେ ୩ଟି ଦ୍ୱିତୀୟ ସ୍ଥାନିତ ଶ୍ରେଷ୍ଠ ଦଳ କ୍ୱାଲିଫାଇଂ କ୍ୱାର୍ଟରଫାଇନାଲକୁ ଉନ୍ନିତ ହେବେ। ମହିଳା ବିଭାଗରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯିବେ। ଏମାନଙ୍କ ମଧ୍ୟରେ ନକ୍‌ଆଉଟ ମୁକାବିଲା ହେବ। ଦୁଇ ଫାଇନାଲିଷ୍ଟ ଦଳ ଏଲିଟ ବା ଚାମ୍ପିଅନ୍ସ ଡିଭିଜନକୁ ଉନ୍ନୀତ ହେବେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS